# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 82 ଭାଗ ୩୪ | ସଂଖ୍ୟା ୮୨ | Saturday 13 June 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୧୩ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ମମତାଙ୍କ ବିରୋଧରେ ଏଫ୍ଆଇଆର୍ ପୃଷ୍ଠା ୨

# କେଜିରୁ ପିଜି ସମସ୍ତଙ୍କୁ ଦେୟମୁକ୍ତ ଶିକ୍ଷା

## ଡବଲ ଇଞ୍ଜିନର ଡବଲ ସଫଳତା

- ଓଡ଼ିଶା ହେବ ପୂର୍ବ ଭାରତର ଶିକ୍ଷା ରାଜଧାନୀ
- ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୧୦ କେଜି ଅତିରିକ୍ତ ଚାଉଳ
- ୨ ବର୍ଷରେ ଦୁଇ ଗୁଣା ହୋଇଛି ଚାଷୀଙ୍କ ଆୟ
- ଆକାଂକ୍ଷା ପୂରଣ ପାଇଁ ମିଶନ ପାୱାର ମୋଡ୍‌ରେ ସରକାର
- ଆଇନଶୃଙ୍ଖଳା ପରିସ୍ଥିତି ଏବେ ରାଜନୈତିକ ରୂପ ନେଇଛି
- ସବୁ ଜିଲ୍ଲାରେ ମେଡିକାଲ କଲେଜ ଓ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ

ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ ମାଗଣା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଶିକ୍ଷାକୁ ପ୍ରକୃତ ଅର୍ଥରେ ଦେୟମୁକ୍ତ ଓ ସାର୍ବଜନୀନ କରିବେ। ଏହାଦ୍ୱାରା ରାଜ୍ୟର ସମସ୍ତ ଶିକ୍ଷାର୍ଥୀ, ବିଶେଷକରି ଆର୍ଥିକ ସ୍ତରରେ ପଛୁଆ



ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ବିଜେପି ସରକାର ଆଜି ରାଜ୍ୟରେ ଦୁଇ ବର୍ଷ ପୂରଣ କରି ତୃତୀୟ ବର୍ଷରେ ପାଦ ଦେଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜେ ଏକ ସାମ୍ବାଦିକ ସମ୍ମିଳନୀରେ ଦୁଇ ବର୍ଷର ସରକାରର ସଫଳତା ଓ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିବା ସହ ଗତ ୨୪ ବର୍ଷର ତଥାକଥିତ ବିଜେଡିର ସୁଶାସନକୁ କଟୁ ସମାଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୁଇଟି ବଡ଼ ଘୋଷଣା ମଧ୍ୟ କରିଛନ୍ତି। ଆଜିଠାରୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଲାଗୁ ହେବ। ଏଥିସହ ସରକାର

ଆଜିଠୁ ରାଜ୍ୟରେ ଲାଗୁ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା। ଏହି ଯୋଜନାରେ ହିତାଧିକାରୀଙ୍କୁ ଆହୁରି ୫ କିଲୋ ଅତିରିକ୍ତ ମାଗଣା ଚାଉଳ ମିଳିବ। ପୂର୍ବରୁ ସେମାନଙ୍କୁ ୫ କେଜି ମାଗଣା ଚାଉଳ ମିଳୁଥିବା ବେଳେ ଏବେ ୧୦ କେଜି ମିଳିବ। ଏହାଦ୍ୱାରା ରାଜ୍ୟର ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଉପକୃତ ହେବେ। ସମୁଦାୟ ଜନସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ଯୋଜନାର ସୁଫଳ ପାଇପାରିବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୮ ହଜାର ୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ।

ସେହିଭଳି କେଜିରୁ ପିଜି ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବର୍ଗର ଛାତ୍ରୀମାନେ ଉପକୃତ ହେବେ। ଶିକ୍ଷା କ୍ଷେତ୍ରରେ ଏପରି ଏକ ପଦକ୍ଷେପ ସାରା ଦେଶରେ ଓଡ଼ିଶାରେ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହେବ। ରାଜ୍ୟରେ ଶିକ୍ଷାର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଚଳିତ ବଜେଟ୍‌ରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୁଇ ବର୍ଷ ମଧ୍ୟରେ ଉପାନ୍ତ ଅଞ୍ଚଳଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲାଯାଇଛି। ଆଗାମୀ ଦିନରେ ଓଡ଼ିଶାକୁ ପୂର୍ବ ଭାରତର ଉଚ୍ଚଶିକ୍ଷା ରାଜଧାନୀ ଭାବେ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ରାଜନୈତିକ କାରଣରୁ ଜାତୀୟ ଶିକ୍ଷା ନୀତି(ଏନ୍ଇପି)-୨୦୨୦କୁ ପୃଷ୍ଠା-୬

## ବିଜେଡି ସରକାରକୁ ଧୋଇଦେଲେ ମୋହନ

**ଜଣଙ୍କ ଇଚ୍ଛା ଓ କଳ୍ପନାରେ ଚାଲୁଥିଲା ସରକାର**

ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୂର୍ବ ବିଜେଡି ସରକାରକୁ ଖୋଲା ସମାଲୋଚନା କରିଛନ୍ତି। ତଥାକଥିତ ସୁଶାସନ ସମୟରେ ଲୋକେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋଲା କଥା ହେବାର ସୁଯୋଗ ପାଉ ନ ଥିଲେ। ରାଜ୍ୟର ପ୍ରତ୍ୟେକ ଗାଁକୁ ବିଜୁଳି, ପାଣି, ସବୁଦିନିଆ ରାସ୍ତା ଭଳି ମୌଳିକ ସୁବିଧା ପହଞ୍ଚି ପାରି ନ ଥିଲା। ୨୪ ବର୍ଷ ଧରି ଶାସନରେ ରହିଲେ, କିନ୍ତୁ କାହିଁକି ବିଫଳ ହେଲେ, କିଏ ତାଙ୍କ ହାତ ବାନ୍ଧି ଦେଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜନୈତିକ ଦୃଷ୍ଟିରୁ ଜାତୀୟ ଶିକ୍ଷା ନୀତି ଓ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରାଯାଇ ନ ଥିଲା। ସବୁ ସରକାରୀ ନିଯୁକ୍ତିରେ ପ୍ରତିବନ୍ଧକ ଲଗାଇଥିଲେ ବିଜେଡି ସରକାର। ବିରୋଧୀ ଦଳ କହୁଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। କିନ୍ତୁ କେଉଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଅଭିଯୁକ୍ତ ଗିରଫ ହୋଇନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିପାରିବେ କି ବୋଲି ମୁଖ୍ୟମନ୍ତ୍ରୀ ପୃଷ୍ଠା-୬

## ବିଧର୍ମୀ କାମ କରୁଛି ଇସ୍କନ

ବିଦେଶରେ ଇସ୍କନ ପକ୍ଷରୁ ଆୟୋଜିତ ହେଉଥିବା ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁଙ୍କ ପ୍ରତିଟି ପର୍ବପର୍ବାଣୀର ସ୍ୱତନ୍ତ୍ରତା ରହିଛି, କିନ୍ତୁ କିଛି ସନାତନ ବିରୋଧୀ ପରମ୍ପରା, ରୀତିନୀତି ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା ଇସ୍କନ ଏଭଳି ବିଧର୍ମୀ କାର୍ଯ୍ୟ କରିଆସୁଛି। ଯେଉଁ ସମୟରେ ଯାହା ପାଳନ କରିବା କଥା ତା'ର ବ୍ୟତିକ୍ରମ କରୁଛନ୍ତି। ଗଜପତି ମହାରାଜା ନିଜେ ଉଦ୍‌ବେଗ ଜଣାଇଛନ୍ତି। ଶଙ୍କରାଚାର୍ଯ୍ୟ ମଧ୍ୟ ବିଭିନ୍ନ ସମୟରେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆମେ ଏହାକୁ ଗୁରୁତର ସହ ନେଇ ଆବଶ୍ୟକ ପଦକ୍ଷେପ ନେବୁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

## କୋଟିଆ ପାଇଁ ସ୍ୱତନ୍ତ୍ର ଅଧିକାରୀ

■ ଗୃହମନ୍ତ୍ରୀ ଓ ଜଳଶକ୍ତି ମନ୍ତ୍ରୀଙ୍କ ସହ ହେବ ମିଳିତ ବୈଠକ

କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ଓ ମହାନଦୀ ପ୍ରସଙ୍ଗରେ ମଧ୍ୟ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କୋଟିଆରେ ଅନୁପ୍ରବେଶ ରୋକିବାକୁ ଜଣେ ଏଡିଏମ ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିସହ ସେଠାରେ ବିକାଶମୂଳକ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରାଯିବ ସେଥିପାଇଁ ଆରଡିସିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ମହାନଦୀ ବିବାଦରେ ସେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରୀ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ମିଳିତ ବୈଠକ କରି ବିବାଦର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

**ନିଯୁକ୍ତି ଓ ଏଲ-ନିନୋ ବଡ଼ ଚ୍ୟାଲେଞ୍ଜ**

ଦୁଇ ବର୍ଷର ସରକାରରେ ଚାଷୀଙ୍କ ଆୟ ଦୁଇଗୁଣା ହେବ ସବୁଠୁ ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଯୁବକଙ୍କ ନିଯୁକ୍ତି ଓ ଏଲ-ନିନୋର ସମ୍ଭାବ୍ୟ ପ୍ରଭାବ ଦୁଇ ବଡ଼ ଚ୍ୟାଲେଞ୍ଜ। ଚାଷୀଙ୍କୁ ଇନ୍‌ପୁଟ ସବସିଡି ସହ ପିଏମ କିଷାନ ଓ ସିଏମ କିଷାନ ସହାୟତା ମିଳୁଛି। ପୃଷ୍ଠା-୬

## ରାଜ୍ୟରେ କାର୍ଯ୍ୟକାରୀ ହେବ ଭିବିଜିରାମଜୀ

- ୬ ବିଭାଗର ୮ ପ୍ରସ୍ତାବକୁ ମଞ୍ଜୁରୀ
- ସବୁ ସହର ନାଁ ଇଂରାଜୀରେ ଓଡ଼ିଶା ଭଳି ଉଚ୍ଚାରଣ ହେବ
- ଅଚଳ ସୂତାକଳର ବକେୟା ବୋଝ ସରକାର ଭରଣା କରିବେ



ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ)ଃ ଏଣିକି ରାଜ୍ୟର ସବୁ ସହରର ନାଁ ଓଡ଼ିଶାରେ ଯେମିତି ଉଚ୍ଚାରଣ ହେଉଛି, ଇଂରାଜୀରେ ମଧ୍ୟ ସେହିଭଳି ଉଚ୍ଚାରଣ ହେବା ସହ ଲେଖା ମଧ୍ୟ ଯିବ। ଏ ସମ୍ପର୍କରେ ଆଜି ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏହି କ୍ରମରେ ରାଜ୍ୟର ୨୬ ଜିଲ୍ଲାର ୬୪ ସହରର ନାମ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବିଭିନ୍ନ ଜିଲ୍ଲା ଓ ଜିଲ୍ଲା ପ୍ରତିଧିନିଙ୍କ ପ୍ରସ୍ତାବ ଆଧାରରେ ଏହି ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଆଜି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୪୨ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆଜିର କ୍ୟାବିନେଟ୍ ବୈଠକ ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବକୁ ମିଶାଇ ମୋଟ ୩୦୧ଟି ପ୍ରସ୍ତାବକୁ ଗତ ଦୁଇ ବର୍ଷ ମଧ୍ୟରେ ମନ୍ତ୍ରୀ ପରିଷଦ ଅନୁମୋଦନ ଦେଇଛନ୍ତି। ଏହା ରାଜ୍ୟ ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଆଜି ରାଜ୍ୟ କ୍ୟାବିନେଟରେ ୬ଟି ବିଭାଗର ୮ଟି ପ୍ରସ୍ତାବକୁ ଅନମୋଦନ ମିଳିଛି। ବୟନ ଓ ହସ୍ତତନ୍ତ ବିଭାଗ ଅଧିନରେ ଥିବା ୧୦ଟି ସୂତାକଳର ସବୁ ବକେୟା ଅର୍ଥ ସରକାର ଭରଣା କରିବେ। ଏହି ୧୦ଟି ଅଚଳ ସୂତାକଳ ଉପରେ ୩୬୧ରୁ ଅଧିକ ଟଙ୍କା ବକେୟା ପଡ଼ିଛି। ଏହି ବକେୟା ପରିଷୋଧ ପରେ ସେସବୁ ଜମି ଇଡକୋ ଅଧିନକୁ ଆସିବ। ଏହି ଜମିକୁ ପରବର୍ତ୍ତୀ ସମୟରେ ବୟନ ଶିଳ୍ପ କିମ୍ବା ଅନ୍ୟ ଶିଳ୍ପ ପାଇଁ ବିନିଯୋଗ କରାଯାଇପାରିବ। ଏଥିସହ ଓଡ଼ିଶା ହସ୍ତତନ୍ତ ମିନିଷ୍ଟରିଆଲ ସର୍ଭିସ ପୃଷ୍ଠା-୬

ନିଟ୍ ପୁନଃପରୀକ୍ଷା ପାଇଁ ଏନଟିଏର ସ୍ୱତନ୍ତ୍ର ଘୋଷଣା

## ଛାତ୍ରଛାତ୍ରୀଙ୍କୁ ମିଳିବ ଅଧିକ ୧୫ ମିନିଟ୍

■ ରଫ୍ ପାଇଁ ମିଳିବ ଅଧିକ ସ୍ଥାନ

ନୂଆଦିଲ୍ଲୀ,୧୨।୬(ସଂଚାର ବ୍ୟୁରୋ)ଃ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ନିଟ-ୟୁଜି ୨୦୨୬ ପରୀକ୍ଷା ସମ୍ପର୍କରେ ପ୍ରାର୍ଥୀମାନଙ୍କ ପାଇଁ ଏକ ବଡ଼ ଅପଡେଟ ଜାରି କରିଛି। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନିଟ୍ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପରୀକ୍ଷାର ମୋଟ ଅବଧିକୁ ୧୯୫ ମିନିଟକୁ ବୃଦ୍ଧି କରାଯାଇଛି। ଯାହା ଫଳରେ ପରୀକ୍ଷାର୍ଥୀଙ୍କୁ ପେପର ପୂରଣ କରିବା ପାଇଁ ଅଧିକ ୧୫ ମିନିଟ୍ ସମୟ ମିଳିବ। ଏଥିସହ ପ୍ରଶ୍ନପତ୍ର ଉପରେ ରଫ୍ କରିବା ସକାଶେ ଅଧିକ ସ୍ଥାନ ଯୋଗାଇ ଦିଆଯିବ। ଏନଟିଏ ଅନୁଯାୟୀ, ଛାତ୍ରଙ୍କ ମତାମତ ଆଧାରରେ ଓ ପରୀକ୍ଷା ପ୍ରକ୍ରିୟାକୁ ସରଳ କରିବା ପାଇଁ ଏପରି ପରିବର୍ତ୍ତନ କରାଯାଇଛି। ଏନଟିଏ ଘୋଷଣା କରିଛି ଯେ ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଉପସ୍ଥାନ ପତ୍ରରେ ଦସ୍ତଖତ କରିବା ଓ ଅନ୍ୟାନ୍ୟ ଆବଶ୍ୟକ ପରୀକ୍ଷା ପ୍ରକ୍ରିୟା ଅନ୍ତର୍ଭୁକ୍ତ। ପ୍ରଶାସନିକ ପ୍ରକ୍ରିୟା ଦ୍ୱାରା ସେମାନଙ୍କର ପରୀକ୍ଷା ସମୟ ପ୍ରଭାବିତ ନ ହେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।




■ ୧୪ରୁ ୧୬ ପର୍ଯ୍ୟନ୍ତ ଫ୍ରାନ୍ସରେ 'ଭାରତ ଇନୋଭେଟ୍ସ'ର ଅନ୍ତର୍ଜାତୀୟ ପ୍ରଦର୍ଶନୀ

## ବିଶ୍ୱରେ ପ୍ରଦର୍ଶିତ ହେବ ଭାରତର ଇନୋଭେସନ ଶକ୍ତି




- ମୋଦି ଓ ମାକ୍ରୋନଙ୍କ ଉପସ୍ଥିତିରେ ହେବ ଉଦ୍‌ଘାଟନ
- ୧୨୦ ନୂତନ ଷ୍ଟାର୍ଟଅପ୍ ଭାରତୀୟ ପ୍ରତିଭାର ପ୍ରଦର୍ଶନ କରିବେ

ନୂଆଦିଲ୍ଲୀ,୧୨।୬(ସଂଚାର ବ୍ୟୁରୋ)ଃ ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଅନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ଏଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ'ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆସନ୍ତା ୧୪ରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ 'ଭାରତ ପୃଷ୍ଠା-୬

## ଭାରତ ସମେତ ୫ ଦେଶରେ ମେଟା ବ୍ଲାକ୍‌ଆଉଟ୍



ନୂଆଦିଲ୍ଲୀ,୧୨।୬ଃ ଶୁକ୍ରବାର ସନ୍ଧ୍ୟାରେ ଟେକ୍ ଜାଏଣ୍ଟ ମେଟାରେ ଅଚାନକ ଏକ ବଡ଼ ବୈଷୟିକ ସମସ୍ୟା ଦେଖାଦେଇଛି। ଫଳରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। କେତେକ ପ୍ରଯୁକ୍ତିଗତ ସମସ୍ୟା କାରଣରୁ ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ମେସେଞ୍ଜର ଏବଂ ହ୍ୱାଟ୍ସଆପ୍ ଭଳି ମେଟା ଦ୍ୱାରା ପରିଚାଳିତ ପ୍ରମୁଖ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି।

**ଫେସବୁକ୍, ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍ ଅଚଳ**

ମେଟାରେ ବୈଷୟିକ ସମସ୍ୟା ଦେଖାଦେବା କାରଣରୁ କୌଣସି ବି ଉପଭୋକ୍ତା ମେଟାର ସୋସିଆଲ ମିଡ଼ିଆ ପ୍ଲାଟଫର୍ମଗୁଡ଼ିକୁ ଆକ୍ସେସ୍ କରିପାରି ନଥିଲେ। ଭାରତୀୟ ସମୟ ସନ୍ଧ୍ୟା ପାଖାପାଖି ୭ଟା ୧୫ ମିନିଟରେ ସମସ୍ୟା ଆରମ୍ଭ ହୋଇଥିଲା। ଏହା ପରେ ମେଟାର 'ବିଭ୍ରାଟ-ନିରୀକ୍ଷଣ ୱେବସାଇଟ୍'ରେ ଅଭିଯୋଗ ସଂଖ୍ୟା ବୃଦ୍ଧି ପାଇଥିଲା। ଡାଉନ୍ ଡିଟେକ୍ଟର କିଛି ମିନିଟ୍ ମଧ୍ୟରେ ୧ ଲକ୍ଷରୁ ଅଧିକ ରିପୋର୍ଟ ରେକର୍ଡ କରିଥିବା ମେଟା ଜଣାଇଛି। ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ୟୁରୋପ୍ ଓ ଫିଲିପାଇନ୍ସର ଉପଭୋକ୍ତାମାନେ ବ୍ୟାପକ ସେବା ବିଫଳତା ସମ୍ପର୍କରେ ରିପୋର୍ଟ କରିଥିବା ମେଟା କହିଛି।

ଏହି ବିଭ୍ରାଟରେ ମୋବାଇଲ୍ ଓ ଡେସ୍କଟପ୍ ପ୍ଲାଟଫର୍ମର ବ୍ୟବହାରକାରୀମାନେ ସବୁଠୁ ବେଶି ପ୍ରଭାବିତ ହୋଇଥିଲେ। ଫେସବୁକ୍ ଓ ମେସେଞ୍ଜର ବ୍ୟବହାରକାରୀମାନେ ଅପ୍ରତ୍ୟାଶିତ ଭାବରେ ସେମାନଙ୍କ ଆକାଉଣ୍ଟରୁ ଲଗ୍ ଆଉଟ୍ ହୋଇଥିବା ରିପୋର୍ଟ କରିଥିଲେ। ଆଉଥରେ ଲଗ୍ ଇନ୍ କରିବାକୁ ଚେଷ୍ଟା କରିବା ବେଳେ 'ଏରର ମେସେଜ' ଦେଖାଇଥିଲା। ନହେଲେ ସ୍କ୍ରିନ୍ ସମ୍ପୂର୍ଣ୍ଣ ବ୍ଲାଙ୍କ ହୋଇଯାଇଥିଲା। ଇନଷ୍ଟାଗ୍ରାମ ବ୍ୟବହାରକାରୀମାନେ ଷ୍ଟୋରି ଅପ୍‌ଲୋଡ୍ କରିବାରେ ବିଫଳ ହେବା (ଫ୍ରୋଜେନ୍ ଫିଡ୍ସ) ସହ ମେସେଜ ପଠାଇ ପାରି ନଥିଲେ। ବାରମ୍ବାର ଆପ୍ କ୍ରାସ୍ ହୋଇଥିଲା। ହ୍ୱାଟ୍ସଆପ୍ ବ୍ୟବହାରକାରୀମାନେ ନେଟ୍ ସଂଯୋଗରେ ସମସ୍ୟା ସହ ମେସେଜ ପ୍ରେରଣରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେହିପରି ହ୍ୱାଟ୍ସଆପକୁ ଡେସ୍କଟପ୍‌ରେ ସଂଯୋଗ କରାଯାଇପାରି ନଥିଲା। ପୃଷ୍ଠା-୬

## ପ୍ରାକ୍-ରେରା ଆପାର୍ଟମେଣ୍ଟ ପାଇଁ ସରଳ ହେଲା ପଞ୍ଜୀକରଣ




ଭୁବନେଶ୍ୱର,୧୨।୬ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ଘର କ୍ରେତା, ଜମି ମାଲିକ ଓ ପ୍ରମୋଟରମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାଦ୍ୱାରା ଗତ ୨୦୧୬ ଅକ୍ଟୋବର ୫ରେ ରିଅଲ୍ ଇଷ୍ଟେଟ୍ (ରେଗୁଲେସନ୍ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ ବା 'ରେରା' ଲାଗୁ ହେବା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ ସହଜ ହୋଇପାରିବ। ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନାରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ, ୨୦୨୩ ପ୍ରଣୟନ କରାଯାଇଥିଲା। ତଥାପି ପ୍ରାକ୍-ରେରା ପ୍ରକଳ୍ପଗୁଡ଼ିକରେ ବହୁସଂଖ୍ୟକ ଆପାର୍ଟମେଣ୍ଟ କ୍ରେତା ହସ୍ତାନ୍ତର ଦଲିଲ ପଞ୍ଜୀକରଣ କରିବାରେ ପୃଷ୍ଠା-୬

## ପ୍ରତିରକ୍ଷା ଏଲିଟ୍ କ୍ଲବ୍‌ରେ ଭାରତ

ନୂଆଦିଲ୍ଲୀ,୧୨।୬ଃଜୁନ୍ ୧୦ ଏବଂ ୧୧ ତାରିଖରେ ଲଗାତାର ତିନୋଟି କ୍ଷେପଣାସ୍ତ୍ରର ସଫଳ ଉଡ଼ାଣ ପରୀକ୍ଷଣ କରି ଭାରତର ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିବା ସହ ପ୍ରତିରକ୍ଷା ଏଲିଟ୍ କ୍ଲବ୍‌ରେ ସାମିଲ୍ ହୋଇଛି। ଏହି ତିନୋଟି ଉଡ଼ାଣ ପରୀକ୍ଷା ବେଳେ ଭାରତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ଓ ଜାହାଜ ପ୍ରତିରୋଧୀ ଯୁଦ୍ଧ କ୍ଷମତାର ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରିଛି। ଏହି ସଫଳ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଏହି ସଫଳତା ଭାରତର ପ୍ରତିରକ୍ଷା ପ୍ରସ୍ତୁତିକୁ ଉଲ୍ଲେଖନୀୟ ମଜଭୁତ କରିବ।

## ଏଲନ୍ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିଅନେୟର

ୱାଶିଂଟନ୍, ୧୨।୬ଃବିଶ୍ୱର ସବୁଠୁ ଧନୀବ୍ୟକ୍ତି ଏଲନ୍ ମସ୍କ ଶୁକ୍ରବାର ବିଶ୍ୱର ପ୍ରଥମ ଟ୍ରିଲିଅନେୟାର (ଖରବପତି) ହୋଇଛନ୍ତି। ଶୁକ୍ରବାର ଷ୍ଟକ୍ ମାର୍କେଟ୍‌ର ପ୍ରଥମଦିନର ଟ୍ରେଡିଂ ପରେ ତାଙ୍କ ରକେଟ୍ କମ୍ପାନୀ ସ୍ପେଶ୍-ଏକ୍ସର ଅଂଶଧନ ୧୧ ପ୍ରତିଶତ ବୃଦ୍ଧିପାଇ ୧୫୦ ପହଞ୍ଚିଥିଲା ଓ ପରେ ଏହା ୧୬୭ ଡଲାରକୁ ଲମ୍ଫ ମାରିଥିଲା। ଏହାର ଫଳସ୍ୱରୂପ କମ୍ପାନୀର ବଜାର ମୂଲ୍ୟ ୨.୧୮ ଟ୍ରିଲିଅନ ଡଲାର ହୋଇଥିଲା। ସ୍ପେଶ୍-ଏକ୍ସ ସେୟାରର ପ୍ରାରମ୍ଭିକ 'ପବ୍ଲିକ୍ ଅଫରିଂ ପ୍ରାଇସ୍' ୧୩୫ ଡଲାରରୁ ଲମ୍ଫଦେଇ ୧୫୦ ଡଲାରରେ ପହଞ୍ଚିବା ପରେ ମସ୍କଙ୍କୁ ଖର୍ବପତି ଘୋଷଣା କରାଯାଇଥିଲା। ତାଙ୍କର ନେଟ୍ ସମ୍ପତ୍ତି ମଧ୍ୟରେ ରହିଛି ସ୍ପେଶ-ଏକ୍ସ ଓ କ୍ଲିନ୍ ଏନର୍ଜୀ କମ୍ପାନୀ ଟେସଲାରେ ଥିବା ତାଙ୍କର ଷ୍ଟକ୍। ୨୦୨୧ରେ ଟେସଲାର ସେୟାର ବୃଦ୍ଧିପାଇ ୧୮୫ ବିଲିୟନ ଡଲାର ଅତିକ୍ରମ କରିବା ପରେ ସେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କୁ ପଛରେ ପକାଇ ବିଶ୍ୱର ସବୁଠାରୁ ଧନୀବ୍ୟକ୍ତି ହୋଇଥିଲେ।



**କାନ ଡେରିଥା**

ଏତେ ପାଠ ପଢ଼ି ଆଇଏଏସ ହୋଇ
ମୁଣ୍ଡ ବିକ୍ରି କରିଦେବେ
ରାଜନୀତି କଥା ମୁଣ୍ଡରେ ପୁରେଇ
ତୁଣ୍ଡକୁ ବନ୍ଦ ରଖିବେ
ନିର୍ବାଚନେ କାମ ଦେବେ...
ଦଳୀୟ କାର୍ଯ୍ୟରେ ବ୍ୟବହାର
ହୋଇ
ଇଜ୍ଜତ ହରାଉ ଥିବେ ।

ଦେବାଶିଷ

ମୁଖ୍ୟମନ୍ତ୍ରୀଙ୍କୁ ସରପଞ୍ଚଙ୍କ ଚିଠି

## 'ମୋ ଇଜ୍ଜତ ମାଗୁଥିଲେ ବିଧାୟକ'

**ମୁହଁରେ ତୁଣ୍ଡି ଦେଇ ବସିଛନ୍ତି ବିଧାୟକ**



ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ)ଃ ବହୁଚର୍ଚ୍ଚିତ ମହିଳା ସରପଞ୍ଚ ଚାମେଲି ଓଝା ପୁଲିସ୍ ମାଡ଼ରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କିଭଳି ତାଙ୍କ ପଛରେ ପଡ଼ିବା ସହ ଇଜ୍ଜତକୁ ନେଇ ଖେଳିବାକୁ ଚାହିଁଥିଲେ ତାହାର ଗୁମର ଖୋଲିଛନ୍ତି। ଡାକ୍ତରଖାନା ବେଡ୍‌ରୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଚାମେଲି ଏ ବିଷୟରେ ଟିକିନିଖି ଭାବେ ଅବଗତ କରାଇଛନ୍ତି।

ବିଡିଓଙ୍କ ଦପ୍ତରରେ ଚାମେଲିଙ୍କଠାରୁ ମୋବାଇଲ୍ ଛଡ଼ାଇବା ଓ ଥାନାରେ ପୁଲିସ୍ ମାଡ଼ରେ ଆହତ ହୋଇଥିବା ଚାମେଲି ସିଧାସଳଖ ମୋହନ ଚରଣ ମାଝୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ଯେ ୨୦୧୭ରୁ ସେ ବିଜେପିର ଜଣେ ଶୃଙ୍ଖଳିତ ସଦସ୍ୟା ରହିଆସିଥିବା ବେଳେ ଏବେ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ସରପଞ୍ଚ ଅଛନ୍ତି। ନିକଟରେ ବିଜେପି ସଦସ୍ୟ ସଂଖ୍ୟା ବୃଦ୍ଧିରେ ତାଙ୍କର ବହୁତ ବଡ଼ ଯାଗଦାନ ରହିଛି। ସବୁବେଳେ ସେ ବିଜେପି ପାଇଁ କାମ ବି କରିଆସୁଛନ୍ତି।

ହେଲେ ଦଳ ପାଇଁ କାମ କରିବା ସମୟରେ ବିଧାୟକ ଦୁର୍ଗାପ୍ରସନ୍ନ ତାଙ୍କଠାରୁ ଅନେକ କିଛି ପାଇବା ପାଇଁ ଆଶା କରିଥିଲେ। ସମ୍ମାନକୁ ଦୃଷ୍ଟିରେ ରଖି ସେ ବିଧାୟକଙ୍କ ଆଶା ପୂରଣ କରିପାରିଲେ ନାହିଁ। ଯେଉଁଥିପାଇଁ ବିଧାୟକଙ୍କ ଇସାରାରେ ତାଙ୍କର କିଛି କୁଜି ନେତା ଚାମେଲିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଛନ୍ତି। ଚାମେଲିଙ୍କର ଏହି ଦୁଇଧାଡ଼ି କଥାରୁ ସ୍ପଷ୍ଟ ଜଣାପଡୁଛି ଯେ ସରପଞ୍ଚଙ୍କ ଉପରେ ବିଧାୟକଙ୍କର ଲୋଲୁପ ଦୃଷ୍ଟି ଥିଲା। ତାଙ୍କ ଇଜ୍ଜତ ସହ ଖେଳି ନ ପାରିବାରୁ ବିଧାୟକ ଦୁର୍ଗାପ୍ରସନ୍ନ ତାଙ୍କ ଉପରେ ଅପ୍ରସନ୍ନ ହୋଇ ପଡ଼ିଥିଲେ।

ଚାମେଲି ଆହୁରି ଲେଖିଛନ୍ତି ଯେ ବିଧାୟକଙ୍କ ଏଭଳି ନିର୍ଯାତନାରେ ମହାକାଳପଡ଼ା ବିଡିଓ ବି ସାମିଲ ଅଛନ୍ତି। ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ ବୋଲି ବ୍ୟକ୍ତିଗତ ଭାବେ ବିଡିଓଙ୍କୁ ଭେଟିବାରୁ ସେ କହିଥିଲେ ଆଗେ ବିଧାୟକଙ୍କ କଥା ବୁଝ। ଗତ ୧୧ ତାରିଖ ଦିନ ବିଡିଓଙ୍କ ଦପ୍ତରକୁ ଯାଇଥିବା ବେଳେ ତାଙ୍କରି ନିର୍ଦ୍ଦେଶରେ କିଛି ଲୋକ ଆସି ତାଙ୍କୁ ମାଡ଼ ମାରିବା ସହ ଛବିରାଣୀ ଭଳି ଟେକିନେଇ ଦୁଷ୍କର୍ମ କରିବାକୁ ଧମକ ଦେଇଥିଲେ। କେବଳ ବିଡିଓ କିମ୍ବା କୁଜି ନେତା ନୁହଁନ୍ତି, ପୁଲିସ୍ ତାଙ୍କୁ ନେବା ସମୟରେ ତିନି ଜଣ କନେଷ୍ଟବଳ ତାଙ୍କ ପିଠି ଆଉ ଛାତିକୁ ମାଡ଼ ମାରିଛନ୍ତି ବୋଲି ମଧ୍ୟ ଚାମେଲି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ବିଜେପି ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରି ନିଜର ସଫଳତା ବଖାଣୁଥିବା ବେଳେ ନିଜ ଦଳର ଜଣେ ମହିଳା ସରପଞ୍ଚ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଏଭଳି ଅଭିଯୋଗ ସଙ୍ଗୀନ ଆଣିବା ଏବେ କେନ୍ଦ୍ରାପଡ଼ା ସମେତ ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ଚାମେଲି ଚିଠିରେ ଏଭଳି ଗୁରୁତର ଅଭିଯୋଗ ଆଣିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସବୁକିଛି କହିବେ ବୋଲି ସମୟ ମଧ୍ୟ ମାଗିଛନ୍ତି। ଜଣେ ମହିଳା ସରପଞ୍ଚଙ୍କର ଏଭଳି ସାହସ ଏବେ ବିଧାୟକ ଦୁର୍ଗାପ୍ରସନ୍ନଙ୍କୁ ଅଡ଼ୁଆରେ ପକାଇ ଦେଇଛି। କେନ୍ଦ୍ରାପଡ଼ା ଭଳି ଜିଲ୍ଲାରୁ ଏକମାତ୍ର ବିଜେପି ବିଧାୟକ ଭାବେ ବିଜୟ ପୃଷ୍ଠା-୬

ପୋଖରୀ ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ବୁଲି ଦେଖିଥିଲେ- ମନ୍ତ୍ରୀ

## ଚାରି ପାର୍ଶ୍ୱଅରେ ଜବରଦଖଲ ଉଚ୍ଛେଦ ଦାବି



ଧାମନଗର,୧୨।୬ (ସଂଚାର ବ୍ୟୁରୋ)ଃ ଧାମନଗର ଏନ୍‌ଏସିଅନ୍ତର୍ଗତ ତଥା ସହରର ସଦର ମହାକୁମା ଠାରେ ଐତିହାସିକ ବହୁ ପୁରାତନ ଜଗୁସାଗର ପୋଖରୀ ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ ଗୁରୁବାର ଅଚାନକ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ଓ ଗୁଣବତ୍ତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ନିର୍ମାଣ କାର୍ଯ୍ୟର ମାନ, ଯୋଜନାବଦ୍ଧ କାର୍ଯ୍ୟାନ୍ୱୟନ ଏବଂ ପ୍ରକଳ୍ପର ସାମଗ୍ରିକ ଅଗ୍ରଗତି ଉପରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉତ୍ତମ ମାନରେ ସମ୍ପନ୍ନ କରିବା ପାଇଁ ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଐତିହ୍ୟର ସୁରକ୍ଷା ଓ ଜନସାଧାରଣଙ୍କ ସୁବିଧା ସରକାରଙ୍କ ପ୍ରାଥମିକତା ମଧ୍ୟରେ ରହିଛି। ଜଗୁସାଗର ପୋଖରୀର ନବୀକରଣ କେବଳ ଏକ ଉନ୍ନୟନମୂଳକ ପଦକ୍ଷେପ ନୁହେଁ, ବରଂ ଧାମନଗରର ଗୌରବମୟ ଐତିହ୍ୟକୁ ସଂରକ୍ଷଣ କରିବାର ଏକ ସାର୍ଥକ ପ୍ରୟାସ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଜଗୁସାଗର ପୋଖରୀର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ ଓ ଜନଉପଯୋଗୀ ସ୍ଥାନରେ ପରିଣତ ହେବ ବୋଲି ଆଶା କରାଯାଉଛି। ତେବେ ପୋଖରୀର ଚାରି ପାର୍ଶ୍ୱଅରେ ଜବରଦଖଲ ଉଚ୍ଛେଦକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଯଥାଶୀଘ୍ର ଉଚ୍ଛେଦ ପାଇଁ ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି।

### ଉନ୍ନତ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର

# ଆଧୁନିକ ପଦ୍ଧତିରେ ବାର୍ଷିକ ଏକର ପିଛା ୩ ଲକ୍ଷ ଲାଭ



**କିଭଳି କରିବେ ଆବେଦନ ?**

ସାଧାରଣ ଚାଷୀ, ମହିଳା ସ୍ୱୟଂ ଗ୍ରୁପ୍ ଏବଂ ବେକାର ଯୁବକମାନେ ଏହି ଯୋଜନାର ଲାଭ ଉଠାଇପାରିବେ। ଆଗ୍ରହୀ ହିତାଧିକାରୀମାନେ ଅଧିକ ସୂଚନା ପାଇଁ ସିଧାସଳଖ ନିଜ ବ୍ଲକ କିମ୍ବା ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। 'ଉନ୍ନତ ମତ୍ସ୍ୟଚାଷ ହିଁ ଆଗାମୀ ଦିନରେ ଗ୍ରାମୀଣ ଅର୍ଥନୀତିର ଚିତ୍ର ବଦଳାଇବ' ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଗରଦପୁର,୧୨।୬(ସଂଚାର ବ୍ୟୁରୋ)ଃ ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କରି ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ଏକ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଚାଷୀ ଭାଇ ଓ ଭଉଣୀ ଯୋଗଦେଇ ଆଧୁନିକ ମତ୍ସ୍ୟଚାଷର ଗୁରୁତ୍ୱପୂର୍ଣ୍ଣ କୌଶଳ ଶିଖିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ (ବିଡ଼ିଓ) ଶ୍ରୀ ଆଲୋକ କୁମାର ସେଠୀ, ଡିଏଫ୍‌ଓ ଶ୍ରୀ ଆଲୋକ କୁମାର ନାଥ ଏବଂ ବ୍ଲକ ଅଧ୍ୟକ୍ଷ ଶ୍ରୀ ଅଭୟ କୁମାର ମହାରାଜ, ଏବିଡିଓ ସଞ୍ଜୟ କୁମାର ଦାସ, ଡିଏଫଓ ଆଲୋକ କୁମାର ନାଥ, ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ମା ବୁଢ଼ୀ ଜାଗୁଲାଇ ଫିସ ସିଡ୍ ହାଚେରିର ମାଲିକ କମଳାକାନ୍ତ ସ୍ୱାଇଁ, ଏଏଫଓ ଜ୍ୟୋତ୍ରିମୟୀ ମହାନ୍ତି, ସାଗରମିତ୍ର ଦୀପକ ବେହେରାଙ୍କ ସହିତ ଶତାଧିକ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ପାରମ୍ପରିକ ପଦ୍ଧତି ବଦଳରେ ପୋଖରୀରୁ ପଙ୍କ ଉଦ୍ଧାର କରି ଏବଂ ସ୍ୱଳ୍ପ ଜଳରେ 'ବାୟୋ-ଫ୍ଲକ ଟେକ୍ନୋଲୋଜି' ଆପଣାଇଲେ ଚାଷୀମାନେ ବାର୍ଷିକ ଏକର ପିଛା ପ୍ରାୟ ୩ ଲକ୍ଷ ଟଙ୍କା ଲାଭ ପାଇପାରିବେ। ବିଶେଷ କରି ବଜାରରେ ରୋହି, ଭାକୁର ଓ ମିରିକାଳି ମାଛର ଚାହିଦା ଅଧିକ ଥିବାରୁ ଏହା ଅଧିକ ଲାଭ ଦେବ। ସରକାରୀ ଯୋଜନାରେ ବିପୁଳ ସହାୟତା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ବାୟୋ-ଫ୍ଲକ ଟ୍ୟାଙ୍କ ପାଇଁ ୯୦% ପର୍ଯ୍ୟନ୍ତ ସରକାରୀ ସହାୟତା(୭ ରୁ ୮.୭ ଲକ୍ଷ ଟଙ୍କା) ଏବଂ ଏରେଟର କିଣିବା ଉପରେ ୪୦% ସବସିଡି ମିଳୁଛି।

## ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ଆୟ



କେନ୍ଦ୍ରାପଡ଼ା, ୧୨।୬(ସଂଚାର ବ୍ୟୁରୋ)ଃ ଆଜି ଶ୍ରୀ ଆରାଧ୍ୟା ଦେବତା ଶ୍ରୀ ବଳଦେବଜୀଉଙ୍କ ଜଗମୋହନ ଦେଉଳରେ ସ୍ଥାପିତ ହୁଣ୍ଡିକୁ ଖୋଲାଯାଇ ଗଣତିପରେ ୪, ୬୦, ୨୪୦/- (ଚାରିଲକ୍ଷ ଷାଠିଏ ହଜାର ଦୁଇଶତ ଚାଳିଶି ଟଙ୍କା) ମନ୍ଦିରର ପାଣ୍ଠିଭୁକ୍ତ କରାଯାଇଅଛି। ଏହି ଗଣତି କାର୍ଯ୍ୟରେ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟ ନୃସିଂହ ଚରଣ ପତ୍ରୀ, ଅଫିସ ସହାୟକ ଶରତ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ କର୍ମଚାରୀ ପତିତପାବନ ଲେଙ୍କା, ପ୍ରବୋଧ ପଣ୍ଡା, ନାରାୟଣ ଜେନା, ରାଜକିଶୋର ମହାନ୍ତି ଓ ଦେବଦତ୍ତର ସଂସ୍ଥାର କର୍ମଚାରୀ ମାନେ ଉପସ୍ଥିତ ରହି ଗଣତି କାର୍ଯ୍ୟରେ ସହଯୋଗ କରିଥିଲେ।

## ତିନି ଦଫା ଦାବି ନେଇ ଜିଲ୍ଲାପାଳ ଭେଟିଲେ ଗ୍ରାମବାସୀ



କେନ୍ଦ୍ରାପଡ଼ା,୧୨।୬(ସଂଚାର ବ୍ୟୁରୋ)ଃ ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତ ସରକାର ଙ୍କ ଲୋକାମୁଖି କାଯ୍ୟ ରେ ମହାଦୁର୍ନୀତି ହୋଇଛି ବୋଲି ଗ୍ରାମର ଶତାଧିକ ଯୁବ ଓ ବୃଦ୍ଧ ବୃଦ୍ଧା ଏକତ୍ରିତହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ରେ ଆଶି ଜିଲ୍ଲାପାଳ ଙ୍କୁ ଭେଟି ତିନି ଦଫା ଦାବି ସମ୍ବଳିତି ଦାବିପତ୍ର ଜିଲ୍ଲାପାଳ ଙ୍କୁ ଦେଇଛନ୍ତି ୧. ଜୁଆଣିଆ ପଞ୍ଚାୟତ ର ସରକାରଙ୍କ ତରଫରୁ ଲୋକା ହିତାଧିକାରୀ ଯୋଜନା କାଯ୍ୟ କରାଯାଉଛି। ସେତୁରୁ ଯେକୌଣସି ବିଭାଗ ରୁ ଦୁର୍ନୀତି ର ଗନ୍ଧ ବାରିହୋଉଛି। ସରକାର ଙ୍କ ନିର୍ଦ୍ଦେଶ କୁ ଦୃଷ୍ଟି ରେ ରଖାଯାଇଛି ସରକାରୀ ମଦ ଦୋକାନକୁ ଅନୁମତି ମିଳିବା ପରେ। ଚୋର ମଦ ମାଫିଆ ଙ୍କ ନିଦ ହଜିଯାଇଛି। ସରକାର ଙ୍କ ଦ୍ୱରା ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ କୁ ବିରୋଧ କରି ଚୋରା ମଦ ବିକୁଥିବା ମାଫିଆ ମାନେ ବଟି ମାଗିବା ସହିତ ଧମକ ଦେଉଛନ୍ତି। ନିକଟରେ ପାଞ୍ଚ କୋଟି ଟଙ୍କା ର ବ୍ୟୟରେ ନିର୍ମାଣ କରାଯାଇଥିବା ନଦୀବନ୍ଧ ରାସ୍ତାଟିକୁ ବିନା ଟେଣ୍ଡର ଜୁଆଣିଆ ଗ୍ରାମ ପଞ୍ଚାୟତ ର ସରପଞ୍ଚ ବାଲି ମାଫିଆଙ୍କ ସହିରେ ହାତ ମିଶାଇ ମେସିନ ଦ୍ୱାରା ସହ ସହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ସହ ସହ ଗାଡି ଅଧିକ ଯାତାୟାତ ହୋଇଥିବାରୁ ନଦୀବନ୍ଧ ଦୃର୍ବଳ ହେବା ସହ ଖାଲ ଖମାରେ ପୂର୍ଣ୍ଣ ହୋଇଗଲାଣି। ଏଣୁ ଜୁଆଣି ଗ୍ରାମ ପଞ୍ଚାୟତ ର ଶତାଧିକ ଗ୍ରାମ ବାସିମାନେ ଲିଖିତ ଅଭିଯୋଗ କଲାପରେ କୌଣସି ପ୍ରଭାବ ପଡୁନାହିଁ। ଯଦି ଜିଲ୍ଲାପାଳ ମହୋଦୟ ଏହାଉପରେ ଦୃଷ୍ଟି ନଦିଅନ୍ତି। ତେବେ ଆଗାମୀ ଦିନରେ ରାଜ ରାସ୍ତା ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ରଙ୍ଗଲତା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ଶ୍ରଦ୍ଧାଞ୍ଜଳି



ଧାମନଗର,୧୨।୬(ସଂଚାର ବ୍ୟୁରୋ)ଃ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଶାମପୁର ଗ୍ରାମର ସମସ୍ତଙ୍କ ଜଣାଶୁଣା ସୁପରିଚିତ ବିଶିଷ୍ଟ ବ୍ୟବସାୟୀ ପର୍ଶୁରାମ ମହାପାତ୍ରଙ୍କ ମା'ସ୍ୱର୍ଗତା ରଙ୍ଗଲତା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ରାଜନେତା ସହିତ ବିଭିନ୍ନ ବର୍ଗର ଅତିଥି ମାନେ ଯୋଗ ଦେଇ ସ୍ୱର୍ଗତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମନ୍ତ୍ରୀଙ୍କ ବ୍ଲକ ଏବଂ ନଗର ପ୍ରତିନିଧି ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ବ୍ଲକ ଏବଂ ନଗର ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତି, ସାମ୍ବାଦିକ ଓ ଗ୍ରାମବାସୀ ପ୍ରମୁଖ ବାସଭବନରେ ପହଞ୍ଚି ସ୍ୱର୍ଗତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସମବେଦନା ଜଣାଇଛନ୍ତି।

## ହିତାଧିକାରୀ ପାଇବେ ୧୦ କିଲୋଗ୍ରାମ ଚାଉଳ



କେନ୍ଦ୍ରାପଡ଼ା,୧୨।୬(ସଂଚାର ବ୍ୟୁରୋ)ଃ ଜିଲ୍ଲା ସଂସ୍କୃତି ଭବନ, କେନ୍ଦ୍ରାପଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜନହିତକର ପଦକ୍ଷେପ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା" ର ଶୁଭାରମ୍ଭ ଅବସରରେ ଭର୍ଚୁଆଲ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ କେନ୍ଦ୍ରାପଡ଼ା ଜିଲ୍ଲା ଯୋଡ଼ି ହୋଇଥିଲା। ଏହି ଯୋଜନା ଅଧୀନରେ ପୂର୍ବରୁ ହିତାଧିକାରୀମାନେ ୫ କିଲୋଗ୍ରାମ ଚାଉଳ ପାଉଥିବା ବେଳେ ବର୍ତ୍ତମାନ ଅତିରିକ୍ତ ୫ କିଲୋଗ୍ରାମ ସହ ମୋଟ ୧୦ କିଲୋଗ୍ରାମ ଚାଉଳ ପାଇବେ। କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରିବା ସହ ଯୋଗ୍ୟ ଅଙ୍ଗନବାଡି କର୍ମୀମାନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଉପରେ ଆଲୋକପାତ କରି କହିଥିଲେ ଯେ, "ବିକାଶର ଧାରା, ଓଡ଼ିଶା ସାରା" ସଂକଳ୍ପକୁ ସାକାର କରିବା ପାଇଁ ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଫଳତାର ସହ ପହଞ୍ଚାଇ ପାରିଛନ୍ତି। ସେ ଆହୁରି କହିଥିଲେ ଯେ ଜନସାଧାରଣଙ୍କ ସହଯୋଗ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ସମ୍ଭବ ହୋଇପାରିଛି, ଯାହା ଚାଷୀଙ୍କ ଆର୍ଥିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଏହା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଉଚ୍ଚ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ସହାୟତା ଓ ପଦକ୍ଷେପ ଗ୍ରହଣ କରିଥିବା ସେ ପ୍ରକାଶ କରିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣାରେ ରୋହିତଙ୍କ ନାମରେ ମାମଲା ରୁଜୁ

କେନ୍ଦ୍ରାପଡା,୧୨।୬(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ଥାନା ଅନ୍ତର୍ଗତ ଜହଁରା (ତିଥି) ଗ୍ରାମର ବିଦ୍ୟୁତ କୁମାର ଖୁଣ୍ଟିଆଙ୍କ ପୁଅ ସୌମ୍ୟରଞ୍ଜନ ଖୁଣ୍ଟିଆ(୩୬) ଗୁରୁବାର ଦେଇଥିବା ଏତଲା ଅନୁଯାୟୀ, ସେ ଗତକାଲି ତାଙ୍କ ଅନ୍ୟ ତିନିଜଣ ସାଙ୍ଗଙ୍କ ସହିତ ତାଙ୍କର ମହିନ୍ଦ୍ରା ଥାର୍ ଗାଡ଼ି (ନମ୍ବର - ଓଡି ୦୨ ବିଡବ୍ଲ୍ୟୁ ୨୭୨୩)ଯୋଗେ ଘରକୁ ଫେରୁଥିଲେ। ରାତି ପ୍ରାୟ ୭.୩୦ ସମୟରେ ସେହି ଗ୍ରାମର ରଞ୍ଜନ ରାଉତଙ୍କ ପୁଅ ରୋହିତ ରାଉତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମହାକାଳପଡ଼ା ଗୋଡ଼ା ନିକଟରେ ତାଙ୍କୁ ଏକ ଭୁଜାଲି ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲା। ଏଥିରେ ସୌମ୍ୟ ଓ ତାଙ୍କ ବନ୍ଧୁମାନେ ଭୟଭୀତ ହୋଇ ଗାଡ଼ି ଜୋର୍ ଚଲାଇ ସେଠାରୁ ଆସିବା ସମୟରେ ରୋହିତ ଏକ ବଡ଼ ପଥର ଫିଙ୍ଗିଥିଲା। ପଥରଟି ସୌମ୍ୟଙ୍କ ଉପରେ ନବାଜି ତାଙ୍କ ଗାଡ଼ିରେ ବାଜି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ରୋହିତ ଜଣେ ଖଳ ପ୍ରକୃତିର ଯୁବକ ଓ ପୂର୍ବରୁ ମଧ୍ୟ ରୋହିତ ତାଙ୍କ ଉପରେ ଗାଳିଗୁଲଜ କରିଛନ୍ତି। ତେଣୁ ତାଙ୍କ ଧନଜୀବନ ବିପଦରେ ଥିବା ଆଶଙ୍କା କରି ସେ ଆଇନର ଆଶ୍ରୟ ନେବା ସହିତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେସ୍ ନମ୍ବର ୧୭୩/୨୬ ରେ ବିଏନଏସ ଅଧିନିୟମ ୧୨୬(୨)/୧୧୫(୨)/୩୨୯(୨)/୨୯୬/୩୫୧(୨) ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି କେସ୍ ଏଏସଆଇ ବିଦ୍ୟାଧର ସ୍ୱାଇଁଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବେଆଇନ ବାଲି ଗାଡି ଜବତ



ରାଇଘର,୧୨।୬(ସଂଚାର ବ୍ୟୁରୋ)ଃ ଆକ୍ସନ ମୋଡରେ ରାଇଘର ତହସିଲଦାର ମନମୋହନ ସାହୁ। ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।ପଡୋଶୀ ରାଜ୍ୟ ଛତିଶଗଡ଼ ରୁ ବହୁ ମାତ୍ରାରେ ବାଲି ଆସୁଥିବା ବେଳେ ସୂଚନା ଅନୁସାରେ ରାଇଘର ତହସିଲଦାର ମନମୋହନ ସାହୁ ଆଜି ଅପରାହ୍ନ ୪ଟା ରେ ଶବ ବ୍ୟବଚ୍ଛେଦ ଗୃହ ର ନିକଟରେ ବାଲି ବୋଝେଇ ଦୁଇଟି ହାଇୱା ଗାଡି ସିଜୀ ୨୭ ଘ ୪୪୩୫ ଓ ସିଜୀ ୦୪ ଛଚ ୪୪୩୫ ନମ୍ବର ବିଶିଷ୍ଟ ହାଇୱା ଦୁଇ ଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ଜବତ କରିଥିବା ଜଣାପଡ଼ିଛି।

## 'ବିକାଶର ଧାରା, ଓଡ଼ିଶା ସାରା' ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର



ବାରିପଦା,୧୨।୬(ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ "ବିକାଶର ଧାରା, ଓଡ଼ିଶା ସାରା" ଅନ୍ତର୍ଗତ ଆଜି ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଏକ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ବିକାଶମୂଳକ ସଫଳତା, ସୁଶାସନ ଏବଂ ଜନକଲ୍ୟାଣମୂଳକ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଆଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇ ରାଜ୍ୟର ବିକାଶ ଯାତ୍ରା, ଜନମୁଖୀ ଶାସନ ବ୍ୟବସ୍ଥା ଏବଂ ଲୋକକଲ୍ୟାଣମୂଳକ ଯୋଜନାଗୁଡ଼ିକର ପ୍ରଭାବ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ। ବକ୍ତାମାନେ ମତପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଜନକୈନ୍ଦ୍ରିକ ନୀତି ଏବଂ ସମାବେଶୀ ବିକାଶ ଦୃଷ୍ଟିଭଙ୍ଗୀ ଫଳରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ, ଜନଜାତି କଲ୍ୟାଣ, ଭିତ୍ତିଭୂମି ବିକାଶ, ରୋଜଗାର ସୃଷ୍ଟି ଏବଂ ଯୁବ ବିକାଶ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ରାଜ୍ୟର ସାମଗ୍ରିକ ବିକାଶକୁ ନୂତନ ଦିଗ ପ୍ରଦାନ କରିଛି।

## ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ଫୁଲବାଣୀ,୧୨।୬(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଅବସରରେ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରଶିକ୍ଷଣରତ ଆଇ.ଏ.ଏସ୍ ଯଶକରଣ ସିଂ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ରାଜ୍ୟ ବିଜେପି ସଂପାଦକ ଭଗବାନ ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଓ ଜିଲ୍ଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ।

## ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୧୨।୬(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଶହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧିନସ୍ଥ ନାଗରିକ, ସ୍ୱଚ୍ଛସାଥି, ଜଳସାଥି, ଅଙ୍ଗନୱାଡି ୱର୍କର, ମାନେ ଉପସ୍ଥିତ ରହି ବିଲଡିଂ ପ୍ଲାନ, ଆବାସ ଯୋଜନା, ସହଯୋଗ, ଜଳ ସଂଯୋଗ, ପିମ୍ ସ୍ୱନିଧି ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହେବା ସହିତ ଜନସାଧାରଣଙ୍କୁ ଅବଗତ କରିଥିଲେ ଓ କାର୍ଯ୍ୟକ୍ରମ ଆରମ୍ଭ ରେ ପଟ୍ଟାମୁଣ୍ଡାଇ ପୌରପରିଷଦର ଅଧକ୍ଷ ହେମନ୍ତ କୁମାର ସାହୁ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ ଓ ପୌର ପରିଷଦର ବିଭିନ୍ନ ୱାର୍ଡର କାଉନସିଲରମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଭିତ୍ତିଭୂମି ବିକାଶ ଓ ନାଗରିକ ସେବାରେ ଆସିଥିବା ସୁଧାର ସମ୍ପର୍କରେ ଆଲୋକପାତ କରିଥିଲେ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

## ମହିଳାଙ୍କ ଦ୍ୱାରା ମଦ ଜବତ

ନବରଙ୍ଗପୁର,୧୨।୬(ସଂଚାର ବ୍ୟୁରୋ)ଃ ସଦର ମହାକୁମା ଯାନିସାହି ଠାରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଦେସୀମଦ ଓ ଚାଉଳ ଦ୍ୱାରା ପ୍ରସ୍ତୁତ ରନ୍ଧା ମଦ ଆଜି ତେନ୍ତୁଳୀଖୁଣ୍ଟି ମଦ ବିରୋଧୀ ମହିଳାମାନ ଙ୍କ ଦ୍ୱାରା ଠାବ କରାଯାଇ ପ୍ରାୟ ପନ୍ଦର ଟି ବାଲ୍ଟି ରେ ପଚ ଏବଂ ତେନ୍ତୁଳୀଖୁଣ୍ଟି ଥାନା ଅଧିକାରୀ ଶ୍ରୀ ପ୍ରଣବ କୁମାର ଟୁଡୁ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ତୁରନ୍ତ ସେହି ସ୍ଥାନ କୁ ଡକାଇଥିଲେ ଥାନା ଅଧିକାରୀ ଶ୍ରୀ ଟୁଡୁ ତାଙ୍କର ପୋଲିସ ଟିମ କୁନେଇ ସେହି ସ୍ଥାନ ରେ ପହଂଚି ପୋଚ ନଷ୍ଟ କରିବା ସହ ଅଭିଯୁକ୍ତ କାମି ଲାମା ଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏହିପରି ମଦ ବିରଧୀ ମହିଳାଙ୍କୁ ତେନ୍ତୁଳୀଖୁଣ୍ଟି ଅଞ୍ଚଳ ବାସି ସ୍ୱାଗତ ଜଣାଇବା ସହ ଉତ୍ସା ହିତ କରିଥିଲେ ଏବଂ ଆଗାମୀଦିନରେ ସେମାନଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାର ପ୍ରତିଶ୍ରୁତିଦେଇଥିଲେ।

## ସଂସ୍କୃତ ବିଭାଗର ସଂସ୍କୃତ ଦକ୍ଷତା କାର୍ଯ୍ୟକ୍ରମ

ନୀଳଗିରି,୧୨।୬(ସଂଚାର ବ୍ୟୁରୋ)ଃ ଦୀନକୃଷ୍ଣ ମହାବିଦ୍ୟାଳୟ ସଂସ୍କୃତ ମହାବିଦ୍ୟାଳୟ ଦ୍ୱାରା ଅନୁମଦିତ 'ଅଖିଳ ଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାନସାରୁପାଳ ଠାରେ ସଂସ୍କୃତ ଦକ୍ଷତା ବିକାଶ କାଯ୍ୟକ୍ରମ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଭିନ୍ନମହାବିଦ୍ୟାଳୟ ରୁ ସଂସ୍କୃତ ପିଲାମାନେ ଦୁଇଶହ ରୁ ଅଧିକ ପିଲାମାନେ ଉକ୍ତ କାଯ୍ୟକ୍ରମ ରେ ଯୋଗ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମ ରେ 'ପାଣ୍ଡୁଲିପିବିଜ୍ଞାନ 'ସଂସ୍କୃତ ଭାଷା ଶିକ୍ଷଣ, ଜୋତିସ ବାସ୍ତୁଶାସ୍ତ୍ର ଓ ମନ୍ଦିର ନିର୍ମାଣ ବିଷୟରେ ଆଲଚନା କରାଯାଇ ଥିଲା। ତାହା ଛଡା ସଂସ୍କୃତ ସମ୍ଭାଷଣ, ଯୋଗାଭ୍ୟାସ, ଗୀତା, . ବେଦ, ବେଦାନ୍ତ ଦର୍ଶନ କୁ ନୃତ୍ୟ, ଗୀତ, ଏକାଙ୍କିକା, ଅଧ୍ୟୟନ, ଅଧାପକ୍ଷ ଶିକ୍ଷଣ ମାଧ୍ୟମରେ ପିଲାମାନଙ୍କୁ ସଂସ୍କୃତ ର ତାତ୍ତ୍ୱିକ ଦର୍ଶନ ବିଷୟରେ ଦିଗଦର୍ଶନ ଦିଆଯାଇଥିଲା।

## ଶୀତଳଷଷ୍ଠୀକୁ ସୁରୁଖୁରୁରେ ସମ୍ପନ୍ନ ପାଇଁ ପ୍ରସ୍ତୁତି ବୈଠକ



ବଲାଙ୍ଗିର,୧୨।୬(ସଂଚାର ବ୍ୟୁରୋ)ଃ ବଲାଙ୍ଗିର ସହରରେ ଆଗାମୀ ଦିନରେ ପାଳିତ ହେବାକୁ ଥିବା ପବିତ୍ର ଶୀତଳଷଷ୍ଠୀ ମହୋତ୍ସବକୁ ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହୋତ୍ସବ ସମୟରେ ଭକ୍ତ ଓ ସାଧାରଣ ଲୋକଙ୍କ ସୁବିଧା, ସୁରକ୍ଷା ଏବଂ ମୌଳିକ ସେବାର ସୁଚାରୁ ପରିଚାଳନା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ମହୋତ୍ସବ ସମୟରେ ସହରର ବିଭିନ୍ନ ପୂଜା ମଣ୍ଡପ ଓ ଶୋଭାଯାତ୍ରା ମାର୍ଗରେ ବିଦ୍ୟୁତ୍ ସରବରାହ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ବିଭାଗଗୁଡ଼ିକ ନିଜ ନିଜ ଦାୟିତ୍ୱ ସଠିକ୍ ଭାବେ ତୁଲାଇବା ସହ କୌଣସି ପ୍ରକାର ଅବହେଳା ନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମହୋତ୍ସବ ଅବସରରେ ସହରରେ ଯାନବାହନ ଚଳାଚଳକୁ ସୁବ୍ୟବସ୍ଥିତ କରିବା, ଟ୍ରାଫିକ ସମସ୍ୟାର ସମାଧାନ, ରାସ୍ତାଘାଟର ସୁରକ୍ଷା ଓ ଅଗ୍ନିକାଣ୍ଡ ଭଳି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ସଜାଗ ରହିବାକୁ କୁହାଯାଇଥିଲା। ମହୋତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ସମାଗମ ହେବାକୁ ଥିବାରୁ ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ସୂଚନା ଦେଇଥିଲେ।

### କିରାଣୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ

## ଜିଲ୍ଲାପାଳଙ୍କୁ ଧନ୍ୟବାଦ ଦେଲା ଜିଲ୍ଲା ଅମଲା ସଂଘ

ବୋରିଗୁମ୍ମା,୧୨।୬(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ବୈପାରିଗୁଡା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ଓ୍ୱାଇ ଶ୍ରୀନିବାସ ରାଓ ଙ୍କୁ ବାଧ୍ୟତାମୂଳକ ଅବସର ଦେଲେ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ସଂଖ୍ୟା ୨୦୬୫ ତା ୧୦.୦୬.୨୦୨୬ ରିଖ ରେ ବିଭାଗୀୟ ଅଧିକାରୀ ଓ୍ୱାଇ ଶ୍ରୀନିବାସ ରାଓ ଙ୍କୁ ୧୦.୦୬.୨୦୨୬ ତାରିଖରୁ ସରକାର ଙ୍କ ଆଦେଶ ମୁତାବକ ଚାକିରୀରୁ ଅବସର ଦିଆ ଯାଇଥିବା ଦର୍ଶାଯାଇଛି ତତ୍ ସହିତ ଏହାର ନକଲ ସମସ୍ତ ଉଚ୍ଚ କର୍ତୃପକ୍ଷଙ୍କୁ ଦିଆଯାଇଛି। ୧୦ ତାରିଖ ସୁଦ୍ଧା ଶ୍ରୀ ରାଓ ଙ୍କୁ ୫୦ ବର୍ଷ ହୋଇଥିବା ଓ ସେ ୩୦ ବର୍ଷ ଧରି ଚାକିରି କରିଥିବା ଉକ୍ତ ଆଦେଶ ପତ୍ର ରେ ଦର୍ଶାଯାଇଛି। ଉକ୍ତ ଆଦେଶ ପତ୍ର କୁ ନେଇ ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରୁଥିବା ଶ୍ରୀ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଗଣ ମାଧ୍ୟମକୁ ସୁଚନା ଦେବା ସହିତ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ ଙ୍କୁ ଧନ୍ୟବାଦ୍ ଅର୍ପଣ କରି କୃତଜ୍ଞତା ଜ୍ଞାପନ କରିଛନ୍ତି, ଯେଉଁ କର୍ମଚାରୀ କାର୍ଯ୍ୟ ରେ ଅବହେଳା କରେ କିମ୍ବା ଅକ୍ଷମ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ସରକାର ଙ୍କ ନିୟମ ରହିଛି ତେଣୁ ଶ୍ରୀ ରାଓ ଙ୍କ କ୍ଷେତ୍ରରେ ମାନ୍ୟବର ଜିଲ୍ଲାପାଳ ମହୋଦୟ ଉଚିତ୍ ପଦକ୍ଷେପ ନେଇଥିବା ଶ୍ରୀ ଦାଶ୍ କହିଛନ୍ତି, ଶ୍ରୀ ରାଓ ଜଣେ ଜଟିଳ କୁଟିଳ ମସ୍ତିଷ୍କ ବାଲା ବ୍ୟକ୍ତି ସବୁ ବେଳେ ସିଏ ବିବାଦରେ ରହୁଥିଲେ କାର୍ଯ୍ୟାଳୟ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ସହିତ ଲାଗିବା ତାଙ୍କର ଦୈନନ୍ଦିନ ଘଟଣା ହେଉଥିଲା ତତ୍ ସହିତ କାର୍ଯ୍ୟ ରେ ଅବହେଳା କରୁଥିଲେ ଯେଉଁଠି କି ବଦଳି ହେଲେ ମଧ୍ୟ ସେ କୋରାପୁଟ ରେ ରହୁଥିଲେ। ଅଧିକାରୀ ଙ୍କୁ ଧମକ ଚମକ ଦେଇ ପ୍ରାୟତଃ କାର୍ଯ୍ୟାଳୟ କୁ ଯାଉ ନଥିବା ଶ୍ରୀ ଦାଶ୍ ପ୍ରକାଶ କରିଛନ୍ତି, ଦିର୍ଘ ୩୦ ବର୍ଷର ଚାକିରି କାଳରେ ୫ ବର୍ଷ ଚାକିରି କରିଥିବେ କି ନାହିଁ ସନ୍ଦେହ ବୋଲି ଶ୍ରୀ ଦାଶ୍ କହିଛନ୍ତି। ତାଙ୍କ ବିରୁଦ୍ଧରେ ବହୁତ ଗୁଡ଼ିଏ ଅଭିଯୋଗ ମଧ୍ୟ ରହିଥିବା ସୁଚନା ମିଳିଛି। ଜଣେ ରାଜସ୍ୱ ଅମଲା ହୋଇଥିବା ସତ୍ତ୍ୱେ ରାଜସ୍ୱ ଅମଲା ସଂଘ ରୁ ବିତାଡିତ ହୋଇ ଓଡ଼ିଶା ଅମଲା ସଂଘ ରେ ଯୋଗଦାନ କରିଥିଲେ।

### ପଟ୍ଟାମୁଣ୍ଡାଇ ବ୍ଲକରେ ଶିଶୁ ବିକାଶ ଯୋଜନା ଦିଗହରା

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲା ସରପଞ୍ଚ ସଂଘ



କେନ୍ଦ୍ରାପଡ଼ା,୧୨।୬(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକରେ ମହିଳା ଓ ଶିଶୁ ବିକାଶ ଯୋଜନା ଦିଗହରା ହୋଇଯାଇଥିବା ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ସରପଞ୍ଚମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଶିଶୁ ଓ ଗର୍ଭବତୀ ମହିଳାଙ୍କ ଅପପୃଷ୍ଟି ଖାଦ୍ୟ ଦିଆଯାଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ସେଠୀ, ପ୍ରିୟବ୍ରତ ଓଝା, ସସ୍ମିତା ସେଠୀ, ଅନିଲ୍ କୁମାର ଲେଙ୍କା, ଦେବବ୍ରତ ନାୟକ, ସଂଗ୍ରାମ ବାରିକ, ବନଜ ସେଠୀ, ଦମୟନ୍ତୀ ସାମନ୍ତରାୟ, ନରେଶ ଚନ୍ଦ୍ର ମଲ୍ଲିକ, କୁନି ସିଂ ପ୍ରମୁଖ ସରପଞ୍ଚ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ରାଜ୍ୟସରକାର ଲୋକଙ୍କ ସରକାର ମହିଳା ଓ ଶିଶୁ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ସହିତ ଅପପୃଷ୍ଟି ଜନିତ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ସରକାରଙ୍କର ମହିଳା ଓ ଶିଶୁ ଓ ବିକାଶ ଯୋଜନା ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଦିଗହରା ହୋଇଛି। ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତ ଓ ପୌରାଞ୍ଚଳର ୨୧ ଗୋଟି ୱାର୍ଡର ୨୭୮ ଟି ଅଙ୍ଗନୱାଡୀ କେନ୍ଦ୍ରରେ ପ୍ରାୟ ୧୦ ହଜାର ଶିଶୁ, କିଶୋରୀ ଓ ପ୍ରସୂତୀ ମହିଳାଙ୍କର ପୃଷ୍ଟିକର ଶୁଖିଲା ଖାଦ୍ୟ (ଛତୁଆ) ପ୍ରଦାନ କରାଯାଉଛି। ଏହି କ୍ରମରେ ପ୍ରସୂତୀ ମହିଳା ପାଇଁ ୫ କେଜି ଓ ଶିଶୁ ଏବଂ କିଶୋରୀ ମାନଙ୍କ ପାଇଁ ପ୍ରତି ମାସରେ ୨.୫ କେ.ଜି ଶୁଖିଲା ଖାଦ୍ୟ ଦେବା ପାଇଁ ସରକାରୀ ବିଧି ବ୍ୟବସ୍ଥା ରହିଛି। ଏହି ଶୁଖିଲା ଖାଦ୍ୟ ପ୍ୟାକେଟ୍ ପୂର୍ବରୁ ମାନ ପରୀକ୍ଷା ପାଇଁ ମାତୃ କମିଟି ଓ ଯାଞ୍ଚ କମିଟି ଦ୍ୱାରା ବିଧିବଦ୍ଧଭାବେ ଯାଞ୍ଚ ପରେ ବଣ୍ଟନ ବ୍ୟବସ୍ଥା ରହିଛି। ମାତ୍ର ତା ପଟ୍ଟାମୁଣ୍ଡାଇ ଓ ପୌରାଞ୍ଚଳରେ ଉଲ୍ଲଘଂନ କରାଯାଇଛି। ଏଠାରେ ଉଭୟ କମିଟିର ସଦସ୍ୟମାନଙ୍କୁ ବାଦ୍ ଦେଇ ପଟ୍ଟାମୁଣ୍ଡାଇ ସିଡିପିଓ ମନମୁଖୀ ଭାବେ ସରକାରୀ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରି ନିମ୍ନମାନର ଓ କମ୍ ଓଜନର ଖାଦ୍ୟ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରରେ ଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ପରୀକ୍ଷାଗାର ଏହି ସଂସ୍ଥା ଛତୁଆର ମାନ ପରୀକ୍ଷା କରି ୩୧.୧୦.୨୦୨୫ ଚିଠି ନମ୍ବର-୨୫୮୨ ରେ ନିମ୍ନମାନର ଛତୁଆ ବୋଲି ରିପୋର୍ଟ ଦେଇଥିଲେ ମଧ୍ୟ ବିଡିଓ ଓ ସିଡିପିଓ ଆଖି ବୁଜି ଦେଇଛନ୍ତି।

# ଜୁନ ୧୪ରେ ଗଣ ଯୋଗ ଅଭିଯାନ

## ● ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୨।୬ (ସଂଚାର ବ୍ୟୁରୋ) : ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପାଇଁ ଗଣ ଯୋଗ ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱ ଓ ଉଦ୍ୟମ ଫଳରେ ଯୋଗ ଆଜି ବିଶ୍ୱବ୍ୟାପୀ ଏକ ସ୍ୱାସ୍ଥ୍ୟ ଆନ୍ଦୋଳନରେ ପରିଣତ ହୋଇଛି। ଭାରତର ପ୍ରସ୍ତାବକୁ ସ୍ୱୀକୃତି ଦେଇ ଜାତିସଂଘ ୨୧ ଜୁନ୍‌କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଛି। ସେହିଦିନଠାରୁ ଯୋଗର ସାର୍ବଜନୀନ ବାର୍ତ୍ତା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିଛି ଓ କୋଟି କୋଟି ଲୋକଙ୍କ ଜୀବନଶୈଳୀର ଅଂଶ ପାଲଟିଛି।



ସେ କହିଛନ୍ତି ଯେ ଯୋଗ ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତାର ଏକ ବୈଜ୍ଞାନିକ ଓ ପ୍ରମାଣିତ ପଦ୍ଧତି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଜୀବନ ଶୈଳୀଜନିତ ବିଭିନ୍ନ ରୋଗକୁ ପ୍ରତିରୋଧ କରିବା ସହ ସୁସ୍ଥ ଓ ସକ୍ରିୟ ଜୀବନଯାପନ କରାଯାଇପାରିବ। ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ରଖାଯାଇଛି। ବୟସ ବୃଦ୍ଧି ସହ ସୁସ୍ଥ ରହିବା, ମାନସିକ ସନ୍ତୁଳନ ବଜାୟ ରଖିବା ଓ ଜୀବନର ଗୁଣାତ୍ମକ ମାନ ବୃଦ୍ଧି କରିବାରେ ଯୋଗର ଭୂମିକା ଅତୁଳନୀୟ ବୋଲି ସେ କହିଛନ୍ତି।

ଆସନ୍ତା ୧୪ ଜୁନ୍ ସକାଳ ୬ଟା ୧୫ ମିନିଟ୍‌ରୁ ୭ଟା ୩୫ ମିନିଟ୍ ପର୍ଯ୍ୟନ୍ତ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏକ ଅନଲାଇନ୍ ଯୋଗ ଅଧିବେଶନ ଆୟୋଜିତ ହେବ। ଏହି ଅଧିବେଶନରେ ସର୍ବାଧିକ ସଂଖ୍ୟକ ଲୋକଙ୍କ ସମକାଳୀନ ଅଂଶଗ୍ରହଣ ମାଧ୍ୟମରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ସ୍ଥାପନ କରିବାର ଲକ୍ଷ୍ୟ ରହିଛି। ସେ କହିଛନ୍ତି ଯେ ଏହା କେବଳ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାର ପ୍ରୟାସ ନୁହେଁ, ବରଂ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ଭାରତ' ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବା ଓ ଯୋଗକୁ ଜନଆନ୍ଦୋଳନରେ ପରିଣତ କରିବାର ଏକ ଜାତୀୟ ଅଭିଯାନ। ଏଥିରେ ଓଡ଼ିଶାର ଅଧିକରୁ ଅଧିକ ଲୋକଙ୍କ ଅଂଶଗ୍ରହଣ ରାଜ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ଜନସହଭାଗିତାର ପରିଚୟ ପ୍ରଦାନ କରିବେ ବୋଲି ଡ. ମହାଲିଙ୍ଗ କହିଛନ୍ତି।

### ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଇନଫ୍ଲୁଏନ୍ସର ସମୃଦ୍ଧ ଓଡ଼ିଶାର ଶକ୍ତିଶାଳୀ ଡିଜିଟାଲ୍ ଆମ୍ବାସାଡର

■ ଶସ୍ତା ଓ ନକାରାତ୍ମକ କଣ୍ଟେଣ୍ଟରୁ ଦୂରେଇ ରହିବାକୁ ପରାମର୍ଶ

■ 'ସରକାରଙ୍କୁ ସମାଲୋଚନା କରନ୍ତୁ, କିନ୍ତୁ ଦେଶକୁ ଅସମ୍ମାନ ଗ୍ରହଣୀୟ ନୁହେଁ'

ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆଜି ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଓ ଡିଜିଟାଲ୍ କ୍ରିଏଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ୍ କ୍ରିଏଟରମାନଙ୍କୁ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶାର ସବୁଠାରୁ ଶକ୍ତିଶାଳୀ 'ଡିଜିଟାଲ୍ ଆମ୍ବାସାଡର୍ସ' ଓ ଭବିଷ୍ୟତର 'ଓପିନିଅନ ଲିଡର୍ସ' ବୋଲି କହିଛନ୍ତି। ଡିଜିଟାଲ କ୍ରିଏଟରମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯିଏ ଯେଉଁ ଚିନ୍ତାଧାରାର ସମର୍ଥକ ହୁଅନ୍ତୁ ନା କାହିଁକି, ସମସ୍ତଙ୍କ ପାଇଁ 'ରାଷ୍ଟ୍ର ସର୍ବୋପରି' ହେବା ଉଚିତ। 'ଦେଶ' ଓ 'ସରକାର' ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ସେ କହିଥିଲେ ଯେ ଆପଣ ସରକାରଙ୍କୁ ସମାଲୋଚନା କରିପାରିବେ, କିନ୍ତୁ ସମାଲୋଚନା ଆଳରେ 'ଦେଶକୁ' ଅସମ୍ମାନ କରିବା କଦାପି ଗ୍ରହଣୀୟ ନୁହେଁ। ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟିଂ ଯୋଗୁଁ ଯୁବପିଢ଼ି ଯେଭଳି ବିବାଦରେ ଛନ୍ଦି ହୋଇ ନିଜ ଭବିଷ୍ୟତ ନଷ୍ଟ ନ କରନ୍ତି, ସେଥିପ୍ରତି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମକୁ କଣ୍ଟେଣ୍ଟ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କଣ୍ଟେଣ୍ଟର ଉଦ୍ଦେଶ୍ୟ କେବଳ 'ଭିଉଜ୍' ବଢ଼ାଇବା କିମ୍ବା କିଛି ସେକେଣ୍ଡର ମନୋରଞ୍ଜନ ମଧ୍ୟରେ ସୀମିତ ନ ରହି ସମାଜ ପାଇଁ ସୁସ୍ଥ ବାର୍ତ୍ତା ବହନ କରିବା ଆବଶ୍ୟକ। 'କ୍ଲିକ୍‌ବେଟ୍' ଓ ଶସ୍ତା ପ୍ରସିଦ୍ଧିର ମୋହଠାରୁ ଦୂରେଇ ରଖି ମହତ ଉଦ୍ଦେଶ୍ୟଭିତ୍ତିକ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆଜିର 'ଜେନ୍-ଜି' ବା ନୂତନ ପିଢ଼ିର ମାନସିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି କହିଛନ୍ତି ଯେ ଏହି ପିଢ଼ି ଖୁବ୍ ସ୍ମାର୍ଟ ଓ ସୃଜନଶୀଳ ହୋଇଥିଲେ ମଧ୍ୟ ସୂଚନାର ଅତିରିକ୍ତ ବୋଝ, ଆତ୍ମପରିଚୟର ସଂଘର୍ଷ, ମାନସିକ ଚାପ ଓ ସାଇବର ଜଗତର ନକାରାତ୍ମକତା ଯୋଗୁଁ ବେଳେବେଳେ ବିଭ୍ରାନ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ଇନଫ୍ଲୁଏନ୍ସରମାନଙ୍କର ଗୋଟିଏ 'ରିଲ୍' କିମ୍ବା 'ଭିଡିଓ' ହଜାର ହଜାର ଯୁବପିଢ଼ିଙ୍କ ମନୋଭାବକୁ ବଦଳାଇ ଦେଇପାରେ ବୋଲି ଶ୍ରୀ ମାଝୀ କହିଛନ୍ତି।



### କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ମହତ ପ୍ରୟାସ

# ପ୍ରତି ଗୁରୁବାର ମାଗଣା ଓପିଡି ପରାମର୍ଶ

ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ): କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ଆରମ୍ଭ ହୋଇଥିବା ଅଭିଯାନ 'ମାଗଣା ଓପିଡି ପରାମର୍ଶ ସେବା'ର ତୃତୀୟ ପର୍ଯ୍ୟାୟ ଗତକାଲି ଅନୁଷ୍ଠିତ ହୋଇଛି। କ୍ୟାନ୍ସର ପୀଡ଼ିତଙ୍କୁ ଚିକିତ୍ସା ମାର୍ଗଦର୍ଶନ ଯୋଗାଇଦେବା ଏହି ମହତ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ। ଏହି ଶିବିରରେ ପୀଡ଼ିତ 'ସମ୍ ଅଲ୍ଟିମେଟ ମେଡିକେୟାର'ର ରେଡିଏସନ ଅଙ୍କୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଚିର ରଞ୍ଜନ ଖାଡ଼ଙ୍ଗାଙ୍କଠାରୁ ପ୍ରତ୍ୟକ୍ଷ ଭାବେ ପରାମର୍ଶ ଗ୍ରହଣ କରିଛନ୍ତି।



ସେ ପ୍ରତ୍ୟକ୍ଷ ଭାବେ ୭ ଜଣ କ୍ୟାନ୍ସର ପୀଡ଼ିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଚିକିତ୍ସା ସମ୍ବନ୍ଧୀୟ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ଚିକିତ୍ସା ସମୟରେ ରୋଗୀଙ୍କର କିଭଳି ସଠିକ୍ ପଥ୍ୟ ନିଆଯିବ, ସେନେଇ ଡାକ୍ତର ଖାଡ଼ଙ୍ଗା ବିସ୍ତୃତ ଭାବେ ବୁଝାଇଥିଲେ। ଶିବିରକୁ ଆସିଥିବା ରାଉରକେଲାର ଭଗାରାମ ମଣ୍ଡଳ କହିଛନ୍ତି ଯେ ଏହି ମାଗଣା ସେବା ଯୋଗୁଁ ତାଙ୍କ ଭଳି ଚିକିତ୍ସା ଖର୍ଚ୍ଚ ଯଥେଷ୍ଟ କମିଯାଇଛି। ସେହିପରି ଅନ୍ୟ ଜଣେ ପୀଡ଼ିତ ପ୍ରକାଶ କୁମାର ମହାନ୍ତି କହିଛନ୍ତି ଯେ ସେ କୌଣସି କାରଣରୁ ପୂର୍ବରୁ ସଠିକ୍ ଭାବେ ଡାକ୍ତରଙ୍କ ସହ ପରାମର୍ଶ କରିପାରୁନଥିଲେ। ହେଲେ ଏହି ଶିବିରକୁ ଆସିବା ପରେ ତାଙ୍କର ସେହି ସମସ୍ୟା ଦୂର ହୋଇପାରିଛି। ଏହି ମାଗଣା ପରାମର୍ଶ ସେବା କେବଳ ଏକକାଳୀନ ନୁହେଁ, ବରଂ ଏହା ଏକ ନିୟମିତ ପ୍ରକ୍ରିୟା। ପ୍ରତ୍ୟେକ ସପ୍ତାହର ଗୁରୁବାର ଫାଉଣ୍ଡେସନ କାର୍ଯ୍ୟାଳୟରେ ଏହି ଓପିଡି ସେବା ଜାରି ରହିବ। 'କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ' ସଦାସର୍ବଦା ଲୋକଙ୍କ ପାଖରେ ଉତ୍ତମ ଚିକିତ୍ସାର ସୁବିଧା ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରୁଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ସକାଶେ ୭୫୦୪୯୮୬୩୪୨ କିମ୍ବା ୯୭୭୭୨୯୯୪୦୨ରେ ଯୋଗାଯୋଗ କରିବାକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।



## ● ନିର୍ବାଚନ କମିଶନଙ୍କ ଗଣମାଧ୍ୟମ ଓ ଯୋଗାଯୋଗ ସମ୍ମିଳନୀ

# ଓଡ଼ିଶାରୁ ଯୋଗଦେଲେ ୧୪ ଲୋକସମ୍ପର୍କ ଅଧିକାରୀ

ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀସ୍ଥିତ 'ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ' ପରିସରରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ଗଣମାଧ୍ୟମ ଏବଂ ଯୋଗାଯୋଗ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆଗାମୀ ନିର୍ବାଚନ ଓ ଭୋଟରର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଦେଶର ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଆଗାମୀ ଦିନରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ମିଡ଼ିଆ ନୋଡାଲ ଅଫିସର ଏବଂ ଜିଲ୍ଲା ମିଡ଼ିଆ ନୋଡାଲ ଅଫିସରମାନଙ୍କ ପାଇଁ ଏକ ଦିନିକିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିଲା। ଓଡ଼ିଶାର ଡେପୁଟି ସିଇଓ ତଥା ମିଡ଼ିଆ ନୋଡ଼ାଲ ଅଫିସର ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ମୋଟ ୧୪ ଜଣ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନ ସମୟରେ ଗଣମାଧ୍ୟମ ସହ ସମନ୍ୱୟ ରକ୍ଷା କରି ସଠିକ୍ ତଥ୍ୟ ଲୋକମାନଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଥିଲା। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଗଣମାଧ୍ୟମ ମାଧ୍ୟମରେ ସ୍ୱଚ୍ଛ ସୂଚନା ପ୍ରଦାନ କରିବା ନେଇ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

### ମହିଳା ସରପଞ୍ଚଙ୍କୁ ଅମାନବୀୟ ନିର୍ଯାତନା ଘଟଣା

# ନ୍ୟାୟିକ ଯାଞ୍ଚ ଦାବି କଲା ଆପ୍

ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ): ଗତକାଲି କେନ୍ଦ୍ରାପଡ଼ାର ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିଖିରୀ ପଞ୍ଚାୟତର ସରପଞ୍ଚ କୁମାରୀ ଚାମେଲି ଓଝା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ନିମନ୍ତେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ଏବଂ ସେଠାରେ ତାଙ୍କ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାର ଅଭିଯୋଗ କରୁଥିବା ବେଳେ ମହାକାଳପଡ଼ା ବିଧାୟକଙ୍କର ପ୍ରାୟ ୧୫ ଜଣ ସମର୍ଥକ ଚାମେଲିଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ନିର୍ବାଚିତ ସରପଞ୍ଚଙ୍କୁ ଏଭଳି ବିଧାୟକଙ୍କ ସମର୍ଥକଙ୍କ ଆକ୍ରମଣ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଆକ୍ରମଣ ପଛରେ ବିଡିଓଙ୍କର ସମର୍ଥନ ରହିଥିବା ଚାମେଲି ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ, ଗୁଣ୍ଡାମାନେ ତାଙ୍କୁ ହତ୍ୟା ଓ ଧର୍ଷଣ କରିବାର ଧମକ ଦେଉଥିଲେ ସୁଦ୍ଧା ପୁଲିସ୍ ସେଠାରେ ନୀରବଦ୍ରଷ୍ଟା ସାଜିଥିଲା। ଏହିସବୁ ଘଟଣାକୁ ଚାମେଲି ତାଙ୍କ ମୋବାଇଲରେ ରେକର୍ଡିଂ କରୁଥିବା ସମୟରେ ପୁଲିସ୍ ଓ ବିଧାୟକଙ୍କ ଗୁଣ୍ଡା ତାଙ୍କଠାରୁ ବଳପୂର୍ବକ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ପରେ ପୁଲିସ୍ ଚାମେଲି ଓ ତାଙ୍କ ଭାଇଙ୍କୁ ଥାନାକୁ ବଳପୂର୍ବକ ନେଇଯାଇଥିଲେ। ଥାନାରେ ତାଙ୍କୁ ପୁଲିସ୍ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ୩ ଜଣ କନଷ୍ଟେବଳ ତାଙ୍କ ଛାତି ଓ ପିଠିରେ ମାଡ଼ ମାରିଥିବା ଚାମେଲି ଅଭିଯୋଗ କରିଥିଲେ।

ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ପ୍ରତି ପୁଲିସର ଏଭଳି ଆକ୍ରୋଶମୂଳକ ପଦକ୍ଷେପକୁ ଆପ୍ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ବିଡିଓଙ୍କ ଉପସ୍ଥିତିରେ ଜଣେ ମହିଳାଙ୍କ ପ୍ରତି ବିଧାୟକଙ୍କ ଗୁଣ୍ଡାଙ୍କ ଏତାଦୃଶ ଦୌରାତ୍ମ୍ୟ ସମଗ୍ର ସରକାରୀ କଳର ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ସିଧାସଳଖ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିଲେ ସୁଦ୍ଧା ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଜଣେ କର୍ତ୍ତବ୍ୟନିଷ୍ଠ ମହିଳା ସରପଞ୍ଚଙ୍କୁ ଗିରଫ କରି ନିର୍ଯାତନା ଦେବା ପ୍ରଶାସନ ଓ ପୁଲିସର ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି କରିଛି ବୋଲି ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏଥିସହ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଏହି ଘଟଣାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି ଦାବି କରିଛନ୍ତି।

# ଶିଶୁ ଶ୍ରମ ନିରାକରଣ ରଥର ଶୁଭାରମ୍ଭ



ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ଶୁକ୍ରବାର ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ଶ୍ରମ ନିର୍ଦ୍ଦେଶାଳୟ ପରିସରରେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଏକ ଶିଶୁ ଶ୍ରମ ବିରୋଧୀ ପୋଷ୍ଟରର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଏକ ପକ୍ଷବ୍ୟାପୀ ଶିଶୁ ଶ୍ରମ ବିରୋଧୀ ସଚେତନତା ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି, ଯାହା ୨୬ ଜୁନ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତାଙ୍କ ବକ୍ତବ୍ୟରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଶିଶୁ ଶ୍ରମିକ ପ୍ରଥା ଦୂରୀକରଣ ଏକ ବହୁସ୍ତରୀୟ ପ୍ରୟାସ। ଏଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ। ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସଚେତନତା ବୃଦ୍ଧି କରିବା ପାଇଁ ଏକ 'ଶିଶୁ ଶ୍ରମ ନିରାକରଣ ରଥ'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଜିଲ୍ଲା ସ୍ତରରେ ରାଲି, ପ୍ରବର୍ତ୍ତନ ଅଧିକାରୀ ମାନଙ୍କ ବୈଠକ, ଚଢ଼ାଉ ଓ ଉଦ୍ଧାର କାର୍ଯ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଶିଶୁ ଶ୍ରମ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସଚେତନ କରିବା ଭଳି କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ଏହି ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଚାମେଲିଙ୍କ ଉପରେ ଆକ୍ରମଣକୁ ସିପିଆଇର ନିନ୍ଦା

ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ସରପଞ୍ଚ ଚମେଲି ଓଝା ଜଣେ ନିର୍ଭୀକ ଜନପ୍ରତିନିଧି। ତାଙ୍କ ଗ୍ରାମ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସେ ଲଗାତାର ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଗତ ୬ ମାସ ଧରି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବନ୍ଦ ହେବା ଓ ଜବରଦଖଲ ଉଚ୍ଛେଦ କ୍ଷେତ୍ରରେ ଦୁର୍ବଳଙ୍କୁ ଦମନ ଓ ପ୍ରଭାବଶାଳୀଙ୍କୁ ସୁରକ୍ଷା ଭଳି ବିଭେଦମୂଳକ ଆଚରଣ ବିରୋଧରେ ସେ ବ୍ଲକ୍ ଅଫିସ ଯାଇ ବିଡିଓଙ୍କୁ ଦାବିପତ୍ର ଦେବା ସମୟରେ ଶାସକ ବିଜେପିର କେତେକ ନେତାଙ୍କ ଅସାମାଜିକ ଆଚରଣ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ମହାକାଳପଡ଼ା ବିଡିଓଙ୍କ ସହ ଆଲୋଚନା ସମୟରେ ଚାମେଲିଙ୍କ ଉପରେ ଆକ୍ରମଣ ହୋଇଛି। ଏହି ଆକ୍ରମଣ ସହ ଜଡ଼ିତ ଅପରାଧୀଙ୍କୁ ପୁଲିସ ନିୟନ୍ତ୍ରଣ କରିବା ପରିବର୍ତ୍ତେ ନିର୍ବାଚିତ ସରପଞ୍ଚଙ୍କୁ ଉଠାଇନେବା, ତାଙ୍କ ମୋବାଇଲ ଛଡ଼ାଇବା ଆଳରେ ବର୍ବର ଆଚରଣ ରାଜ୍ୟର ଆଇନ ଶୃଙ୍ଖଳାର ଅବନତିର ଏକ ସଂକ୍ଷିପ୍ତ ନମୁନା। ଘଟଣା ପରେ ସରପଞ୍ଚଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରପଞ୍ଚ ଓ ତାଙ୍କ ସାନଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ପୁଲିସ ଗିରଫ କରିଛି। ଚାମେଲି ଲାଇଭ୍ ଭିଡିଓରେ ରାଜନୈତିକ ଷଡ଼ଯନ୍ତ୍ରର ଅଭିଯୋଗ ଆଣିଛନ୍ତି। ଏହି ଘଟଣାରେ ସିପିଆଇର ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ହସ୍ପିଟାଲ ଯାଇ ଚାମେଲିଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ ହେବା ପରେଏଭଳି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପି ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

# ଗୋବିନ୍ଦପୁର ଇତିହାସ ନେଇ ଆଲୋଚନା

ଖୋର୍ଦ୍ଧା,୧୨।୬ (ସଂଚାର ବ୍ୟୁରୋ):ଖୋର୍ଦ୍ଧା ଗୋବିନ୍ଦପୁରଠାରେ ଅନୁଷ୍ଠିତ ଶୀତଳଷଷ୍ଠୀ ମହୋତ୍ସବର ତୃତୀୟ ସଂଧ୍ୟାରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବେଗୁନିଆ ବ୍ଲକ୍ କଂଗ୍ରେସ ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ଡାକ୍ତର ଅମରେନ୍ଦ୍ର ମହାପାତ୍ର, ସ୍ତମ୍ଭକାର ତଥା ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୋବିନ୍ଦପୁର ଇତିହାସ ସଂକଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନ୍ୟୁଜ୍-୭ର କାର୍ଯ୍ୟକ୍ରମ ପ୍ରଯୋଜିକା ତପସ୍ୱିନୀ ପଟ୍ଟନାୟକ, ବ୍ରେକଫାଷ୍ଟ ଓଡ଼ିଶାର ଉପସ୍ଥାପକ ଦମ୍ପତି କେପି-ଗୁଡ୍ଡି, ଓଡ଼ିଶୀ ନୃତ୍ୟାଙ୍ଗନା ନିବେଦିତା ଭୋଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ରଣଜିତ୍ କୁମାର ତ୍ରିପାଠୀ ବିବରଣୀ ପାଠ କରିଥିବାବେଳେ କବି ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗ୍ରାମୀଣ ସମ୍ପ୍ରଦାୟରେ ପୋଷଣକୁ ତ୍ୱରାନ୍ୱିତ କରିଛି ବେଦାନ୍ତ

ଝାରସୁଗୁଡ଼ା,୧୨।୬(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ଏହାର କୃଷି-କୈନ୍ଦ୍ରିକ ବିକାଶ ପଦକ୍ଷେପ ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ ଏହାର ମୂଳ କାର୍ଯ୍ୟଠାରୁ ଅଧିକ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେଉଛି। ଆଧୁନିକ କୃଷି ଇନପୁଟ୍, ଜଳ ସଂରକ୍ଷଣ, ପଶୁପାଳନ ସହାୟତା ଓ ଜୀବିକା ବିବିଧତାର ମିଶ୍ରଣ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପ୍ରଗତି ପାଇଁ ନୂତନ, ସ୍ଥାୟୀ ପଥ ସୃଷ୍ଟି କରି ଗ୍ରାମୀଣ ସମ୍ପ୍ରଦାୟକୁ ସ୍ଥିରତା ଗଠନ କରିବାରେ ସାହାଯ୍ୟ କରୁଛି।



ଗତ ବର୍ଷ ମଧ୍ୟରେ ପ୍ରୋଜେକ୍ଟ ଭେଦଗ୍ରାମ ୱାଡି ପ୍ରତିଷ୍ଠା, ଧାନ ଚାଷ, ପଶୁପାଳନ ବିକାଶ, କୁକୁଡ଼ା କ୍ଷୁଦ୍ର ଉଦ୍ୟୋଗ ଓ ମାଛ ଚାଷ ସମେତ ବିଭିନ୍ନ ହସ୍ତକ୍ଷେପ ମାଧ୍ୟମରେ ୧୦୦୦ରୁ ଅଧିକ ଚାଷୀ ଓ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହା ଚାଷୀଙ୍କ ବାର୍ଷିକ ଆୟରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିଛି। ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଚାଷୀଙ୍କ ପାଇଁ ଏକ ମୃତ୍ତିକା ସଚେତନତା କାର୍ଯ୍ୟକ୍ରମ ଓ ମୃତ୍ତିକା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ସମ୍ପ୍ରତି ବିଶ୍ୱ କୃଷି ଦିବସ ପାଳନ କରିଛି। ଏହି ପ୍ରୟାସଟି ମୃତ୍ତିକା ସଂରକ୍ଷଣକୁ ପ୍ରୋତ୍ସାହିତ କରିବା, ବୈଜ୍ଞାନିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଓ କୃଷି ଉତ୍ପାଦକତା ଏବଂ ଦୀର୍ଘକାଳୀନ କୃଷି ସ୍ଥାୟିତ୍ୱରେ ମୃତ୍ତିକା ସ୍ୱାସ୍ଥ୍ୟର ଭୂମିକା ବିଷୟରେ ସଚେତନତା ବୃଦ୍ଧି କରିବା ଉପରେ ଧ୍ୟାନ ଦେଇଥିଲା।

ଏହି ପଦକ୍ଷେପର ପ୍ରଭାବ ବିଷୟରେ ମତ ଦେଇ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, 'ନିରନ୍ତର ବିକାଶ ସମ୍ପ୍ରଦାୟଗୁଡ଼ିକୁ ଆତ୍ମନିର୍ଭରଶୀଳ କରିବା ସହ ଆରମ୍ଭ ହୁଏ। ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ ଆମେ ଗ୍ରାମୀଣ ପରିବାର ସହ ଜୀବିକା ନିର୍ବାହକୁ ସୁଦୃଢ଼ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଓ ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଘନିଷ୍ଠ ଭାବେ କାର୍ଯ୍ୟ କରୁଛୁ। ଆମର ପ୍ରତିବଦ୍ଧତା ଅର୍ଥନୈତିକ ଅଭିବୃଦ୍ଧିଠାରୁ ବିସ୍ତାରିତ, ଆଗାମୀ ପିଢ଼ି ପାଇଁ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ଗଠନ ଉପରେ ଧ୍ୟାନ ଦେଉଛି।'

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ



ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ଓଡ଼ିଶା ସରକାର ଶାସନର ଦୁଇବର୍ଷ ପୂରଣ କରୁଥିବା ବେଳେ ରାଜ୍ୟ ସରକାର ନାଗରିକଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ କହିଛି। ଶୁକ୍ରବାର କଂଗ୍ରେସ ଭବନଠାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ମୁଖପାତ୍ର ମନୋରଞ୍ଜନ ଦାଶ ସରକାରଙ୍କ ବିଭିନ୍ନ ଅପାରଗତାର ପର୍ଦ୍ଦାଫାସ କରିଛନ୍ତି। ଶ୍ରୀ କାନୁନଗୋ କହିଛନ୍ତି ଯେ, ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାରକୁ ୨ ବର୍ଷ ପୂରିଲା। ଏହି ସମୟରେ ବଜାର ଦର ଅତିଶୟ ବୃଦ୍ଧି ପାଇବା ଫଳରେ ଲୋକେ ଅତିଷ୍ଠ ହୋଇଗଲେଣି। ନାରୀଙ୍କ ସୁରକ୍ଷା ବଡ଼ ପ୍ରଶ୍ନବାଚୀ ହୋଇଛି। ଗତ ୨୪ ମାସରେ ୧୧ଟି ହାଜତ ମୃତ୍ୟୁ ମକଦ୍ଦମା ହୋଇଛି। ୨୪ ମାସରେ ୨୪ଟି ହତ୍ୟା, ଏହା କ'ଣ ନାଗରିକଙ୍କ ସୁରକ୍ଷା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ସମସ୍ତ ହାଜତ ମୃତ୍ୟୁ ପାଇଁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ପ୍ରଥମ ଅଭିଯୁକ୍ତ। ତେଣୁ ସେ ଇସ୍ତଫା ଦେଇ ତଦନ୍ତର ସମ୍ମୁଖୀନ ହୁଅନ୍ତୁ।

# ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକ

ରାୟଗଡ଼ା,୧୨।୬(ସଂଚାର ବ୍ୟୁରୋ): ଗୁଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କର ଆଜି ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ସ୍ପଷ୍ଟ କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ସମେତ ରାଜନୈତିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

■ ପତ୍ନୀ ହତ୍ୟା ନେଇ ଆଜୀବନ କାରାଦଣ୍ଡ ଭୋଗୁଥିଲେ

■ ବିଜେପି ଓ ବିଜେଡିର ଶୋକ ବ୍ୟକ୍ତ



ରାମମୂର୍ତ୍ତି ଓଡ଼ିଶା ରାଜନୀତିର ଜଣେ ଜଣାଶୁଣା ଆଦିବାସୀ ନେତା ଥିଲେ। ସେ ୧୯୯୦ରେ ଜନତା ଦଳ ଟିକେଟରେ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୨୦୦୦ରେ ସେ ବିଜେପି ପ୍ରାର୍ଥୀ ଭାବେ ପୁଣି ଥରେ ସେଠାରୁ ବିଧାୟକ ହୋଇଥିଲେ। ତେବେ ତାଙ୍କ ବ୍ୟକ୍ତିଗତ ଜୀବନର ପରବର୍ତ୍ତୀ ସମୟ ବେଶ୍ ଆହ୍ୱାନପୂର୍ଣ୍ଣ ଓ ବିବାଦୀୟ ରହିଥିଲା। ଗତ ୧୯୯୫ରେ ଘଟିଥିବା ତାଙ୍କ ପତ୍ନୀ ଶଶିରେଖା ଗମାଙ୍ଗଙ୍କ ହତ୍ୟା ମାମଲାରେ ସେ ଜଡ଼ିତ ଥିଲେ। ଦୀର୍ଘ ୨୮ ବର୍ଷର ଆଇନଗତ ଲଢ଼େଇ ପରେ ୨୦୨୩ରେ ଭୁବନେଶ୍ୱରର ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। କାରାଗାରରେ ଥିବା ସମୟରେ ଅସୁସ୍ଥତା ବଢ଼ିବାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଶ୍ରୀ ଗମାଙ୍ଗଙ୍କ ପରଲୋକରେ ରାଜନୈତିକ କ୍ଷେତ୍ରରେ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ସେହିପରି ବିଜେଡି ପକ୍ଷରୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଶ୍ରୀ ଗମାଙ୍ଗ ଜଣେ ଦକ୍ଷ ସଂଗଠକ, ସରଳ ବ୍ୟକ୍ତିତ୍ୱ ଓ ଜନପ୍ରିୟ ନେତା ଭାବେ ସେ ସର୍ବଦା ଲୋକଙ୍କ ହୃଦୟରେ ଅମର ରହିବେ ବୋଲି କହିଛନ୍ତି।

# ଜଗତ୍‌ସିଂହପୁରରେ ବ୍ୟାପୁଛି ବେଆଇନ୍ ଅନଲାଇନ୍ ଗେମ୍

ଭୁବନେଶ୍ୱର,୧୨।୬: ଗାଁ ଗହଳରେ ଏବେ ଯୁବଗୋଷ୍ଠୀ କିମି ଅନଲାଇନ୍ ଖେଳ ମାୟାରେ ବାୟା ହୋଇଛନ୍ତି। ଏହି ଖେଳ ଜରିଆରେ କିଛି ଯୁବକ ଅର୍ଥ ରୋଜଗାର କରୁଥିବେଳେ ସାଇବର ପୁଲିସ୍ ନଜର ଓ ବ୍ୟାଙ୍କ୍ ନଜରରୁ ବଞ୍ଚିବାପାଇଁ ବେନାମୀ ଆକାଉଣ୍ଟ ଜରିଆରେ ଖେଳ ଚଳାଇଛନ୍ତି।

ଜଗତ୍‌ସିଂହପୁର ଜିଲ୍ଲାର ଗାଁ ଗହଳରେ ଏବେ ଖେଳ ତାହାର କାୟା ବିସ୍ତାର କରିଛି। ଏହି ବେଆଇନ୍ ଖେଳ ଖେଳିବାପାଇଁ ବ୍ୟାଙ୍କ୍ ଆକାଉଣ୍ଟ ନିହାତି ଆବଶ୍ୟକ ହେଉଥିବାବେଳେ ଏଥିପାଇଁ ଛୋଟ ଛୋଟ ପିଲାମାନେ ନିଜ ନିଜ ଅଭିଭାବକଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନଚେତ ସେମାନେ ନିଜେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଖେଳିବାରେ ଲାଗିଛନ୍ତି।

ଏହି ଖେଳ ଜରିଆରେ କିଛି ଯୁବକ ଅର୍ଥ ରୋଜଗାର କରୁଥିବାର ପ୍ରଚାର ହୋଇଯିବାପରେ ଶହ ଶହ ଯୁବକ ଯୁବତୀ ଏବେ କିମି ଖେଳ ମାୟାରେ ବାୟା ହୋଇଛନ୍ତି। କେତେକ ଯୁବକ ପାଠପଢ଼ା ଛାଡି ଏଥିରେ ମାତିଥିବା ଲକ୍ଷ୍ୟ କରାଯାଉଛି। ତେବେ ସବୁଠାରୁ ବଡକଥା ହୋଇଛି ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ଏହି ଖେଳ କିଛିଦିନ ହେବାପରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାହା ଉପରେ କଟକଣା ଲଗାଇ ଦେଉଛନ୍ତି। ଫଳରେ ଯୁବଗୋଷ୍ଠି ଏକାଧିକ ନୂଆ ନୂଆ ବ୍ୟାଙ୍କ୍ ଆକାଉଣ୍ଟ ନିଜ ନାମରେ ଓ ଅନ୍ୟ ନାମରେ ଖୋଲିବାରେ ଲାଗିଛନ୍ତି।



ଜିଲ୍ଲାର ଗାଁ ଗହଳରେ ଚାଲିଥିବା ଏହି ବେଆଇନ୍ ଅନଲାଇନ୍ ଖେଳ ଉପରେ ସାଇବର ପୁଲିସ୍ କିମ୍ବା ବ୍ୟାଙ୍କ୍ କର୍ତ୍ତୃପକ୍ଷ ସେଭଳି ନଜର ଦେଉନଥିବାରୁ କ୍ରମେ ଏହା ବ୍ୟାପିବାରେ ଲାଗିଛି। କିଛି ଯୁବକ ଏଥିଯୋଗୁଁ ସର୍ବସ୍ୱାନ୍ତ ହେଉଥିବାବେଳେ ଆଉ କିଛି ଧାର ଉଧାର କରି ଏହି ଖେଳରେ ମାତିଛନ୍ତି।

ତେବେ ଭାରତୀୟ ଷ୍ଟେଟବ୍ୟାଙ୍କ୍ କର୍ତ୍ତୃପକ୍ଷ ଏ କ୍ଷେତ୍ରରେ ଶକ୍ତ ପଦକ୍ଷେପ ଗ୍ରହଣ କରିବାପରେ ଅନେକ ବ୍ୟାଙ୍କ୍ ଆକାଉଣ୍ଟ ଏବେ ସାମୟିକ ଭାବେ ଅଚଳ ହେବାରେ ଲାଗିଛି। କେବଳ ଯେଉଁ ଏସ୍‌ବିଆଇ ଆକାଉଣ୍ଟରେ ଖେଳ ହେଉଛି ତାହା ନୁହେଁ, ଯେଉଁମାନେ ଅନଲାଇନ୍ ଗେମ୍ ଅର୍ଥକୁ ନିଜ ନିଜ ସମ୍ପର୍କୀୟଙ୍କ ଷ୍ଟେଟବ୍ୟାଙ୍କ୍ ଆକାଉଣ୍ଟକୁ ପଠାଉଛନ୍ତି ବ୍ୟାଙ୍କ୍ କର୍ତ୍ତୃପକ୍ଷ ମଧ୍ୟ ସେହିସବୁ ଆକାଉଣ୍ଟକୁ ସାମିୟିକ ଭାବେ ଅଚଳ କରୁଛନ୍ତି। ଏଥିଯୋଗୁଁ ଗାଁ ଗହଳର ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସବୁଠାରୁ ବଡ କଥା ହେଲା ଏହି ଗେମ୍ ଜରିଆରେ ବ୍ୟାପକ ହାୱାଲା କାରବାର ହେଉଥିବା ମଧ୍ୟ ଆଲୋଚନା ହେଉଛି। କଳାଟଙ୍କାକୁ ଏହି ଗେମ୍ ଜରିଆରେ ଧଳା କରାଯିବା ସହିତ ଖେଳ ନାଁରେ ଯେଉଁମାନେ ଏହାକୁ ବଦଳାଇ ଦେଉଛନ୍ତି ସେମାନଙ୍କୁ ମୋଟା ଅଙ୍କର କମିଶନି ଦିଆଯାଉଛି। ଏହି ଖେଳକୁ ବେଆଇନ୍ ତାଲିକାଭୁକ୍ତ କରାଯାଇଥିଲେ ବି ଅର୍ଥ ଲୋଭରେ ଜିଲ୍ଲାର ବହୁ ଯୁବକ ଏବେ ଏହାକୁ ଖେଳିବାରେ ଲାଗିଛନ୍ତି। ତେଣୁ ସାଇବର ପୁଲିସ୍ ସହିତ ଜିଲ୍ଲା ପୁଲିସ୍ ଏବଂ ସ୍ଥାନୀୟ ବ୍ୟାଙ୍କ୍‌ଗୁଡିକ ଏହା ଉପରେ କଡା ନଜର ରଖିବାପାଇଁ ମତପ୍ରକାଶ ପାଉଛି। ଏହାକୁ ତୁରନ୍ତ ରୋକାନଗଲେ ଶହ ଶହ ଯୁବକ ଏଥିଯୋଗୁଁ ଋଣଯନ୍ତାରେ ପଡିବା ସହିତ ସର୍ବସ୍ୱାନ୍ତ ହୋଇଯିବେ ବୋଲି ଆଶଙ୍କା କରାଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୧୩ ଜୁନ୍ ୨୦୨୬, ଭୁବନେଶ୍ୱର

Saturday 13 June 2026, Bhubaneswar

# ସଙ୍କଟ ଆଉ କେତେ ଦିନ?

ଭାରତର ଅର୍ଥନୀତି ଓ ସାଧାରଣ ଜନଜୀବନ ସହ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଅତ୍ୟନ୍ତ ନିବିଡ଼ ଭାବରେ ଜଡ଼ିତ। ଦେଶରେ ପରିବହନ, କୃଷି, ଶିଳ୍ପ ଏବଂ ଦୈନନ୍ଦିନ ଉପଭୋଗ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ଏହି ଇନ୍ଧନ ଦର ଉପରେ ନିର୍ଭର କରେ। ଗତ କିଛି ବର୍ଷ ଧରି ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦରର ଅସ୍ଥିରତା, ଭୂ-ରାଜନୈତିକ ସଂଘର୍ଷ ଓ ଯୋଗାଣ ଶୃଙ୍ଖଳାର ସମସ୍ୟା କାରଣରୁ ଭାରତରେ ପେଟ୍ରୋଲ-ଡିଜେଲକୁ ନେଇ ଚିନ୍ତା ଲାଗି ରହିଛି। ପ୍ରଶ୍ନ ହେଉଛି, ଏହି ସଙ୍କଟ ଆଉ କେତେ ଦିନ ଚାଲିବ?

ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ତେଣୁ ଆନ୍ତର୍ଜାତିକ ବଜାରରେ ଦର ବୃଦ୍ଧି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡ଼ିଥାଏ। ମଧ୍ୟପ୍ରାଚ୍ୟର ଉତ୍ତେଜନା, ରୁଷ-ୟୁକ୍ରେନ ଯୁଦ୍ଧ, ଓପେକ୍ ଦେଶମାନଙ୍କ ଉତ୍ପାଦନ ନୀତି ଏବଂ ଡଲାର ବିନିମୟ ମୂଲ୍ୟର ପରିବର୍ତ୍ତନ ଇନ୍ଧନ ଦରକୁ ପ୍ରଭାବିତ କରୁଛି। ଯେପର୍ଯ୍ୟନ୍ତ ଭାରତ ଆମଦାନୀ ଉପରେ ଏତେ ଅଧିକ ନିର୍ଭରଶୀଳ ରହିବ, ସେପର୍ଯ୍ୟନ୍ତ ପେଟ୍ରୋଲ-ଡିଜେଲ ମୂଲ୍ୟରେ ସ୍ଥିରତା ଆସିବା କଷ୍ଟକର।

ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି କେବଳ ଗାଡ଼ି ଚାଳକଙ୍କୁ ପ୍ରଭାବିତ କରେ ନାହିଁ; ଏହାର ପ୍ରଭାବ ସମଗ୍ର ଅର୍ଥନୀତି ଉପରେ ପଡ଼େ। ପରିବହନ ଖର୍ଚ୍ଚ ବଢ଼ିଲେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପର୍ଯ୍ୟନ୍ତ ସବୁକିଛି ମହଙ୍ଗା ହୋଇଯାଏ। କୃଷକଙ୍କ ପାଇଁ ଡିଜେଲ ଚାଳିତ ପମ୍ପ ଓ ଯନ୍ତ୍ରପାତି ବ୍ୟବହାରର ଖର୍ଚ୍ଚ ବଢ଼େ। ଫଳରେ ଉତ୍ପାଦନ ବ୍ୟୟ ବୃଦ୍ଧି ପାଇ ମହଙ୍ଗାମିକୁ ଆହୁରି ଉସକାଇଥାଏ। ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାର ପାଇଁ ଏହା ଅତିରିକ୍ତ ଆର୍ଥିକ ଚାପ ସୃଷ୍ଟି କରୁଛି।

ପେଟ୍ରୋଲ-ଡିଜେଲ ସଙ୍କଟର ଦୀର୍ଘମିଆଦି ସମାଧାନ ବିକଳ୍ପ ଇନ୍ଧନ ଓ ନବୀକରଣଯୋଗ୍ୟ ଶକ୍ତିରେ ନିହିତ। ଭାରତ ସରକାର ବିଦ୍ୟୁତ ଚାଳିତ ଯାନ, ଇଥାନଲ ମିଶ୍ରିତ ଇନ୍ଧନ, ଗ୍ରୀନ ହାଇଡ୍ରୋଜେନ ଏବଂ ସୌର ଶକ୍ତିକୁ ପ୍ରୋତ୍ସାହନ ଦେଉଛନ୍ତି। ଏହା ଏକ ସକାରାତ୍ମକ ପଦକ୍ଷେପ ହେଲେ ମଧ୍ୟ ଏହାର ଫଳାଫଳ ତୁରନ୍ତ ମିଳିବ ନାହିଁ। ଦେଶବ୍ୟାପୀ ଭାବେ ଚାର୍ଜିଂ ଭିତ୍ତିଭୂମି, ଉତ୍ପାଦନ କ୍ଷମତା ଓ ଜନସଚେତନତା ବଢ଼ିବା ପରେ ମାତ୍ର ଇନ୍ଧନ ଆମଦାନୀ ଉପରେ ନିର୍ଭରତା କମିପାରିବ।

ବିଶେଷଜ୍ଞମାନଙ୍କ ମତରେ, ପେଟ୍ରୋଲ ଓ ଡିଜେଲ




ଉପରେ ଲାଗୁଥିବା କେନ୍ଦ୍ର ଓ ରାଜ୍ୟ କରର ପୁନଃ ସମୀକ୍ଷା ଆବଶ୍ୟକ। ଇନ୍ଧନକୁ ଜିଏସ୍ଟି ପରିସରକୁ ଆଣିବା ନେଇ ବହୁ ଦିନ ଧରି ଆଲୋଚନା ହେଉଛି। ଯଦିଓ ଏହା ଏକ ଜଟିଳ ବିଷୟ, ତଥାପି ଦୀର୍ଘକାଳୀନ ଭାବେ ଗ୍ରାହକଙ୍କୁ ଆସ୍ୱସ୍ତି ଦେବା ପାଇଁ ସରକାରଙ୍କୁ ସନ୍ତୁଳିତ ନୀତି ଗ୍ରହଣ କରିବାକୁ ପଡ଼ିବ। ସେହିପରି ଦେଶୀୟ ତୈଳ ଉତ୍ପାଦନ ବୃଦ୍ଧି ଓ କୌଶଳଗତ ତୈଳ ଭଣ୍ଡାର ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର।

ପେଟ୍ରୋଲ-ଡିଜେଲ ସଙ୍କଟ କୌଣସି ଅସ୍ଥାୟୀ ସମସ୍ୟା ନୁହେଁ; ଏହା ଭାରତର ଉର୍ଜା ସୁରକ୍ଷା ସହ ଜଡ଼ିତ ଏକ ବଡ଼ ଚ୍ୟାଲେଞ୍ଜ। ଯେପର୍ଯ୍ୟନ୍ତ ଦେଶ ବିଦେଶୀ ତୈଳ ଉପରେ ଅଧିକ ନିର୍ଭରଶୀଳ ରହିବ, ସେପର୍ଯ୍ୟନ୍ତ ଏପରି ସଙ୍କଟ ପୁଣିପୁଣି ଦେଖାଦେବ। ତେଣୁ ତୁରନ୍ତ ରାହାତ ସହିତ ଦୀର୍ଘମିଆଦି ଉର୍ଜା ନୀତି, ବିକଳ୍ପ ଇନ୍ଧନର ବ୍ୟାପକ ପ୍ରସାର ଏବଂ ଆମଦାନୀ ନିର୍ଭରତା ହ୍ରାସ ପାଇଁ ଦୃଢ଼ ପଦକ୍ଷେପ ହିଁ ଏହି ସଙ୍କଟର ପ୍ରକୃତ ସମାଧାନ। ନଚେତ୍ ପେଟ୍ରୋଲ-ଡିଜେଲକୁ ନେଇ ଚିନ୍ତା ଓ ମହଙ୍ଗାମିର ଚକ୍ର ଆଗାମୀ ଦିନରେ ମଧ ଜାରି ରହିବ। ବାସ୍ତବରେ, ଭାରତର ଉର୍ଜା ନୀତିକୁ ଅଧିକ ଦୂରଦର୍ଶୀ ଓ ଜନକୈନ୍ଦ୍ରିକ କରିବାର ଆବଶ୍ୟକତା ରହିଛି। କେବଳ ବିଶ୍ୱ ବଜାରର ଉତ୍ଥାନ-ପତନ ଉପରେ ନଜର ରଖିବା ଯଥେଷ୍ଟ ନୁହେଁ; ବରଂ ଦେଶୀୟ ଉତ୍ପାଦନ ବୃଦ୍ଧି, କର ଢାଞ୍ଚାର ସଂସ୍କାର ଓ ବିକଳ୍ପ ଇନ୍ଧନର ଶୀଘ୍ର ବିସ୍ତାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ନଚେତ୍ ପ୍ରତ୍ୟେକ ଆନ୍ତର୍ଜାତିକ ସଙ୍କଟ ସମୟରେ ଭାରତୀୟ ଉପଭୋକ୍ତାଙ୍କୁ ମହଙ୍ଗା ଇନ୍ଧନର ବୋଝ ବହନ କରିବାକୁ ପଡ଼ିବ।

ଏହା ମଧ ସତ୍ୟ ଯେ, ଏହି ସମସ୍ୟା କେବଳ ଗୋଟିଏ ସରକାର କିମ୍ବା ଗୋଟିଏ ରାଜନୈତିକ ଦଳର ଅମଳରେ ସୃଷ୍ଟି ହୋଇନାହିଁ। ଦଶନ୍ଧି ଧରି ଚାଲିଆସୁଥିବା ଆମଦାନୀ ନିର୍ଭରତା ଓ ଉର୍ଜା କ୍ଷେତ୍ରର ଗଠନାତ୍ମକ ଦୁର୍ବଳତା ଏହାର ମୂଳ କାରଣ। ତେଣୁ ସମାଧାନ ମଧ ଦୀର୍ଘମିଆଦି ହେବା ଦରକାର। ବର୍ତ୍ତମାନର ଶାସନ ବ୍ୟବସ୍ଥା ସଫଳ ହେବ କି ନାହିଁ, ତାହା ଏହାର ନୀତିଗତ ଦୃଢ଼ତା, କାର୍ଯ୍ୟକାରିତା ଏବଂ ସାଧାରଣ ଲୋକଙ୍କ ସ୍ୱାର୍ଥକୁ କେତେ ପ୍ରାଥମିକତା ଦେଉଛି, ତାହା ଉପରେ ନିର୍ଭର କରିବ।

# ରଜ ପୋଡ଼ପିଠା

ଇତିଶ୍ରୀ ଅଲିଭା ଦୀପ୍ତିମୟୀ ରାଉତ



ପିଠା ଭିତରେ ସାର ରଜ ପୋଡ଼ ପିଠା। ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା। ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ। ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ। ପହିଲିରଜ ପୂର୍ବଦିନ ସଜବାଜା ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ। ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି। ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ। ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼। ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ। ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ। ସହଯୋଗ କରେ ଶାଶୂ। ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ। କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ। ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ। ପଲମରେ ଦିଆଯାଏ କଦଳୀପତ୍ର। ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ। ଏତେସବୁ କାମ ଭିତରେ ଘଷି ରଢ଼ନିଆଁ ଝଟକି ଉଠୁଥାଏ ଚୁଲିରେ। ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଢ଼ନିଆଁ। ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ। ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି। ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା। ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ। ଖୁସି କହିଲେ ନସରେ। ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ। ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ। ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ। ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ। ଚାରିପଟେ ବେଢ଼ିଯାନ୍ତି ପିଲାମାନେ।

କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ। ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା। ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି। ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ। ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ। କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଞ୍ଚିଯାଏ ତାଙ୍କ ଘରେ। ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା। ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ। ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ। ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ। ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି। ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର। ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ। ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି।

ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍:୯୪୩୭୨୨୫୬୮୯



# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀମାନଙ୍କର ଧ୍ୱନୀ

ନାରାୟଣ ଚନ୍ଦ୍ର ବିଶ୍ୱାଳ



କଥାବାର୍ତ୍ତା ବା ଭାବର ଆଦାନ ପ୍ରଦାନ ଆବହମାନ ସମୟରୁ ରହିଆସିଛି। ଏ ସୃଷ୍ଟିର ବଡ଼ ବୈଚିତ୍ର୍ୟତା ହେଉଛି ମଣିଷଠାରୁ ଜୀବ ଜଗତ, କୀଟପତଙ୍ଗ ସମସ୍ତଙ୍କର ଏହି ଧ୍ୱନୀ ପ୍ରକରଣ ଯେତିକି ରହସ୍ୟମୟ ସେତିକି ଆଶ୍ଚର୍ଯ୍ୟଜନକ। ଆପଣ ଗାଁ ଗଣ୍ଡାର କଥାଟିକେ ମନେ ପକାନ୍ତୁ, ଖରାଦିନେ ବାଉଁଶ ବାଡ଼ି ଆଡ଼େ ଅନେକ 'କଡ଼ କଡ଼' ଧ୍ୱନୀ ଶୁଣନ୍ତି। ସେହିପରି ଅନେକ ପବନ ସୁ ସୁ ଶବ୍ଦରେ ଆସିଲା ବୋଲି ନିଜ ଅନୁଭୂତିରୁ କହିଥାନ୍ତି। ପଶୁମାନଙ୍କ ଭିତରେ ବିଶେଷକରି ଗୋରୁଗାଈଙ୍କ ହମ୍ବାଳ, କୁକୁରର ଚିତ୍କାର ଓ ବେଳେ ବେଳେ ଲମ୍ବା କାନ୍ଦଣା, ବିଲୁଆଙ୍କ ହୁକେ ହୁ, କୋଇଲିର କୁହୁତାନ, ଘୋଡ଼ାର ରାବ ଏପରି ଅନେକ ଧ୍ୱନୀର ବାସ୍ତବିକ ବ୍ୟବସ୍ଥା ଆମେ ସବୁ ଅନୁଭବ କରିଥାଉ। ଏ ଦୁନିଆରେ ସମସ୍ତେ କହିବା ପାଇଁ, ଦେଖିବା ପାଇଁ ଠାରୁ ବେଶି ଶୁଣିବା ପାଇଁ ଚାହାଁନ୍ତି। ଆଉ ଭାବ ଆଦାନପ୍ରଦାନ ହେଉଛି ମଣିଷର ସହଜାତ ଗୁଣ, ପ୍ରକୃତି ଓ ପ୍ରବୃତ୍ତି। ତେବେ ବର୍ତ୍ତମାନର କିଛି ଅସ୍ୱାଭାବିକ ବିଲକ୍ଷଣ ଏହି ଧ୍ୱନୀର ତରଙ୍ଗକୁ ନିଷ୍ପ୍ରଭ କରିବାକୁ ଯାଉଛି।

ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୋଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜ୍ଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। କିଛି ଦିନ ଥଣ୍ଡା ପଡ଼ିଯାଇଥିବା ପରେ ପୁନର୍ବାର ଆମେରିକା-ଇରାନ-ଇସ୍ରାଏଲ ସାମରିକ ଯୁଦ୍ଧରେ ସବୁଠାରୁ ବଡ଼ କଷ୍ଟକୁ ସାମ୍ନା କରୁଛନ୍ତି ଶାନ୍ତ, ସରଳ ଓ ନିରୀହ, ମୁକ ଡଲଫିନ୍ ଓ ସାମୁଦ୍ରିକ ଜୀବ ମାନେ। ଦିନ ଥିଲା ତିମି ମାନଙ୍କ ସଙ୍ଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ସୁଷୁରି ଶବ୍ଦରେ ପୁରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ। ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଙ୍ଗୀତ ପରି ଅନେକଙ୍କୁ ଶୁଭିଥାଏ। ବର୍ତ୍ତମାନ ଆମ ମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି। ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଶବ୍ଦ ପ୍ରଦୂଷଣ। ବିଶେଷଜ୍ଞ ମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ। ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଊର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି। ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଶବ୍ଦ ଅଥଳ ଜଳରାଶିକୁ ଗତି କରୁଛି। କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି। ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୋଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ। ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ। ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ କରିବା ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି। ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଶବ୍ଦ ମଧ୍ୟ ସାଗର ଧ୍ୱନୀ ପ୍ରଦୂଷିତ କରୁଛି। ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଶବ୍ଦ ପ୍ରଦୂଷଣ ନୁହଁ ଅଥଳ ଜଳରାଶିକୁ ମଧ୍ୟ ବିଷାକ୍ତ କରିଦେଉଛନ୍ତି।



ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ। ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି। ତେଣୁ କରି ୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଶବ୍ଦ ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁ ଗୁଣିତ ହୋଇ ଆସୁଛି। ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା। ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନା ଗମନ ଯୋଗୁଁ ସାଗରର ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଶବ୍ଦ ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି। ଆମେ ସମସ୍ତେ ଭୁଲି ଯାଉଛେଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି। ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମି ମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି। ଡଲଫିନ ମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନୀର ପ୍ରତିଧ୍ୱନୀ ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି। ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନୀ ଯୋଗୁଁ ସାମୁଦ୍ରିକ ପ୍ରାଣୀ ମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନୀ ସତେଯେପରି ନିଷ୍ପ୍ରଭ ହୋଇଯାଉଛି। କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ। ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି।

ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନୀ ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି।

ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଶବ୍ଦ ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଶବ୍ଦ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ। ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଶବ୍ଦ ପ୍ରଦୂଷଣ ହ୍ରାସ ପାଇପାରିବ। ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହାର ଗମନ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଶବ୍ଦ ହେବ। ଓଡ଼ିଶା କଥା ମଧ୍ୟ ଆଲୋଚନା ରଖୁଛୁ। ବ୍ରହ୍ମପୁର, ପାରଦ୍ୱୀପ, ମହାକାଳପଡ଼ା ପରି ସମୁଦ୍ରକୁ ଲାଗିଥିବା ମୁହାଣ ଏବଂ ବିଭିନ୍ନ ନଦୀରେ ବଡ଼ ବଡ଼ ମାଛଧରା ଡଙ୍ଗା ବିଶେଷକରି ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଓ ବଡ଼ ବଡ଼ ଭେଳା, ଯେଉଁଥିରେ ଉଚ୍ଚ କ୍ଷମତାସମ୍ପନ୍ନ ମୋଟର ଲାଗିଛି ଏହା ଜଳଜୀବଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି। ପ୍ରଥମତଃ ବୁକୁ ଚିରା କମ୍ପନ ଓ ଦ୍ୱିତୀୟତଃ ଯେଉଁପରି ବିଷାକ୍ତ ତେଲ ଓ ଆବର୍ଜନା ଜଳରାଶିକୁ ବିଷାକ୍ତ କରୁଛି ଏହା ପ୍ରାଣୀଜଗତର ଖାଦ୍ୟ ପାଇଁ ନୁହେଁ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ମଧ୍ୟ ବିଷାକ୍ତ ବୋଲି ଗବେଷକମାନଙ୍କର ମତ। ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଶବ୍ଦ ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ। ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା। ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୁକ ନିରୀହ ଜଳଚରଙ୍କ ଶବ୍ଦ ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା!!

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ', କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋବାଇଲ୍:୯୪୩୮୨୭୬୭୬୦

# ମହାପ୍ରଳୟର ଚେତାବନୀ

ମୌଲାନା ଫଜଲ ହକ ଖାନ୍



ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ। ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି। ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି। ପ୍ରାକୃତିକ ବିପ୍ରାପ୍ତ ଦ୍ୱାରାବିଶ୍ୱର ଭାରସାମ୍ୟର ମଧ୍ୟ ଅବନତୀ ଘଟିଛି। କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି। ଏପରିକି ଏଡ୍ସ, ସ୍ୱାଇନ୍ ଫ୍ଲୁ , ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏବେ ପୁଣି ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିକୁ ଚିନ୍ତାରେ ପକାଇଛି। ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି।

ଏ ସବୁ କ'ଣ ? ଏବଂ କାହିଁକି ଏପରି ବିପ୍ରାପ୍ତ ? କ'ଣ ଏହା ମଧ୍ୟରେ ରହସ୍ୟ ରହିଛି ? ସେବେ ଠାରୁ ମୋ ମନକୁ ଏ କଥା ଆନ୍ଦୋଳିତ କରୁଛି। ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ " ହକିକତୁଲ ଓହି, ପୃଷ୍ଠା- ୨୬୯ରେ " କୁହନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତରେ ନାହୁଁ। ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ। ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ। ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖୁ ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖୁବାକୁ ପାଉଛି। ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ। ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ। ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ। ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି। ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ। ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବରର୍ତ୍ତନ ମଧ୍ୟ ନିକଟତର ହୋଇ ଆସୁଛି। ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ। ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି। ଏଣୁ ଅନୁତାପ କର। ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ।

ହଜରତ ଅହମଦ କୁହନ୍ତି; ଅଲ୍ଲାହଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତ୍ତିରୁ ମୁକ୍ତି ପ୍ରଦାନ କରିବେ। ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ।

ଈଶ୍ୱରଙ୍କ ଏକଥା ଯେ 'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର' ଅର୍ଥାତ୍ 'ଯେଉଁମାନେ ମୋ ଘର ଭିତରେ ଅଛନ୍ତି, ସେମାନେ ସୁରକ୍ଷିତ ରହିବେ। ପ୍ରତ୍ୟେକ ବ୍ୟକ୍ତି ଯିଏ ମୋ ଶିକ୍ଷା ଓ ଆଦର୍ଶକୁ ସମ୍ପୂର୍ଣ୍ଣ ଭାବେ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ କରିଛନ୍ତି। ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ୍ତ ମଧ୍ୟ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ।

ଏ ସଂବନ୍ଧରେ ପବିତ୍ର କୋରାନ କୁହେ; " ୱମା କୁନ୍ନା ମୁଅ'ଜିବିନା ହତ୍ତା ନବ୍‌ଅସା ରସୁଲା" (ପବିତ୍ର କୋରାନ, ବନି ଇସ୍ରାଇଲ:୧୬) ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ। କ'ଣ ଏ ବିପ୍ରାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ'ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ଯଦିଓକି ପ୍ରତ୍ୟେକ ଧର୍ମଶାସ୍ତ୍ର ଓ ସମ୍ପ୍ରଦାୟରେ ଅନ୍ତିମ ଯୁଗରେ ଏକ ଅବତାର ଆସିବାର ଭବିଷ୍ୟତବାଣୀ ରହିଛି। ନିଜ ସ୍ରଷ୍ଟାକୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ'ଣ ଏ ବିପ୍ରାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ରାପ୍ତ ଦେଖା ଯାଉଛି, କ'ଣ ସେ ଈଶ୍ୱରଙ୍କର ପ୍ରକୋପ କି ?

ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ'ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତ୍ତରୁ ତ୍ରାହି ପାଇବା କିପରି ? ଏହାର ଉତ୍ତରରେ ସେ କହିଛନ୍ତି; " ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ। ତୁମେ ଶୋଇ ରହିଥିବ, ଅଲ୍ଲାହ ତୁମ ପାଇଁ ଜାଗ୍ରତ ରହିବେ। ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ। ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ। ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ ଶକ୍ତି ରହିଛି। ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ।" ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାହ ସେମାନଙ୍କ ପ୍ରତି ସଦୟ ହେବେ।... ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ। ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାହଙ୍କୁ ଭୟ କର। ତଦ୍ୱାରା ତୁମେମାନେ ପରିତ୍ରାଣ ପାଇବ। ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା। ପରମତପ ଅଲ୍ଲାହଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତ୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ। ଏହା ହିଁ ଆମର କାମନା।

ମଙ୍ଗଳାବାଗ-କଟକ, ମୋବାଇଲ୍:୯୬୯୨୨୫୦୫୭

# ଧମକ ପରେ ସ୍ୱର ବଦଳାଇଲେ ଟ୍ରମ୍ପ

## ସପ୍ତାହକ ମଧ୍ୟରେ ଚୁକ୍ତି: ଆମେରିକା

## ଦାବି କଥାକୁ ଅସ୍ୱୀକାର କଲା ଇରାନ୍



ନୂଆଦିଲ୍ଲୀ,୧୨।୬: କିଛିଦିନର ନୀରବତା ପରେ ପୁଣି ମଧ୍ୟପ୍ରାଚ୍ୟ ଆଶାନ୍ତ ହୋଇଛି। ଶାନ୍ତି ଫେରିବା ଆଶା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଘଟଘଟା ଜାରି ରହିଛି। ଗୁରୁବାର ଇରାନ ଉପରେ ବୋମା ବର୍ଷା କରିଥିଲା ଆମେରିକା। ଆକ୍ରମଣର ଧମକ ଦେଇଥିଲେ ଟ୍ରମ୍ପ। କିନ୍ତୁ ଧମକର କେଇଘଣ୍ଟା ପରେ ଟ୍ରମ୍ପ ସ୍ୱର ବଦଳାଇଛନ୍ତି। ଇରାନ ଉପରେ ଆକ୍ରମଣ କରିବେ ନାହିଁ ବୋଲି କହିଛନ୍ତି। ହର୍ମୁଜ ପାଖରେ ୨ଟି ଇରାନୀ ଡ୍ରୋନ୍ ଗୁଳି କରି ଖସାଇଛି ଆମେରିକା। ସବୁଠୁ ବଡ଼ କଥା ହେଉଛି ସପ୍ତାହକ ମଧ୍ୟରେ ଶାନ୍ତି ଚୁକ୍ତି ଡିଲ୍ ହେବ ବୋଲି ବଡ଼ ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କିନ୍ତୁ ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖାନ କରିଛି ତେହେରାନ। ଆମେରିକା ସହିତ କୌଣସି ଚୁକ୍ତି ହୋଇନାହିଁ ବୋଲି କହି ଟ୍ରମ୍ପଙ୍କ ଦାବିକୁ ଖାରଜ କରିଛି।

ଇରାନ ଉପରେ ଦୁଇ ଦିନର ଆକ୍ରମଣ ଏବଂ ତୃତୀୟ ଦିନର ଧମକ ପରେ, ଡୋନାଲ୍ଡ ଟ୍ରମ୍ପ ଏବେ ୟୁ-ଟର୍ଣ୍ଣ ନେଇଛନ୍ତି। ସେ ଦାବି କରିଛନ୍ତି ଯେ, ଯୁଦ୍ଧ ଶେଷ ହୋଇଯାଇଛି। କିନ୍ତୁ ଏହା ପ୍ରଥମ ଥର ନୁହେଁ ଯେବେ ଆମେରିକା ରାଷ୍ଟ୍ରପତି ଏହି ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି, ତୁମେ ଶୁଣିଛ କି ନାହିଁ ମୁଁ ଜାଣିନାହିଁ, କିନ୍ତୁ ଆମେ ଆଜି ଇରାନ ସହିତ ଯୁଦ୍ଧ ସମାପ୍ତ କରିଛୁ। ସେମାନେ ସହମତ ହୋଇଥିଲେ ଯେ ସେମାନେ କେବେ ବି ପରମାଣୁ ଅସ୍ତ୍ର ନିର୍ମାଣ କରିବେ ନାହିଁ। ଏହା ହିଁ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା। ଚୁକ୍ତିର ୯୫ ପ୍ରତିଶତ ଏହା ବିଷୟରେ ହିଁ ଥିଲା। ସପ୍ତାହ ମଧ୍ୟରେ ୟୁରୋପରେ ଐତିହାସିକ ଚୁକ୍ତି ସ୍ୱାକ୍ଷର ହୋଇପାରେ ବୋଲି ଦାବି କରିଛନ୍ତି ଟ୍ରମ୍ପ। ଏହି ଚୁକ୍ତିରେ ଇରାନ୍ କେବେ ବି ପରମାଣୁ ଅସ୍ତ୍ର କରିପାରିବ ନାହିଁ

ଇରାନ ସହିତ ଏକ ଚୁକ୍ତି ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବୃତ୍ତିର କିଛି ଘଣ୍ଟା ପରେ, ଇରାନ ଏହାକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସମାଇଲ ବାଘାଇ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ କୌଣସି ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ। ଏପରି ରିପୋର୍ଟ କେବଳ ଅନୁମାନ। ସେ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ସମ୍ପ୍ରତି ଆମେରିକାର ଆକ୍ରମଣକୁ ନିନ୍ଦା କରିଛନ୍ତି। ଆମେରିକାକୁ ଦାୟୀ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଅପିଲ୍ କରିଛନ୍ତି। ଇରାନ ଏ ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଚୁକ୍ତି କରିନାହିଁ। ଇରାନ ସରାକରୀ ନ୍ୟୁଜ ଏଜେନ୍ସିଂ ସୂଚନା ଅନୁସାରେ ବାଘାଇ କହିଛନ୍ତି ରେଡ୍ ଲାଇନ୍ ସହ ଆମେ କେବେ ସାଲିସ୍ କରିବୁ ନାହିଁ। ଚୁକ୍ତି ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

# ତୁଗଲକାବାଦ୍ ଆବାସିକ ବିଲଡିଂରେ ନିଆଁ ଲାଗି ୩ ମୃତ

ନୂଆଦିଲ୍ଲୀ, ୧୨।୬: ଶୁକ୍ରବାର ଭୋର ସମୟରେ ଦକ୍ଷିଣ-ପୂର୍ବ ଦିଲ୍ଲୀର ତୁଗଲକାବାଦ୍ ଅଞ୍ଚଳରେ ଏକ ବହୁତଳ ଆବାସିକ ବିଲଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଜଣେ ୨୨ ବର୍ଷୀୟ ଯୁବକ ଏବଂ ଦୁଇଜଣ ମହିଳାଙ୍କ ସମେତ ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ପ୍ରଶାସନିକ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨: ୨୫ ମିନିଟ୍ରେ ତୁଗଲକାବାଦ୍ ଗଳି ନମ୍ବର ୧ ରେ ଥିବା ଏକ ୬ ମହଲା ବିଶିଷ୍ଟ କୋଠାରେ ଏହି ଅଗ୍ନିକାଣ୍ଡ ଘଟିଥିଲା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ପାର୍କିଂ ଏରିଆରେ ବୈଦ୍ୟୁତିକ ଶର୍ଟ ସର୍କିଟ୍ ଯୋଗୁଁ ପ୍ରଥମେ ନିଆଁ ଲାଗିଥିଲା। ସେହି ସମୟରେ ଚାର୍ଜ ହେଉଥିବା ଏକ ଇଲେକ୍ଟ୍ରିକ୍ ସ୍କୁଟର ସମେତ ସେଠାରେ ରଖାଯାଇଥିବା ୭ଟି ଦୁଇଚକିଆ ଯାନକୁ ନିଆଁ ତୁରନ୍ତ ନିଜ କବ୍ଜାକୁ ନେଇଯାଇଥିଲା।




ଦିଲ୍ଲୀ ଅଗ୍ନିଶମ ସେବା ଅଧିକାରୀଙ୍କ ମୁତାବକ, ଗ୍ରାଉଣ୍ଡ ଫ୍ଲୋରରୁ ବାହାରିଥିବା ପ୍ରବଳ କଳା ଧୂଆଁ ସିଡ଼ି ଘର ଦେଇ ଖୁବ୍ ଦ୍ରୁତ ଗତିରେ ଉପର ମହଲାଗୁଡ଼ିକୁ ବ୍ୟାପି ଯାଇଥିଲା। ଏହି କାରଣରୁ କୋଠାରେ ରହୁଥିବା ଅନେକ ବାସିନ୍ଦା ଭିତରେ ହିଁ ଫସି ରହିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବାହିନୀର ୪ଟି ଗାଡ଼ି, କ୍ୟାଟ୍ସ ଆମ୍ବୁଲାନ୍ସ ଏବଂ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରେସନ୍ ଆରମ୍ଭ କରିଥିଲେ। ଉଦ୍ଧାରକାରୀ ଦଳ ବିଲଡିଂ ଭିତରେ ଫସିଥିବା ୮ ଜଣ ବାସିନ୍ଦାଙ୍କୁ ସୁରକ୍ଷିତ ବାହାରକୁ ଆଣି ସଫଦରଜଙ୍ଗ ହସ୍ପିଟାଲ ଏବଂ ଏମ୍ସ ଟ୍ରମା ସେଣ୍ଟରକୁ ପଠାଇଥିଲେ।

## ଗଛରେ ପିଟି ହେଲା ସ୍କର୍ପିଓ, ପରିବାରର ୫ ମୃତ



ରାଞ୍ଚି,୧୨।୬: ଗଛରେ ପିଟି ହୋଇଗଲା ସ୍କର୍ପିଓ। ଗୋଟିଏ ପରିବାରର ୫ ମୃତ। ମୃତକଙ୍କ ମଧ୍ୟରେ ତିନି ଶିଶୁ। ଏପରି ଅଭାବନୀୟ ଘଟଣା ଘଟିଛି ଝାଡଖଣ୍ଡରେ। ଏକ ସ୍କର୍ପିଓ ନିୟନ୍ତ୍ରଣ ହରାଇ ଗଛରେ ପିଟି ହୋଇଯିବାରୁ ଭୟଙ୍କର ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁସାରେ, ଗୁଲାମ ମୁସ୍ତଫା ନାମକ ଜଣେ ବ୍ୟକ୍ତି ନିଜ ଝିଅ ହିନା ଏବଂ ନେହା ପରବୀନ ଏବଂ ନାତି ନାତୁଣୀଙ୍କ ସହ ମିଶି ସିମଡେଗା ଜିଲ୍ଲାର ଲସିୟା ଗାଁ ଯାଉଥିଲେ। କିନ୍ତୁ ରାସ୍ତାରେ ଯାଉଥିବା ବେଳେ ସେମାନଙ୍କ କାରଟି ନିୟନ୍ତ୍ରଣ ହରାଇଥିଲା। ଫଳରେ ଏହା ରାସ୍ତା କଡରେ ଥିବା ଏକ ଗଛରେ ଜୋରରେ ପିଟି ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗି ରୁଜି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୫ ଜଣ ପ୍ରାଣ ହରାଇଥିଲେ। ଏହାସହ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ମୃତକମାନେ ହେଲେ ଗୁଲାମ ମୁସ୍ତାଫା, ଗୁଲସନ ପରବୀନ ଏବଂ ଅନ୍ୟ ତିନି ଶିଶୁ। ସେହିପରି ଗୁଲାମଙ୍କ ଝିଅମାନେ ଏବଂ କାରର ଡ୍ରାଇଭର ଆହତ ହୋଇଛନ୍ତି। ଯାହା ପରିବାର ଉପରେ ଦୁଃଖର ପାହାଡ ଲଦି ଦେଇଛି।

ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ପୋଲିସ ପହଁଚି ତଦନ୍ତ ଆରମ୍ଭ କରୁଛି। ମୃତକଙ୍କ ପୋଷ୍ଟମର୍ଟମ୍ ହୋଇଛି। ଆହତଙ୍କୁ ହସ୍ପିଟାଲରେ ଉପ ଜିଲ୍ଲାପାଳ ଭେଟିଛନ୍ତି। ଏହାସହ ଉପଯୁକ୍ତ ଚିକିତ୍ସା କରିବାକୁ ସେ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

## ଉଦ୍ଧାର ବେଳେ ମାଡ଼ିଗଲା ଏସ୍‌ୟୁଭି, ୫ ମୃତ




ନୂଆଦିଲ୍ଲୀ,୧୨।୬: ମର୍ମନ୍ତୁଦ ସଡକ ଦୁର୍ଘଟଣା। ଗାଁ ଲୋକଙ୍କ ଉପରେ ମାଡ଼ିଗଲା ଏସୟୁଭି। ଜୀବନ ହାରିଲେ ୫ ବ୍ୟକ୍ତି। ଏହାସହ ୪ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ମାହୋଲ ଖେଳିଯାଇଛି। ରିପୋର୍ଟ ଅନୁସାରେ, ଉତ୍ତରପ୍ରଦେଶର ଗୋଣ୍ଡା ଜିଲ୍ଲା ଦେଇ ଯାଇଥିବା ଗୋଣ୍ଡା-ଲକ୍ଷ୍ନୌ ଜାତୀୟ ରାଜପଥରେ ଏହି ଅଘଟଣ ଘଟିଛି। ପୋଲିସ କହିଛି ଯେ, ରାସ୍ତାରେ ସଞ୍ଜୟ ତିଓ୍ୱାରୀ ନାମକ ଜଣେ ବାଇକ୍ ଆରୋହୀଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ସେ ରାସ୍ତା କଡରେ ପଡିଯାଇଥିଲା। ଏହା ଦେଖି ଆଖପାଖର ଲୋକେ ତାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିଲେ।

ଏହି ସମୟରେ ଦିଲ୍ଲୀରେ ରେଜିଷ୍ଟ୍ରେସନ୍ ହୋଇଥିବା ଏକ ଏସୟୁଭି ଦ୍ରୁତ ଗତିରେ ଆସିଥିଲା। ଏସୟୁଭି ରାସ୍ତାରେ ଠିଆ ହୋଇଥିବା ଗାଁ ଲୋକଙ୍କ ଉପରେ ଚଢ଼ିଯାଇଥିଲା। ଏହାର ବେଗ ଏତେ ଅଧିକ ଥିଲା ଯେ ଗାଡିଟି ଡିଭାଇଡର ଡେଇଁ ରାସ୍ତାର ଅପରପାର୍ଶ୍ୱକୁ ମଧ୍ୟ ଚାଲି ଯାଇଥିଲା। କୁହାଯାଉଛି ଯେ, ଘଟଣାସ୍ଥଳରେ ୯ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଜଣା ଗାଡ଼ି ଧକ୍କାରେ ଆହତ ହୋଇଥିବା ସଞ୍ଜୟ ମଧ୍ୟ ରହିଛନ୍ତି। ସେହିପରି ଜଣେ ୧୦ ବର୍ଷର ଶିଶୁ ଆହତ ହୋଇଛି। ଘଟଣାର ଖବର ପାଇ ପୋଲିସ ପହଁଚିଥିଲା। ମୃତାହତ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭାରତୀୟ ଲଙ୍କାକୁ ପ୍ରତ୍ୟାଖ୍ୟାନ କଲା ଚୀନ୍



ନୂଆଦିଲ୍ଲୀ, ୧୨।୬: ଚାଉଳ ପରେ ଏବେ ଭାରତୀୟ ଲଙ୍କାକୁ ଚୀନ ପ୍ରତ୍ୟାଖାନ କରିଛି। ରପ୍ତାନୀ ହୋଇଥିବା ଶୁଖିଲା ଲଙ୍କାକୁ ଫେରାଇ ଦେଇଛି। ଚୀନ ଅଭିଯୋଗ କରିଛି ଯେ, ଏହି ଲଙ୍କାଗୁଡ଼ିକରେ ମେଥାମିଡୋଫୋସ ନାମକ ଏକ କୀଟନାଶକ ଅଧିକ ମାତ୍ରାରେ ବ୍ୟବହାର କରାଯାଉଛି। ଏହା ଏଭଳି ଏକ କେମିକାଲ୍ ଯାହାକୁ ଖାଇବା ଦ୍ୱାରା ମଣିଷ ଶରୀରର ନର୍ଭସ୍ ସିଷ୍ଟମ ଉପରେ ମାରାତ୍ମକ ପ୍ରଭାବ ପଡ଼ିବ। ସୂଚନା ଥାଉକି, ଗତ ମାସରେ ଚୀନ ଭାରତର ଚାଉଳକୁ ପ୍ରତ୍ୟାଖାନ କରିଥିଲା। ଭାରତୀୟ ଚାଉଳରେ ଜେନେଟିକାଲ ମଡିଫାଇଡ୍ ତତ୍ତ୍ୱ ଥିବା ଚୀନ ଦାବି କରିଥିଲା। ଏବେ ଲଙ୍କା ଫେରାଇ ଦେବାରୁ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଚୀନରୁ ବ୍ୟାକ୍ ଟୁ ବ୍ୟାକ୍ ଏଭଳି ପ୍ରତ୍ୟାଖାନ ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତା ବଢାଇ ଦେଇଛି।

## ମମତା ବାନାର୍ଜୀଙ୍କ ବିରୋଧରେ ଏଫ୍‌ଆଇଆର୍



କୋଲକାତା, ୧୨।୬: କ୍ଷମତା ହରାଇବା ପରଠାରୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମସ୍ୟା କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି। ସାମ୍ପ୍ରଦାୟିକ ମନ୍ତବ୍ୟ ସମ୍ପର୍କରେ ତାଙ୍କ ବିରୋଧରେ ହ୍ୟାରେ ଷ୍ଟ୍ରିଟ୍ ପୋଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ ହୋଇଛି। କୋଲକାତାର ଧର୍ମତଲା ଅଞ୍ଚଳରେ ଏକ ଧାରଣା ପ୍ରତିବାଦ ସମୟରେ ସେ ଦେଇଥିବା ମନ୍ତବ୍ୟରୁ ଏହି ଏଫଆଇଆର ଆସିଛି। ଅଭିଯୋଗ ହୋଇଛି ଯେ ମାର୍ଚ୍ଚ ୯ ତାରିଖରେ ମମତା ବାନାର୍ଜୀ ଧର୍ମତଲାରେ ଏକ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ ଯାହା ସାମାଜିକ ବିଭ୍ରାଟକୁ ଉସକାଉ ଦେଇଥିଲା ଏବଂ ସାମ୍ପ୍ରଦାୟିକ ସଦ୍ଭାବକୁ ବିପଦରେ ପକାଇଥିଲା। ରିପୋର୍ଟ ଅନୁଯାୟୀ, ଜଣେ ବ୍ୟବସାୟୀ ମମତା ବାନାର୍ଜୀଙ୍କ ବିରୋଧରେ ଅଭିଯୋଗ କରିଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଏଫଆଇଆରରେ ପରିଣତ କରାଯାଇଥିଲା। ମାମଲାଟି ମାର୍ଚ୍ଚ ୯ ତାରିଖରେ କୋଲକାତାର ଏସ୍‌ପ୍ଲାନେଡ୍ ଅଞ୍ଚଳରେ ଏକ ମଞ୍ଚରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ସହିତ ଜଡିତ ମେଟ୍ରୋ ଆଉଟପୋଷ୍ଟର ଠିକ୍ ବିପରୀତରେ ଅବସ୍ଥିତ ଯେଉଁଠାରେ ମମତା ବାନାର୍ଜୀ ଭାଷଣ ଦେଇଥିଲେ। ଅଭିଯୋଗ ହୋଇଛି ଯେ ତାଙ୍କ ଭାଷଣ ଉତ୍ତେଜନାପୂର୍ଣ୍ଣ ଥିଲା ଏବଂ ସାମାଜିକ ଅଶାନ୍ତି ସୃଷ୍ଟି କରିପାରିଥାନ୍ତା। ଅଭିଯୋଗକାରୀଙ୍କୁ ତୁଷାର କାନ୍ତି ଦାସ ଭାବରେ ଚିହ୍ନଟ କରାଯାଇଛି।

# ଏରୋଫୋବିଆରେ କବଳିତ ଯୁବକ



ଅହମ୍ମଦାବାଦ, ୧୨।୬: ଭାରତର ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣାକୁ ଠିକ୍ ଗୋଟିଏ ବର୍ଷ ପୂରିଛି। ଗତ ବର୍ଷ ଆଜିର ଦିନରେ ଅର୍ଥାତ୍ ଜୁନ୍ ୧୨, ୨୦୨୫ ରେ ଅହମ୍ମଦାବାଦ ବିମାନବନ୍ଦରରୁ ଲଣ୍ଡନ୍ ଅଭିମୁଖେ ଉଡ଼ାଣ ଭରିବାର କିଛି ସମୟ ପରେ ଏୟାର୍ ଇଣ୍ଡିଆର ଏକ ବିମାନ ଖସିପଡ଼ିଥିଲା। ଏହି ଘଟଣାରେ ପ୍ରାଣ ହରାଇଥିବା ୨୬୦ ଜଣ ବ୍ୟକ୍ତିଙ୍କ ପରିବାର ଆଜି ବି ଶୋକରେ ଥିବା ବେଳେ, ଗୁଜରାଟର ଜଣେ ୧୮ ବର୍ଷୀୟ ଯୁବକ ମଧ୍ୟ ସେହି ଭୟାନକ ଦୃଶ୍ୟକୁ ନିଜ ଆଖିରେ ଦେଖିବା ସହ ମୋବାଇଲରେ ରେକର୍ଡ କରି ଏପର୍ଯ୍ୟନ୍ତ ଗଭୀର ମାନସିକ ଆଘାତ ରେ ଅଛନ୍ତି। ଅରବଲ୍ଲୀ ଜିଲ୍ଲାର ୧୮ ବର୍ଷୀୟ ଯୁବକ ଆର୍ଯ୍ୟନ୍ ଆସାରି ଗତବର୍ଷ ଜୁନ୍ ୧୨ ତାରିଖରେ ନିଜ ଅବସରପ୍ରାପ୍ତ ସେନାବାହିନୀ ବାପାଙ୍କୁ ଭେଟିବାକୁ ଅହମ୍ମଦାବାଦର ମେଘାନୀନଗର ଆସିଥିଲେ। ସେ ଛାତ ଉପରେ ଥିବା ବେଳେ ଏକ ବିମାନକୁ ଖୁବ୍ କମ୍ ଉଚ୍ଚତାରେ ଉଡୁଥିବାର ଦେଖିଥିଲେ। ନିଜ ଗାଁ ସାଙ୍ଗମାନଙ୍କୁ ଦେଖାଇବା ପାଇଁ ସେ ମୋବାଇଲ୍ ବାହାର କରି ଉଡ଼ନ୍ତା ବିମାନର ଏକ ସୁନ୍ଦର ଭିଡିଓ ରେକର୍ଡିଂ କରିବା ଆରମ୍ଭ କରିଥିଲେ। ବିମାନବନ୍ଦର ପାଖରେ ଥିବାରୁ ସେ ଭାବିଥିଲେ ବିମାନଟି ତଳକୁ ଓହ୍ଲାଉଛି।

କିନ୍ତୁ ଦେଖୁ ଦେଖୁ ବିମାନଟି ତଳକୁ ଖସି ଆସିଥିଲା ଏବଂ ଏକ ବିରାଟ ଅଗ୍ନିପିଣ୍ଡରେ ପରିଣତ ହୋଇଯାଇଥିଲା। ଏହା ଦେଖି ଆର୍ଯ୍ୟନ୍ ସମ୍ପୂର୍ଣ୍ଣ ଭୟଭୀତ ହୋଇଯାଇଥିଲେ।

ଏହି ଦୁର୍ଘଟଣା ଆର୍ଯ୍ୟନ୍‌ଙ୍କ ମନରେ ଏପରି ଭୟ ସୃଷ୍ଟି କରିଛି ଯେ, ସେ ଏବେ ଆକାଶରେ ଉଡୁଥିବା କୌଣସି ବିମାନର ଭିଡିଓ କରିବାକୁ ଡରୁଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସେହି ଘଟଣା ପରେ ମୁଁ ମୋବାଇଲରେ ବିମାନର ଭିଡିଓ କରିବା ଛାଡ଼ିଦେଇଛି। ଏବେ ମୋତେ ଡର ଲାଗୁଛି ଯେ ଯଦି ମୁଁ ରେକର୍ଡିଂ କରିବି, ତେବେ ହୁଏତ ଆଉ ଏକ ବିମାନ ଖସିପଡ଼ିବ। ଭବିଷ୍ୟତରେ ବିଦେଶ ଯିବାର ସ୍ୱପ୍ନ ଥିଲେ ମଧ୍ୟ ଏବେ ବିମାନରେ ବସିବାକୁ ତାଙ୍କର ସାହସ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# କଲ୍ୟାଣ କେବେ ବି ଟିଏମ୍‌ସି ଛାଡିବେନି: କୀର୍ତ୍ତି ଆଜାଦ



କୋଲକାତା, ୧୨।୬: ତୃଣମୂଳ କଂଗ୍ରେସରେ କିଛି ଠିକ୍ ନାହିଁ। ଜଣଙ୍କ ପରେ ଜଣେ ସାଂସଦ ଦଳ ଛାଡୁଛନ୍ତି। ମମତା ବାନାର୍ଜୀଙ୍କ ଉପରେ ଆଉ ଭରସା ପାଉନି। ୨୦ରୁ ଅଧିକ ସାଂସଦ ବିଜେପି ସମର୍ଥିତ ଏନଡିଏରେ ମିଶିବାକୁ ଗୋଡ଼ କାଢିଲେଣି। ଏହାସହ କିଛି ନେତା ମମତାଙ୍କୁ ବ୍ଲାକ୍ ମେଲ୍ ମଧ୍ୟ କରୁଛନ୍ତି। ଏସବୁ ଦେଖିଲେ ଦଳ ବଡ ବିପର୍ଯ୍ୟୟର ସାମ୍ନା କରୁଛି। ଏହା ମଧ୍ୟରେ ଟିଏମସି ନେତା ତଥା ସାଂସଦ କୀର୍ତ୍ତି ଆଜାଦ୍ ମମତାଙ୍କ ସପକ୍ଷରେ ବାହାରିଛନ୍ତି।

ଦୁଇଦିନ ତଳେ ଟିଏମସି ନେତା କଲ୍ୟାଣ ବାନାର୍ଜୀ ମମତାଙ୍କୁ ବ୍ଲାକମେଲ୍ କରିଥିଲେ। ଅଭିଷେକ ବାନାର୍ଜୀ କିମ୍ବା ତାଙ୍କ ମଧ୍ୟରୁ ସେ ଜଣଙ୍କୁ ବାଛିବାକୁ ମମତାଙ୍କୁ କହିଥିଲେ। ଏହାସହ ଅଲ୍ଟିମେଟମ୍ ମଧ୍ୟ ଦେଇଥିଲେ। ଯାହାକୁ ନେଇ କୀର୍ତ୍ତି କହିଛନ୍ତି ଯେ, କଲ୍ୟାଣ ଜଣେ ଯୋଦ୍ଧା। ତାଙ୍କ କ୍ରୋଧ ଯଥାର୍ଥ ଅଟେ। କିନ୍ତୁ ସେ କେବେହେଲେ ଦଳ ଛାଡିବେ ନାହିଁ।

କୀର୍ତ୍ତି ଆହୁରି କହିଛନ୍ତି ଯେ, କଲ୍ୟାଣ ବାନାର୍ଜୀ ଯୋଦ୍ଧାଙ୍କ ଭଳି କଥା କହୁଛନ୍ତି। ଦଳର ଆରମ୍ଭରୁ ଏବେସୁଦ୍ଧା ସେ ମମତାଙ୍କ ସହ ରହିଛନ୍ତି। ସେ କୁଆଡେ ଯିବେ ନାହିଁ। କଲ୍ୟାଣ ଜଣେ ଭାବୁକ ବ୍ୟକ୍ତି। ତାଙ୍କ ଭାବନାକୁ ଦଳ ସମ୍ମାନ ଦେବା ଜରୁରୀ। ମମତା ଖୁବ୍ ଶୀଘ୍ର ତାଙ୍କ ସହ କଥା ହୋଇ ସମସ୍ତ ବିବାଦର ସମାଧାନ କରିପାରିବେ। ସେ ଆହୁରି କହିଛନ୍ତି ଯେ, କଲ୍ୟାଣ ଦିଦିଙ୍କ ନାଁ ନେଇଛନ୍ତି। ଦିଦି ନିଶ୍ଚୟ କଥା ହେବେ। ଅନେକ କଥା ଦିଦି କଲ୍ୟାଣଙ୍କୁ ପ୍ରଥମେ କହିନଥିଲେ। ଯାହା ବିବାଦ ଆରମ୍ଭ କରିଛି। ହେଲେ ସମସ୍ତ ବିବାଦର ସମାଧାନ ହୋଇପାରିବ ବୋଲି କୀର୍ତ୍ତି ଜୋର୍ ଦେଇଛନ୍ତି। ଟିଏମସି ଏମପି କଲ୍ୟାଣ ବାନାର୍ଜୀ ଦଳର ନେତା ତଥା ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ସେ ଜଣେ ନିର୍ଦ୍ଦୟ ବ୍ୟକ୍ତି। ସବୁ ଜିନିଷ ତାଙ୍କ ଇଚ୍ଛାରେ ହେଉ ବୋଲି ସେ ଭାବିଥାନ୍ତି। ମମତାଙ୍କ ଅଧିନରେ ତାଙ୍କୁ ଯେମିତି ଲାଗୁଥିଲା ଅଭିଷେକଙ୍କ ଅଧିନରେ ସେମିତି ଲାଗୁ ନାହିଁ। ସେ ଦିଦିଙ୍କ ସହ ଅଛନ୍ତି। କିନ୍ତୁ ଅଭିଷେକଙ୍କ ମନମାନୀ ଚାଲିବ ନାହିଁ।

## କେରଳରେ 'ନିପା' ଭାଇରସ୍

## ଜଣେ ପଜିଟିଭ, କ୍ୱାରେଣ୍ଟାଇନରେ ୧୫

କୋଝିକୋଡ଼,୧୨।୬: କେରଳର କୋଝିକୋଡ଼ ଜିଲ୍ଲାରେ ରାମନାଟ୍ଟୁକାରାର ଜନୈକ ୪୩ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରେ ନିପା ଭାଇରସ ପୁଷ୍ଟି ହୋଇଛି। ଏହା ପରଠାରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କୋଝିକୋଡ଼ ଜିଲ୍ଲା କଲେକ୍ଟର ଏମ.ଏସ.ମାଧବୀ କୁଟ୍ଟୀ କହିଛନ୍ତି ଯେ ସଂକ୍ରମିତ ରୋଗୀ ଏବେ କୋଝିକୋଡ଼ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ପ୍ରଶାସନ



ତତ୍ପରତା ଦେଖାଇ ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିବା ୭୭ ଜଣଙ୍କୁ ଚିହ୍ନଟ କରିଛି। ଏହି ସୂଚୀରେ ୫୮ ଜଣ ହେଲଥ୍ କେୟାର ୱାର୍କର, ପରିବାରର ୧୪ ସଦସ୍ୟ ଓ ୫ ଜଣ ବନ୍ଧୁ ଏବଂ ସହକର୍ମୀ ଅଛନ୍ତି। ତେବେ ସବୁଠୁ ଯାହା ବଡ଼ କଥା ସଂକ୍ରମିତଙ୍କ ସଂସର୍ଗରେ ଆସିଥିବା କୌଣସି ବ୍ୟକ୍ତିଙ୍କ ଠାରେ ଏପର୍ଯ୍ୟନ୍ତ ରୋଗର ଲକ୍ଷଣ ଦେଖାଯାଇ ନାହିଁ। ସମ୍ପର୍କରେ ଆସିଥିବା ୭୭ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ସବୁଠୁ ଅଧିକ ରିସ୍କ ଥିବା ଶ୍ରେଣୀରେ ରଖା ଯାଇଥିବା ବେଳେ ୧୩ ଜଣରୁ ଅଧିକଙ୍କୁ ରିସ୍କ ଶ୍ରେଣୀରେ ଓ ୬୨ ଜଣଙ୍କୁ କମ୍ ରିସ୍କ ଶ୍ରେଣୀରେ ରଖା ଯାଇଛି। ତେବେ ଉଚ୍ଚତମ ଓ ଉଚ୍ଚ ରିସ୍କ ଥିବା ୧୫ ଜଣଙ୍କୁ କ୍ୱାରେଣ୍ଟାଇନରେ ରଖା ଯାଇଛି। ଏହା ଛଡା ରୋଗୀଙ୍କ ରୁଟ ମ୍ୟାପ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ସଂକ୍ରମଣର ପରିସର ଜଣାପଡିଯିବ।

## ୧୩ ବର୍ଷରେ ଭାରତରେ ଦି'ଗୁଣ

# ଭୟଙ୍କର ରୂପ ନେଉଛି ହିଟୱେଭ୍

ନୂଆଦିଲ୍ଲୀ ୧୨।୬: ଭାରତରେ ଏବେ ଜଳବାୟୁ ପରିବର୍ତ୍ତନର ସ୍ପଷ୍ଟ ଓ ଅତ୍ୟନ୍ତ ଭୟଙ୍କର ରୂପ ଦେଖିବାକୁ ମିଳୁଛି। ବନ୍ୟଜୀବ ଓ ପାଣିପାଗ ପ୍ୟାଟର୍ଣ୍ଣରେ ବଡ଼ ପରିବର୍ତ୍ତନ ହେଉଛି। ସବୁଠୁ ଚିନ୍ତାଜନକ ସ୍ଥିତି ହିଟ୍‌ୱେଭ୍, ଯାହା ଗତ କିଛି ବର୍ଷ ମଧ୍ୟରେ ନାଟକୀୟ ଭାବେ ବୃଦ୍ଧି ହୋଇଛି। ଏଥିରୁ ସ୍ପଷ୍ଟ ହୋଇଛି, ଭାରତ ଗୋଟିଏ ପଟେ ଗମ୍ଭୀର ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଛି। ଅନ୍ୟପକ୍ଷେ, ଟେକ୍ନୋଲୋଜି ଓ ସଂରକ୍ଷଣ ଜରିଆରେ ଏହାର ମୁକାବିଲା କରିବାକୁ ମଧ୍ୟ ଚେଷ୍ଟା କରୁଛି।

ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ତରଫରୁ ଜାରି ରିପୋର୍ଟ ଅନୁସାରେ, ଭାରତରେ ଜଳବାୟୁ ପରିବର୍ତ୍ତନ ଯୋଗୁ ହିଟୱେଭ୍ ଘଟଣା ଲଗାତାର ବଢୁଛି। ଗତ ୧୩ ବର୍ଷର ରେକର୍ଡ ଉପରେ ଯଦି ନଜର ପକାଇବା, ଭାରତରେ ହିଟୱେଭ୍‌ର ଦିନ ସଂଖ୍ୟା ଦୁଇଗୁଣ ହୋଇଛି। ୨୦୧୩ରେ ଦେଶରେ ହାରାହାରି ୧୦୦ ଦିନ ହିଟୱେଭ୍ ରେକର୍ଡ ହୋଇଥିଲା। ଏବେ ଏହି ସଂଖ୍ୟା ବଢ଼ି ୨୦୦ ଦିନରେ ପହଞ୍ଚିଛି। ସରକାର ସଂସଦରେ ଉପସ୍ଥାପନ କରିଥିବା ତଥ୍ୟ ଅନୁସାରେ, ୨୦୨୪ରେ ଭାରତୀୟ କ୍ଷେତ୍ରରେ ରେକର୍ଡ ୫୫୪ ହିଟୱେଭ୍ ଦିନ ଦେଖିବାକୁ ମିଳିଥିଲା। ୨୦୨୩ରେ ଏହି ସଂଖ୍ୟା ୨୩୦ ଦିନ ଥିଲା। ଅର୍ଥାତ୍ ମାତ୍ର ୧ ବର୍ଷ ମଧ୍ୟରେ ହିଟୱେଭ୍‌ର ଦିନ ସଂଖ୍ୟାରେ ଦି'ଗୁଣରୁ ଅଧିକ ବୃଦ୍ଧି ହୋଇଛି। ବିଶ୍ୱ ଉତ୍ତାପନ ଓ ସ୍ଥାନୀୟ ପାଣିପାଗ ପରିବର୍ତ୍ତନ କେତେ ଦ୍ରୁତ ବେଗରେ ଭାରତକୁ କବଳିତ କରୁଛି, ଏହା ଦର୍ଶାଉଛି।



ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଯେତେବେଳେ କୌଣସି କ୍ଷେତ୍ରରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠୁ ୪.୫ ଡିଗ୍ରୀ ସେଲ୍ସିୟସ୍ କିମ୍ବା ତା'ଠୁ ଅଧିକ ହୋଇଯାଏ ଏବଂ ଏହି ସ୍ଥିତି ଅତିକମ୍‌ରେ ୨ ଦିନ ଯାଏ ବଜାୟ ରହେ, ତେବେ ତାକୁ ହିଟୱେଭ୍ କୁହାଯାଏ। ସମତଳ ଅଞ୍ଚଳରେ ୪୦ ଡିଗ୍ରୀ ସେଲ୍‌ସିୟସ୍ ଓ ପାହାଡ଼ିଆ ଅଞ୍ଚଳରେ ୩୦ ଡିଗ୍ରୀ ସେଲସିଅସ୍‌ରୁ ଉର୍ଦ୍ଧ୍ୱ ତାପମାତ୍ରା ହିଟୱେଭ୍ ଶ୍ରେଣୀଭୁକ୍ତ। ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ତଥ୍ୟରୁ ସ୍ପଷ୍ଟ ହେଉଛି, ୨୦୧୩ ତୁଳନାରେ ବର୍ତ୍ତମାନ ହିଟୱେଭ୍‌ର ଦିନ ସଂଖ୍ୟା ଦୁଇଗୁଣ ହୋଇଛି। ପୂର୍ବରୁ ହିଟୱେଭ୍ ମୁଖ୍ୟତଃ ଏପ୍ରିଲ-ମେ'ରେ ସୀମିତ ରହୁଥିଲା, ଏବେ ମାର୍ଚ୍ଚରୁ ଜୁନ୍ ଯାଏ ଏବଂ ବେଳେବେଳେ ଜୁଲାଇରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଉତ୍ତର ଭାରତ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଓ ପୂର୍ବ ଭାରତର ଅନେକ ସ୍ଥାନରେ ହିଟୱେଭ୍‌ର ଅବଧି ଓ ତୀବ୍ରତା ବଢ଼ିଛି। ୨୦୨୪-୨୦୨୫ ଗ୍ରୀଷ୍ମକାଳରେ ଅନେକ ରାଜ୍ୟରେ ୪୦-୪୫ ଡିଗ୍ରୀ ସେଲ୍ସିୟସ୍‌ରୁ ଉର୍ଦ୍ଧ୍ୱ ତାପମାତ୍ରା ଅନେକ ସପ୍ତାହ ଯାଏ ବଜାୟ ରହିଥିଲା, ଯାହା ରେକର୍ଡ ଭାଙ୍ଗିଥିଲା।

ଜଳବାୟୁ ପରିବର୍ତ୍ତନ ଯୋଗୁ ବୈଶ୍ୱିକ ତାପମାତ୍ରା ବଢୁଛି। ଭାରତରେ ହାରାହାରି ତାପମାତ୍ରା ୦.୬ରୁ ୦.୭ ଡିଗ୍ରୀ ସେଲ୍ସିୟସ ବଢ଼ିଛି। ଗ୍ରୀନ୍‌ହାଉସ୍ ଗ୍ୟାସ୍ ବୃଦ୍ଧି ମାତ୍ରା ବାୟୁମଣ୍ଡଳକୁ ଗରମ କରୁଛି। ମାନବୀୟ ଗତିବିଧି ଯଥା- ଜୀବାଶ୍ମ ଇନ୍ଧନର ଉପଯୋଗ, ଜଙ୍ଗଲକଟା, ସହରୀକରଣ ଓ ଔଦ୍ୟୋଗୀକରଣ ଏହି ବୃଦ୍ଧିର ମୁଖ୍ୟ କାରଣ। ଜଳବାୟୁ ମଡେଲ ଅନୁସାରେ, ଯଦି ବିଶ୍ୱ ତାପନ ଏହିଭଳି ଭାବେ ଜାରି ରହେ, ତେବେ ୨୦୫୦ ଯାଏ ହିଟ୍‌ୱେଭ୍ ସଂଖ୍ୟା ଓ ଅବଧି ଆହୁରି ଅଧିକ ବଢ଼ିବ।

# ଜନପଥରେ ଜନାଶ୍ରୟ ଭବନର ଶିଳାନ୍ୟାସ

- ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିଲା ସ୍ମାର୍ଟ ଫୋନ
- ସୁଭଦ୍ରା ଶକ୍ତି ସମ୍ବାଦର ଶୁଭାରମ୍ଭ



ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କ ନିରାପଦ ରହଣୀ ପାଇଁ ଜନପଥଠାରେ ଏକ ୨୦ ମହଲା ବିଶିଷ୍ଟ ଜନାଶ୍ରୟ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ରଖିଛନ୍ତି। ୮୭୪ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହେବାକୁ ଥିବା ଏହି ଭବନରେ ୨୦୦୦ ଲୋକଙ୍କ ପାଇଁ ସମସ୍ତ ସୁବିଧା ସହ ସ୍ୱଳ୍ପ ମୂଲ୍ୟରେ ସ୍ୱଳ୍ପକାଳୀନ ରହଣୀ ବ୍ୟବସ୍ଥା କରାଯିବ।

ଏଥିସହ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଓ ବ୍ଲକ୍ ସଂଯୋଜକମାନଙ୍କ ପାଇଁ ସ୍ମାର୍ଟ ଫୋନ ପ୍ରଦାନର ଶୁଭାରମ୍ଭ କରିଥିଲେ। ରାଜ୍ୟର ୭୨,୨୨୪ ଅଙ୍ଗନବାଡ଼ି କର୍ମୀ, ୨୮୦୨ ଲେଡି ସୁପରଭାଇଜର ଓ ୩୩୮ ବ୍ଲକ୍ ସଂଯୋଜକଙ୍କୁ ଏହି ଫୋନ ପ୍ରଦାନ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଶକ୍ତି ସମ୍ବାଦ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ଉପଲବ୍ଧି ଶୀର୍ଷକ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ଏହାକୁ ବୁଲି ଦେଖିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କୁ ନେତୃତ୍ୱ ନେବାରେ ସକ୍ଷମ କରିବା ଲକ୍ଷ୍ୟରେ ଆମ ସରକାର ପ୍ରତିବଦ୍ଧତାର ସହ କାମ କରୁଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ ଆମ ସରକାର ହେଉଛି ଅନ୍ତ୍ୟୋଦୟର ସରକାର। ସମାଜର ଶେଷ ଧାଡ଼ିରେ ରହିଥିବା ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ସୁବିଧା ଓ ବିକାଶ ପହଞ୍ଚାଇବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ। ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଗରିବ ପରିବାରର ଦୁଃଖ ବୁଝି ମୁଖ୍ୟମନ୍ତ୍ରୀ ଏହି ଜନକଲ୍ୟାଣକାରୀ ଅନ୍ନପୂର୍ଣ୍ଣା ଯୋଜନା ଓ ଜନାଶ୍ରୟ ଭବନର ପରିକଳ୍ପନା କରିଛନ୍ତି। ଆମ ସରକାର ବିକାଶ ଓ ଜନସେବା କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବ ବୋଲି ସେ କହିଥିଲେ।

## ସରକାରୀ କୋଠାରେ ଅଗ୍ନିକାଣ୍ଡ

- ଜଳିଗଲା ୪ ହଜାର ଇଭିଏମ୍



କୋଲକାତା, ୧୨।୬ଃ ନିର୍ବାଚନ ସରିବା ଦିନରୁ ପଶ୍ଚିମବଙ୍ଗରେ ଟିଏମ୍‌ସିର ପତନ ହେବାରେ ଲାଗିଛି। ପ୍ରତିଦିନ ପଶ୍ଚିମବଙ୍ଗରେ ନୂଆ ନୂଆ ରାଜନୈତିକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଏକ ବଡ଼ ଖବର ଆସିଛି। ପଶ୍ଚିମବଙ୍ଗର ଅଲିପୁରଦ୍ୱାରରେ ଥିବା ଏକ ସରକାରୀ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୪ ହଜାରରୁ ଅଧିକ ଇଭିଏମ ପୋଡ଼ି ପାଉଁଶ ହୋଇଥିବା ସୂଚନା ମିଳିଛି, ଯାହାକି ନିକଟରେ ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ବ୍ୟବହାର ହୋଇଥିବା କୁହାଯାଉଛି। ତେବେ ନିଆଁକୁ ଅଗ୍ନିଶମ ବିଭାଗ ପକ୍ଷରୁ ଆୟତ୍ତ କରାଯାଉଛି। ସେପଟେ ଏହି ଘଟଣାକୁ ଏକ ଦୁର୍ଘଟଣା ବୋଲି ପ୍ରକାଶ କରିଛନ୍ତି ମନ୍ତ୍ରୀ କୌଶିକ ଚୌଧୁରୀ। ତେବେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କୁହାଯାଉଛି କି, ବୁଧବାର ଏହି ଅଗ୍ନିକାଣ୍ଡ ଘଟିଥିଲା। ଏକ ୯ ମହଲା କୋଠାରେ ନିଆଁ ଲାଗିଥିବାବେଳେ ୧୦ଟି ବିଧାନସଭାରେ ବ୍ୟବହୃତ ଇଭିଏମ୍ ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳ ପରିଦର୍ଶନ କରିବା ପରେ ମନ୍ତ୍ରୀ କହିଛନ୍ତି, ଏହା ସାଧାରଣ ଅଗ୍ନିକାଣ୍ଡ ପରି ମନେ ହେଉନାହିଁ। କୌଣସି ଭଙ୍ଗାରୁଜା ହୋଇଛି କି ନାହିଁ ତାହା ଆମେ ତଦନ୍ତ କରୁଛୁ। ନବମ ଏବଂ ଦଶମ ମହଲାକୁ ନିଆଁ କିପରି ପହଞ୍ଚିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେ କହିଛନ୍ତି ଯେ,ଅଗ୍ନିକାଣ୍ଡ ପ୍ରଥମେ କୋଠାର ଦ୍ୱିତୀୟ ଏବଂ ତୃତୀୟ ମହଲାରେ ଦେଖାଯାଇଥିଲା।ତେବେ ଏହା କିଭଳି ଘଟିଲା ଫରେନସିକ୍ ରିପୋର୍ଟ ଆସିବା ପରେ ଜଣା ପଡ଼ିବ ବୋଲି କହିଛନ୍ତି।

## 'କଟ୍ ମନି' ଫେରସ୍ତ ଦାବିରେ ଆକ୍ରମଣ

କୋଲକାତା, ୧୨।୬ (ସଂଚାର ବ୍ୟୁରୋ)ଃ 'କଟ୍ ମନି' ଫେରସ୍ତ ଦାବି କରି ସ୍ଥାନୀୟ ବାସିନ୍ଦାମାନେ ଜଣେ ତୃଣମୂଳ ନେତାଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ଚାପର ସମ୍ମୁଖୀନ ହୋଇ ନେତାଙ୍କ ପତ୍ନୀ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣା ସୋନାରପୁର ଥାନା ଅନ୍ତର୍ଗତ ପ୍ରତାପନଗର ଅଞ୍ଚଳରେ ଘଟିଛି। ଅଭିଯୋଗ ହୋଇଛି ଯେ ସ୍ଥାନୀୟ ସାଙ୍ଗୁର ଗାଁର ତୃଣମୂଳ ନେତା ଉପେନ୍ଦ୍ର ମଣ୍ଡଳ ଆବାସ ଯୋଜନାର ହିତାଧିକାରୀଙ୍କଠାରୁ 'କଟ ମନି' ସଂଗ୍ରହ କରିଥିଲେ। ଅଭିଯୋଗ ଅନୁଯାୟୀ ସେ ପ୍ରାୟ ୫୦ ରୁ ୬୦ ଜଣଙ୍କଠାରୁ ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ କିଛି କ୍ଷେତ୍ରରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନେଇଥିଲେ।

## ତୃଣମୂଳ ତାସ ଘର ପରି ଭୁଶୁଡୁଛିଃ ସୁକାନ୍ତ ମଜୁମଦାର



କୋଲକାତା,୧୨।୬ (ସଂଚାର ବ୍ୟୁରୋ)ଃ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଶୁକ୍ରବାର ବାଗଡୋଗ୍ରା ବିମାନବନ୍ଦରରେ ପହଞ୍ଚି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ ଉପରେ ଘୋର ଆକ୍ରମଣ କରିଥିଲେ। ସେ ଦାବି କରିଛନ୍ତି ଯେ ତୃଣମୂଳ କଂଗ୍ରେସ ତାସ ଘର ପରି ଭାଙ୍ଗିଯାଉଛି। ଦଳ ଭିତରେ ସାଂସଦଙ୍କ ସମର୍ଥନକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ମଜୁମଦାର କହିଛନ୍ତି ଯେ ରାଜ୍ୟସଭା ପରେ ବର୍ତ୍ତମାନ ଲୋକସଭାରୁ ପ୍ରାୟ ୨୦ ଜଣ ତୃଣମୂଳ ସାଂସଦଙ୍କ ଦସ୍ତଖତ ବାହାରକୁ ଆସିବା ପରେ ଦଳ ମଧ୍ୟରେ ଅସନ୍ତୋଷ ସ୍ପଷ୍ଟ ଦେଖାଯାଉଛି। ସେ ମନ୍ତବ୍ୟ ଦେଇଛନ୍ତି ଯେ କେବଳ 'ପାରାଚୁଟ୍' ହୋଇ ନେତା ହେବା ପ୍ରବୀଣ ନେତାମାନେ ଗ୍ରହଣ କରିବେ ନାହିଁ। ପରିସ୍ଥିତି ଉପରେ କଟାକ୍ଷ କରି ସେ କହିଛନ୍ତି ଯେ ତୃଣମୂଳ କଂଗ୍ରେସ ନିଷ୍ପତ୍ତି ନେବା ଉଚିତ ଯେ କଲ୍ୟାଣ ବାନାର୍ଜୀଙ୍କୁ ବଜାୟ ରଖିବେ କି ଅଭିଷେକ ବାନାର୍ଜୀଙ୍କୁ ବଜାୟ ରଖିବେ।

## ଗୁଳି ନ ଚଳାଇ ବି ଶିଳ୍ପ ଅଣାଯାଇପାରିବଃ ମୁଖ୍ୟମନ୍ତ୍ରୀ

କୋଲକାତା,୧୨।୬(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟରେ ଶିଳ୍ପ ଆଣିବା ପ୍ରସଙ୍ଗରେ ବାମ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଭବିଷ୍ୟତରେ ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ଜମି ବାଧା ସୃଷ୍ଟି କରିବ ନାହିଁ। ଅନେକ ଶିଳ୍ପ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇସାରିଛି। ପଶ୍ଚିମବଙ୍ଗ ଏବେ ସ୍ୱାବଲମ୍ବୀ ହେବ। ମୁଁ ଟାଟାକୁ ରାଜ୍ୟକୁ ଫେରାଇ ଆଣିବି। ପୂର୍ବ ସରକାରଙ୍କ ସମୟରେ ସିଙ୍ଗୁରରେ ଜମି ଅଧିଗ୍ରହଣ କରିଥିଲା ବେଳେ କାମ ହୋଇନଥିଲା, କିନ୍ତୁ ଏଥର ତାହା ହେବ। ପୂର୍ବ ସରକାର କୌଣସି ପ୍ରକୃତ କାର୍ଯ୍ୟ ନକରି କେବଳ ଜମି ଅଧିଗ୍ରହଣ କରିଥିଲା। ନନ୍ଦୀଗ୍ରାମରେ ଯେପରି ଘଟିଥିଲା ଗୁଳିଚାଳନା ନକରି ଶିଳ୍ପ ଆଣିବା ସମ୍ଭବ। ସେହିପରି ଏଥର ବଙ୍ଗଳାକୁ ଶିଳ୍ପ ଆସିବ। ଆମେ ଏହା ମଧ୍ୟ ଯାଞ୍ଚ କରିବୁ ଯେ କେହି ଏହାକୁ ବ୍ୟବହାର ନକରି ଜମିକୁ ଧରି ରଖିଛନ୍ତି କି ନାହିଁ।

## ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସର୍ତ୍ତମୂଳକ ଜାମିନ

କୋଲକାତା,୧୨।୬(ସଂଚାର ବ୍ୟୁରୋ)ଃ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ମଧ୍ୟସ୍ଥି ପ୍ରସନ୍ନ କୁମାର ରାୟଙ୍କୁ କୋଲକାତା ହାଇକୋର୍ଟର ବିଚାରପତି ଜୟ ସେନଗୁପ୍ତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପାର୍ଥ ଚାଟାର୍ଜୀ ପୂର୍ବରୁ ସୁପ୍ରିମକୋର୍ଟରୁ ଜାମିନ ପାଇସାରିଛନ୍ତି। ପ୍ରସନ୍ନ କୁମାର ରାୟ ପୂର୍ବରୁ ସିବିଆଇ ମାମଲାରେ ଜାମିନ ପାଇଥିଲେ। ଶୁକ୍ରବାର ଇଡି ମାମଲାରେ ମଧ୍ୟ ତାଙ୍କର ଜାମିନ ମଞ୍ଜୁର ହୋଇଛି।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

- ବିନା ମୂଲ୍ୟରେ ଆଉ ୫ କିଲୋଗ୍ରାମ ଚାଉଳ
- ଏହା ଏକ ପବିତ୍ର ସାମାଜିକ ନିବେଶଃ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ)ଃ ଓଡ଼ିଶାର କୌଣସି ପରିବାର ଭୋକରେ ରହିବେ ନାହିଁ, କୌଣସି ଶିଶୁ ଅପପୁଷ୍ଟିର ଶିକାର ହେବେ ନାହିଁ, କୌଣସି ବୟୋଜ୍ୟଷ୍ଠ ଅନ୍ନ ଅଭାବରୁ କଷ୍ଟ ପାଇବେ ନାହିଁ, ଏହି ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରାଯାଇଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ଏହି ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା କେବଳ ଏକ ଯୋଜନା ନୁହେଁ, ଏହା ଆମ ସରକାରଙ୍କ ଜନକଲ୍ୟାଣ ପ୍ରତି ଅଙ୍ଗୀକାରବଦ୍ଧତା, ଗରିବ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳତା ଓ ରାଜ୍ୟର ପ୍ରତ୍ୟେକ ପରିବାର'ର ଭାତ ଥାଳିକୁ ସୁରକ୍ଷିତ କରିବାର ଏକ ଐତିହାସିକ ସଂକଳ୍ପ। ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ସାଧାରଣ ଲୋକଙ୍କ ପାଇଁ ଏହା ହେଉଛି ଆମ ସରକାରଙ୍କ‌ଏକ ଭେଟି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଥିବା ସମସ୍ତ ହିତାଧିକାରୀ ସେମାନଙ୍କ ନିୟମିତ ନିଃଶୁଳ୍କ ଚାଉଳ ସହ ଏହି ଯୋଜନାରେ ଅତିରିକ୍ତ ୫ କିଲୋଗ୍ରାମ ଲେଖାଏଁ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ସୂଚନାଯୋଗ୍ୟ ଯେ ଏବେ ରାଜ୍ୟର ହିତାଧିକାରୀମାନେ ବର୍ତ୍ତମାନ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ପାଉଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ବର୍ତ୍ତମାନ ପ୍ରତ୍ୟେକ ହିତାଧିକାରୀ ୧୦ କିଲୋ ଲେଖାଏଁ ଚାଉଳ ବିନା ମୂଲ୍ୟରେ ପାଇପାରିବେ। ଏହି ଯୋଜନାରେ ରାଜ୍ୟ ସରକାର ବାର୍ଷିକ ୮,୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ। ଗରିବଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହି ବ୍ୟୟ ଆମ ପାଇଁ ଖର୍ଚ୍ଚ ନୁହେଁ, ଏହା ଏକ ପବିତ୍ର ସାମାଜିକ ନିବେଶ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବାର୍‌ହା ଆକ୍ରମଣରେ ୮ ଗୁରୁତର



ଆସିକା,୧୨।୬(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳରେ ଦେଖାଦେଇଛି ଜଙ୍ଗଲୀ ବାର୍‌ହା ଆତଙ୍କ। କୋଦିନଡ଼ା ଥାନା ଅନ୍ତର୍ଗତ ହରିଡ଼ା ପଦର ଓ କୁମ୍ଭାରୀ ଗାଁରେ ଏକ ଜଙ୍ଗଲୀ ବାରହା ଉନ୍ମତ୍ତ କାଣ୍ଡ ଭିଆଇଛି। ବାରହା ଆକ୍ରମଣରେ ପ୍ରାୟ ୮ ଜଣ ଗ୍ରାମବାସୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଭୟ ଓ ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳୁ କୁମ୍ଭାରୀ ଓ ହରିଡ଼ା ପଦର ଅଞ୍ଚଳରେ ଉକ୍ତ ଜଙ୍ଗଲୀ ବାରହାଟି ହଠାତ୍ ଗାଁ ଭିତରକୁ ପଶିଆସିଥିଲା। ସେହି ସମୟରେ ଘରୁ ବାହାରି ଶୌଚ ହେବାକୁ ଓ ନିଜ ନିଜ ଜମିକୁ ଯାଉଥିବା ଗ୍ରାମବାସୀଙ୍କୁ ବାରହାଟି ଅତର୍କିତ ଭାବେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଦଣ୍ଡପାଣି ସାହୁ, ସଜନୀ ଗୌଡ଼, ସୂର୍ଯ୍ୟ କାଜି, ସୁରେନ୍ଦ୍ର ରଣା, ମିଟୁ ଗୌଡ଼ ବାରହା ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ସଜନୀ ଗୌଡ଼ ଓ ଦଣ୍ଡପାଣି ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖବର ପାଇ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ହରିଡ଼ା ପଦର ଗ୍ରାମରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ରାମଲୀଳା ମହୋତ୍ସବ ଉଦ୍‌ଯାପିତ



କଟକ, ୧୨।୬ (ସଂଚାର ବ୍ୟୁରୋ)ଃ ନୂଆପଡାରେ ଜୟ ମହାବୀର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ବାର୍ଷିକ ଶ୍ରୀରାମଲୀଳା ମହୋତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି। ନୂଆପଡା ଗ୍ରାମ ଅଧୀକାରୀ ଅମରେନ୍ଦ୍ର ପଶାୟତ, ମହନ୍ତ ଦୟାନିଧି ସ୍ୱାଇଁ ଓ ଗ୍ରାମବାସୀଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୫ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ନୂଆପଡ଼ା ଜୟ ମହାବୀର ରାମଲୀଳା ପ୍ରଚାର ପ୍ରସାର ସମିତି କଳାକାର ମାନଙ୍କ ପକ୍ଷରୁ ତରଣୀସେନ ବଧ ପରିବେଷଣ ହୋଇଥିବା ବେଳେ ଉଦଯାପନୀ ସନ୍ଧ୍ୟାରେ ମହିରାବଣ ବଧ ପରିବେଷିତ ହୋଇଥିଲା। ଏହି ଉଦଯାପନୀ ସନ୍ଧ୍ୟାରେ ସମାଜସେବୀ ସୁଶାନ୍ତ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ହଜି ଯାଉଥିବା କଳା ସଂସ୍କୃତିକୁ ପୁନର୍ଜୀବିତ କରି ରଖିପାରିଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ।

## ବର୍ଷା ଋତୁ ପାଇଁ ବିଏମ୍‌ସି ନିୟୋଜିତ କଲା ରାପିଡ୍ ଆକ୍ସନ ଟିମ

### ବର୍ଷାଜନିତ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ବିଏମ୍‌ସି ପ୍ରସ୍ତୁତଃ କମିଶନର



ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ)ଃ ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ତଥା ବର୍ଷା ଜନିତ ଜଳ ନିଷ୍କାସନ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ରାପିଡ ଆକ୍ସନ ଟିମ୍ (ରାଟ୍) ନିୟୋଜିତ କରାଯାଇଛି। ବିଏମ୍ ସି ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଲ୍ ରାଣା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ରାଟ୍ ଟିମ୍‌କୁ ବିଭିନ୍ନ ଯନ୍ତ୍ରପାତି ପ୍ରଦାନ କରିବା ସହ ସ୍ୱତନ୍ତ୍ର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଟିମ୍ ୨୪ ଘଣ୍ଟିଆ କାର୍ଯ୍ୟ କରିବ। ବର୍ଷା ଜଳ ଜମା ହେଉଥିବା ଅଞ୍ଚଳରେ ତୁରନ୍ତ ପହଞ୍ଚି ଜଳ ନିଷ୍କାସନ ବ୍ୟବସ୍ଥା କରିବ। ଚଳିତ ବର୍ଷାଋତୁ ପାଇଁ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ବିଏମ୍‌ସି ପ୍ରସ୍ତୁତ ରହିଛି ବୋଲି କହିଛନ୍ତି କମିଶନର ଶ୍ରୀ ରାଣା। ସହରାଞ୍ଚଳ ବନ୍ୟା ଘଟଣାର ତୁରନ୍ତ ମୁକାବିଲା ପାଇଁ ଆଠଟି ରାପିଡ୍ ଆକ୍ସନ୍ ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ଚାରିଜଣ ଲେଖାଏଁ ତାଲିମ ପ୍ରାପ୍ତ କର୍ମଚାରୀ ଅଛନ୍ତି। ଟିମଗୁଡିକ ପୋର୍ଟେବଲ୍ ପମ୍ପସେଟ୍, ମେକାନିକାଲ୍ ଜେଟିଂ ମେସିନ, କଂକ୍ରିଟ୍ ବ୍ରେକର୍, ଫୋର୍କ ଏବଂ ଅନ୍ୟାନ୍ୟ ହ୍ୟାଣ୍ଡହେଲ୍ଡ ଉପକରଣ ସହିତ ଜରୁରୀକାଳୀନ ନିୟୋଜନ ପାଇଁ ଆବଶ୍ୟକ ଯାନ, ଲଜିଷ୍ଟିକ୍ ସହାୟତା ସହିତ ପ୍ରସ୍ତୁତ ହୋଇରହିଛନ୍ତି। ଜଳ ନିଷ୍କାସନ ଓ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ରାଟ୍ ଟିମ୍‌କୁ ନିୟୋଜିତ କରାଯାଇଛି ବୋଲି କହିଛନ୍ତି କମିଶନର। ରାଟ୍ ଟିମ ଶୁଭାରମ୍ଭ ଓ ଗାଡ଼ି ଲୋକାର୍ପଣ କାର୍ଯ୍ୟକ୍ରମରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ଡ୍ରେନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଟିମ୍ ବିଏମସି ଓ ରାଟ୍ ଟିମ୍ ସଦସ୍ୟ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋପ ପାଇଯିବେ କଲରାପତରିଆ ?

ଭୁବନେଶ୍ୱର,୧୨।୬-(ତଥ୍ୟ) ପଶୁ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣକାରୀମାନେ ଯେଉଁ ହାରରେ କଲରାପତରିଆ ବାଘ ଶିକାର କରୁଛନ୍ତି ସେଥିରୁ ଏହି ବାଘର ବଂଶ ଲୋପ କରିଦେବେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଏହି ବାଘକୁ ଶିକାର ସହଜ ହୋଇଥିବାରୁ ସେମାନଙ୍କୁ ମାରି ଛାଲ ବିକ୍ରି କରିଦେଉଛନ୍ତି।

ଜଙ୍ଗଲୀ ପଶୁଙ୍କ ଶିକାର ସଂକ୍ରାନ୍ତରେ ଜଣାଯାଇଛି ଯେ ବିଗତ ୫ବର୍ଷରେ ରାଜ୍ୟରେ ୧୧୦ଟି କଲରାପତରିଆ ବାଘଛାଲ ଜବତ ହୋଇଛି। ଶିକାରୀମାନେ ଏହି ବାଘକୁ ମାରି ତାହାର ଛାଲକୁ ବିକ୍ରି କରିବା ସମୟରେ ହିଁ ଜଙ୍ଗଲ ବିଭାଗ ଅଧିକାରୀ ଓ ପୁଲିସ୍ ଅଧିକାରୀମାନେ ମାଡି ବସୁଛନ୍ତି। ବର୍ଷକୁ ହାରାହାରି ଏମାନେ ୨୦ଟି କଲରାପତରିଆ ଶିକାର କରୁଛନ୍ତି। ଏତେ ସଂଖ୍ୟକ ଛାଲ ଜବତ ହେଉଥିବାବେଳେ ଆଉ କିଛି ଛାଲକୁ ଶିକାରୀମାନେ ବିକିବାରେ ସଫଳ ହେବାନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

କେବଳ କଲରାପତରିଆ ନୁହେଁ, ଶିକାରୀମାନଙ୍କ ହାବୁଡ଼ରୁ ମହାବଳ ବି ବର୍ତ୍ତୁ ନାହାନ୍ତି। ପାଞ୍ଚ ବର୍ଷରେ ୬ଟି ମହାବଳବାଘ ଛାଲ ଜବତ ହୋଇଛି। ଜଙ୍ଗଲରେ ମହାବଳ ଶିକାର କରିବା ଏତେଟା ସହଜ ହୋଇନଥିବାବେଳେ ଶିକାରୀମାନେ କିନ୍ତୁ ଏହାକୁ ମାରିବାରେ ସଫଳ ହେଉଛନ୍ତି। ବିଦ୍ୟୁତ୍ ଫାଶ ବସାଇବା ସହିତ ବିଷ ଦେଇ ମହାବଳ ମାରିବାର ଢେର ନଜିର ରହିଛି। ଅନ୍ତର୍ଜାତୀୟ ବଜାରରେ ମହାବଳର ଛାଲ ସହିତ ତାହାର ନଖ, କେଶ, ହାଡ ଆଦିର ଚାହିଦା ଥିବାରୁ ଏହାକୁ ବି ବିକ୍ରିକରି ଦେଉଛନ୍ତି।

ବାଘ ସହ ଶିକାରୀମାନେ ବି ହାତୀକୁ ମାରି ତାହାର ଦାନ୍ତ ବିକ୍ରିକରି ଦେଉଛନ୍ତି। ଏହି ପାଞ୍ଚବର୍ଷରେ ୧୦୭ଟି ହାତୀଦାନ୍ତ ଜବତ ହୋଇଛି। ଶିକାରୀମାନେ ସହଜରେ ହାତୀଙ୍କୁ ମାରି ତାହାର ଦାନ୍ତ କାଟି ନେଉଛନ୍ତି। ଅର୍ନ୍ତଜାତୀୟ ବଜାର ସମେତ ରାଜ୍ୟ ଭିତରେ ବି ହାତୀଦାନ୍ତର ଚାହିଦା ରହିଛି। ତେବେ ରାଜ୍ୟରେ ବନ ବିଭାଗ ପକ୍ଷରୁ ହାତୀ ଦାନ୍ତ, ବାଘଛାଲ, ବ୍ରଜକାପ୍ତା ଆଦି ଜୀବଜନ୍ତୁଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ଫଳରେ ସେମାନେ ବ୍ୟାପକ ଭାବେ ଧରାପଡୁଛନ୍ତି। ତେବେ ଶିକାର କରିବାରେ ଏଗୁଡିକ ଜବତ ହେଉଥିବାରୁ ଜଙ୍ଗଲରୁ କଲରାପତରିଆ, ମହାବଳ ଓ ହାତୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି।

ଧରାପଡୁଥିବା ପଶୁ ଶିକାରୀମାନେ ବର୍ଷ ବର୍ଷ ଧରି ଜେଲରେ ରହୁଥିଲେ ମଧ୍ୟ ସହଜରେ ଏହି ପେଶାକୁ ଛାଡି ପାରୁନାହାନ୍ତି। ରାଜ୍ୟ ଭିତରେ ଓ ବାହାରେ ଥିବା ଚାଲାଣକାରୀମାନେ ଜଙ୍ଗଲ ଆଖପାଖରେ ଲୋକଙ୍କୁ ପ୍ରଲୋଭିତ କରି ପଶୁ ଶିକାର କରୁଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସହିତ ଆଇନ୍ ସଂକ୍ରାନ୍ତରେ ଲୋକଙ୍କୁ ବୁଝାଯିବା ପରେ ସେମାନେ ଏବେ ଧିରେ ଧିରେ ପଶୁ ଶିକାର ପାଇଁ ଅମଙ୍ଗ ହେଉଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେଜିରୁ ପିଜି...

ଓଡ଼ିଶାରେ କାର୍ଯ୍ୟକାରୀ କରାଯାଉ ନ ଥିଲା। ବିଜେପି ସରକାର ଆସିବା ପରେ ଶିକ୍ଷାର୍ଥୀମାନେ ଏହି ନୀତିର ସୁଫଳ ପାଉଛନ୍ତି। ସେହିଭଳି ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ଥାପିତ ହେବାକୁ ଥିବା ୨୨ ଶହ ବିଦ୍ୟାଳୟରୁ ବର୍ତ୍ତମାନ ସୁଦ୍ଧା ୩୨୨ ବିଦ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ୨୬ ହଜାର ୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଆଉ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁଇ ବର୍ଷରେ ଚାଷୀଙ୍କ ଦୁଇ ଗୁଣା ବିକାଶ ହୋଇଛି। ଚାଷୀଙ୍କୁ ସିଏମ୍ ଓ ପିଏମ୍ କିଷାନ ଯୋଜନାର ଲାଭ ମିଳୁଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ସୁରକ୍ଷା ଦିଆଯାଉଛି। ଚଳିତ ବର୍ଷ ୭୩.୪୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଶ୍ୱେତ ବିପ୍ଳବ ସହ ୮୩୦୦ କୋଟି ବ୍ୟୟରେ ହେବ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭିତ୍ତିଭୂମି। ପ୍ରତ୍ୟେକ ଜିଲ୍ଲାରେ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଡବଲ୍ ଇଞ୍ଜିନ ସରକାରର ଡବଲ ପ୍ରଭାବ ପଡ଼ିଛି। ୨ ବର୍ଷରେ ରାଜ୍ୟର ବିଜେପି ସରକାର ୧୨୧ଟି ନୂଆ ଯୋଜନା ଓ ପଦକ୍ଷେପ ଘୋଷଣା କରିଛନ୍ତି, ଯାହା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ନିକଟତର କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶନ ପାୱାରରେ ମିଶନ ମୋଡ୍‌ରେ ସରକାର ଲୋକଙ୍କ ସବୁ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ଉଦ୍ୟମ କରୁଛନ୍ତି। ସରକାର ଗଠନର ପ୍ରଥମ ଦିନରେ ହିଁ ମହିଳାଙ୍କ ପାଇଁ ପ୍ରଥମ ଯୋଜନା ଥିଲା ସୁଭଦ୍ରା ସହାୟତା। ଏହି ଦୁଇ ବର୍ଷରେ ୨୦ ହଜାର ୬୦୦ ଶହ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୧୩ ଶହ କନ୍ୟାଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ କରାଇଛନ୍ତି ସରକାର। ୨୩ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ରେକର୍ଡ କରିଛୁ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିଳ୍ପର ବିକାଶ ଜରୁରୀ। ୨ ବର୍ଷରେ ରାଜ୍ୟ ସରକାର ୨୦ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ପାଇଛନ୍ତି। ୧୭ କୋଟି ଲକ୍ଷ କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ଦେଶ ଓ ରାଜ୍ୟରେ ରୋଡ୍ ଶୋ' ସରକାର କରି ଏହି ସଫଳତା ପାଇଛନ୍ତି। ରାଜ୍ୟର ସବୁ ଜିଲ୍ଲାରେ ହେବ ଶିଳ୍ପ, ଏହା ସରକାରଙ୍କ ସଂକଳ୍ପ। ରାଜ୍ୟର ଆଇନ ଶୃଙ୍ଖଳା ଏବେ ରାଜନୈତିକ ରୂପ ଧାରଣ କରିଛି। ପୂର୍ବରୁ ୨୦୨୩ରେ ମହିଳା ବିରୋଧୀ ହିଂସାରେ ଦଣ୍ଡବିଧାନ ହାର ଥିଲା ୬.୭ ପ୍ରତିଶତ। ୨୦୨୫ରେ ଦଣ୍ଡବିଧାନ ହାର ୬୨ ପ୍ରତିଶତ ହୋଇଛି। ରାଜନୈତିକ କାରଣରୁ ଆୟୁଷ୍ମାନ ଭାରତ ଲାଗୁ କରାଯାଉ ନ ଥିଲା।

### ରାଜ୍ୟରେ କାର୍ଯ୍ୟକାରୀ...

ରୁଲ୍‌ରେ ସଂଶୋଧନ ପ୍ରସ୍ତାବକୁ ବି କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାଛଡ଼ା ଭୁବନେଶ୍ୱର ଟାଉନ ପ୍ଲାନିଂ-୧,୨ ଓ ୩ ପାଇଁ ୧୭୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଭୂତଳ ସ୍ୱେରେଜ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ ଆସନ୍ତା ୨୦୨୮ ଏପ୍ରିଲ ୩୦ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜ୍ୟରେ ଭିବିଜିରାମଜୀ ଯୋଜନା ଲାଗୁ କରିବାକୁ ଆଜି କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ବର୍ଷକୁ ୧୨୫ ଦିନର ବୈଧାନିକ କର୍ମନିଯୁକ୍ତିର ଗ୍ୟାରେଣ୍ଟି ଦିଆଯିବ। ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପରିଚାଳନା ଏହି ଚାରୋଟି ପ୍ରାଥମିକ କ୍ଷେତ୍ରରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରାଯିବ। ତେବେ ଖରିଫ ଓ ରବି ଋତିରେ ଅମଳ ସମୟରେ ୬୦ ଦିନ ରୋଜଗାର ଦିଆଯିବ। ଚଳିତ ଆର୍ଥିକ ବର୍ଷ ପାଇଁ ଏଥର ବଜେଟରେ ଏଥିପାଇଁ ୫୫୭୫ କୋଟିର ବ୍ୟୟ ବରାଦ କରାଯାଇଛି। ଏଥିରେ କେନ୍ଦ୍ର ୬୦ ପ୍ରତିଶତ ଓ ରାଜ୍ୟ ୪୦ ପ୍ରତିଶତ ବ୍ୟୟଭାର ବହନ କରିବେ। ଏଥିସହ ଉଠାଦୋକାନୀଙ୍କୁ ଏଣିକି ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ଆଉ ଷ୍ଟାମ୍ପ ଡ୍ୟୁଟି ଦେବାକୁ ପଡ଼ିବ ନାହିଁ। ଉଠାଦୋକାନୀଙ୍କୁ ପିଏମ ସ୍ୱନିଧି ଯୋଜନାରେ ୫୦ ହଜାର ପର୍ଯ୍ୟନ୍ତ ଋଣ ମିଳିପାରୁଛି।

### ବିଜେଡି ସରକାରକୁ...

ପ୍ରଶ୍ନ କରିଛନ୍ତି। ୨୦୨୩ରେ ସାମଗ୍ରିକ ଦଣ୍ଡବିଧାନ ହାର ୧୧ ପ୍ରତିଶତ ଥିଲା, ଏବେ ତାହା ୮୭.୬ ପ୍ରତିଶତରେ ପହଞ୍ଚିଛି। ଏହା କ'ଣ ଏକ ମାନକ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରୁ ନ ଥିଲା। କିଛି ଅଫିସର୍ ବସି ଲୋକଙ୍କ ଅଭିଯୋଗ ନେଉଥିଲେ, ହେଲେ ତାହା ଡଷ୍ଟବିନ୍‌କୁ ଯାଉଥିଲା। ଗତ ସରକାରରେ ସରକାରଙ୍କ ମୁଖ୍ୟ ଓ ସରକାର ଚଳାଉଥିବା ବ୍ୟକ୍ତିଙ୍କ ଓଡ଼ିଆ ଭାଷା ପ୍ରତି ଆଗ୍ରହ ନ ଥିଲା। ତେଣୁ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ଅଣଦେଖା କରାଯାଉଥିଲା। ପୂର୍ବ ସରକାରରେ ସବୁ ପ୍ରକଳ୍ପ କେବଳ ପ୍ରଚାର ସର୍ବସ୍ୱ ଥିଲା। ଗତ ସରକାର ଜଣେ ବ୍ୟକ୍ତିଙ୍କ ଇଚ୍ଛା ଓ କଳ୍ପନାରେ ଚାଲୁଥିଲା। ବିରୋଧୀ ଦଳ ପଚାରୁଛନ୍ତି ଡବଲ ଇଞ୍ଜିନରୁ ଓଡ଼ିଶା କ'ଣ ପାଇଲା। ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟିବା ତା'ର ନମୁନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷା ବିକାଶ କଥା ୨୪ ବର୍ଷ ଧରି ଭୁଲିଯାଇଥିଲେ। ୨୨ ବର୍ଷ ପରେ ମନେ ପଡ଼ିବାରୁ ଖାଲି ରଙ୍ଗ ମାରି ବାହାବା ନେବାକୁ ଚେଷ୍ଟା କରିଥିଲେ।

### ନିଯୁକ୍ତି ଓ ଏଲ-ନିନୋ...

ଧାନ ସଂଗ୍ରହ ହାର ଦର୍ଶାଉଛି ଯେ, ଲୋକେ ପୁଣି ଚାଷକୁ ଫେରୁଛନ୍ତି। ତେବେ ରାଜ୍ୟର ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏକ ଚ୍ୟାଲେଞ୍ଜ ବୋଲି ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ସେହିଭଳି ଆଗକୁ ଏଲନିନୋ ପ୍ରଭାବ ପଡିବ ବୋଲି କୁହାଯାଉଛି। ଯଦି ସେଭଳି ହୁଏ ତା'ର ସାମ୍ନା କରିବା ଏକ ଚ୍ୟାଲେଞ୍ଜ। ତେବେ ବିପର୍ଯ୍ୟୟ ମୁକାବିଲାର ଅଭିଜ୍ଞତାରେ ରାଜ୍ୟ ସରକାର ତା'ର ମୁକାବିଲା କରିବେ ବୋଲି ସେ କହିଛନ୍ତି।

### ବିଶ୍ୱରେ ପ୍ରଦର୍ଶିତ...

ଇନୋଭେଟ୍ସ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେବ। ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟାବସାୟିକ ପ୍ରସ୍ତାବ ଓ ବିଶ୍ୱର ଆବଶ୍ୟକତାକୁ ପୂରଣ କଲା ଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଅନ୍ତର୍ଜାତୀୟ ସ୍ୱୀକୃତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶ କ୍ରମେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସିଥିବା ହଜାର ହଜାର ପ୍ରସ୍ତାବ ମଧ୍ୟରୁ ଯାଞ୍ଚ କରାଯାଇ ୧୨୦ଟି ପ୍ରତିଭାବାନ ନୂତନ ଷ୍ଟାର୍ଟଅପକୁ ମନୋନୀତ କରାଯାଇଛି। ଏହି ଷ୍ଟାର୍ଟଅପଗୁଡ଼ିକ ୧୩ଟି ପ୍ରାଥମିକତା କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି ଓ ଦେଶର ୨୦ରୁ ଅଧିକ ପ୍ରମୁଖ ଶିକ୍ଷାନୁଷ୍ଠାନ ସହ ଭାଗୀଦାର ହୋଇଛନ୍ତି। ଆସନ୍ତା ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱର ଅନେକ ଆର୍ଥିକ ପ୍ରତିଷ୍ଠାନ, ଆନ୍ତର୍ଜାତୀୟ କମ୍ପାନୀ ଓ ବୁଦ୍ଧିଜୀବୀଙ୍କୁ ଆମନ୍ତ୍ରଣ କରାଯାଇଛି। ଏଠାରେ ଆଲୋଚନା ସହ ବ୍ୟାବସାୟିକ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଅଭିନବ ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ। ଭାରତ ତଥା ବିଶ୍ୱର ସାଧାରଣ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱଳ୍ପ ବ୍ୟୟସାପେକ୍ଷ, ଉଚ୍ଚ ଗୁଣବତ୍ତାସମ୍ପନ୍ନ ଓ ସହଜରେ ଉପଲବ୍ଧ ହୋଇପାରୁଥିବା ସମାଧାନ ପ୍ରସ୍ତୁତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ବିଶ୍ୱର କଲ୍ୟାଣ ପାଇଁ ଇନୋଭେସନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ସହଯୋଗ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଫ୍ରାନ୍ସର ରାଷ୍ଟ୍ରପତି ଓ ତାଙ୍କ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

### ପ୍ରାକ୍-ରେରା ଆପାର୍ଟମେଣ୍ଟ...

ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦିଓ ଗତ ବର୍ଷ ଡିସେମ୍ବର ୩ ତାରିଖରେ ଜାରି ହୋଇଥିବା ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବ୍ୟକ୍ତିଗତ ଆଲଟିମାନଙ୍କୁ ଆଶ୍ୱସ୍ତି ଦେଇଥିଲା। କିନ୍ତୁ ପ୍ରମୋଟର ଓ ଜମି ମାଲିକଙ୍କ ପାଖରେ ରହିଯାଇଥିବା ଆପାର୍ଟମେଣ୍ଟଗୁଡ଼ିକ ଏହାର ପରିସରଭୁକ୍ତ ହୋଇ ନ ଥିଲା। ଏହି ସମସ୍ୟାର ସମାଧାନ ପାଇଁ ସରକାର 'ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟ, ୨୦୨୩'ର ଧାରା ୩୫ ଅନ୍ତର୍ଗତ ତାଙ୍କ କ୍ଷମତାର ପ୍ରୟୋଗ କରିଛନ୍ତି ଓ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଛାଡ଼ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହା ଫଳରେ ଏଭଳି ଆପାର୍ଟମେଣ୍ଟଗୁଡ଼ିକର ପଞ୍ଜୀକରଣ ସମ୍ଭବ ହେବ ଏବଂ ଦୀର୍ଘ ଦିନରୁ ପଡ଼ିରହିଥିବା ପୁରୁଣା ମାମଲାଗୁଡ଼ିକର ସମାଧାନ ହୋଇପାରିବ। ନିର୍ଦ୍ଦେଶନାମା ଅନୁଯାୟୀ, ଏହି କୋହଳ ବ୍ୟବସ୍ଥା କେବଳ ୨୦୧୬ ଅକ୍ଟୋବର ୫ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଆପାର୍ଟମେଣ୍ଟ ପାଇଁ ଲାଗୁ ହେବ। ଏହି ସୁବିଧା କେବଳ ସେହି କ୍ଷେତ୍ରରେ ଉପଲବ୍ଧ ହେବ, ଯେଉଁଠାରେ ପ୍ରକଳ୍ପର ଅତି କମ୍‌ରେ ୫୦ ପ୍ରତିଶତ ଆପାର୍ଟମେଣ୍ଟ ୟୁନିଟ୍ ରେରା କଟ୍ ଅଫ୍ ତାରିଖ କିମ୍ବା ତା' ପୂର୍ବରୁ ପଞ୍ଜୀକୃତ ବିକ୍ରୟ ଦଲିଲ ମାଧ୍ୟମରେ ହସ୍ତାନ୍ତର କରାଯାଇ ସାରିଥିବ। ଏହାଛଡ଼ା ପଞ୍ଜୀକରଣ ପାଇଁ ପ୍ରସ୍ତାବିତ ଆପାର୍ଟମେଣ୍ଟଟି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଅଧିନିୟମ, ୧୯୮୨ କିମ୍ବା ଓଡ଼ିଶା ସହର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଅଧିନିୟମ, ୧୯୫୬ ଅଧୀନରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅନୁମୋଦିତ ବିଲ୍ଡିଂ ପ୍ଲାନ୍‌ର ଅଂଶବିଶେଷ ହୋଇଥିବା ଆବଶ୍ୟକ।

### ଭାରତ ସମେତ...

ଏଭଳି ଅତର୍କିତ ସମସ୍ୟା ସୃଷ୍ଟି ହୋଇଥିବା ବିଷୟ ମେଟା ମଧ୍ୟ ସ୍ୱୀକାର କରିଛି। ତେବେ ଏପରି ସମସ୍ୟା ପଛର ସଠିକ୍ କାରଣ ନେଇ କିଛି ବି ସ୍ପଷ୍ଟ କରିନାହିଁ। ଏହାର ଟିମ୍ ସମସ୍ୟାର ସମାଧାନ କରି ମେଟା ପରିଚାଳିତ ପ୍ଲାଟଫର୍ମଗୁଡ଼ିକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସ୍ପଷ୍ଟୀକରଣ ମଧ୍ୟ ଦେଇଛି।

### 'ମୋ ଇଜ୍ଜତ...

ହୋଇଥିବାର ଆଗାମୀ ଦିନରେ ଦଳରେ କିଛି ପଦପଦବୀ ମିଳିଯିବ ବୋଲି ଯେଉଁ ଆଶା ବାନ୍ଧିଥିଲେ, ଚାମେଲି ପ୍ରସଙ୍ଗ ତାହା ଉପରେ ଏକପ୍ରକାର ପାଣି ପକାଇ ଦେଇଛି। ନୂଆ ସରକାର ଗଠନ ପରେ ବର୍ତ୍ତମାନ ସୁଦ୍ଧା କୌଣସି ବିଜେପି ବିଧାୟକଙ୍କ ବିରୋଧରେ ଜଣେ ମହିଳା ଲୋକପ୍ରତିନିଧି ଖୋଲାଖୋଲି ଭାବେ ଏଭଳି ସାଂଘାତିକ ଅଭିଯୋଗ କରି ନ ଥିବା ବେଳେ ଚାମେଲିଙ୍କ ଚିଠି ଉପରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି କି ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର। ସେପଟେ ଏହି ପ୍ରସଙ୍ଗରେ ଏଯାଏଁ ମୁହଁ ଖୋଲିନାହାଁନ୍ତି ମହାକାଳପଡ଼ା ବିଧାୟକ।

# କଂକ୍ରିଟ ରାସ୍ତା କାମରେ ବଡ଼ ଜାଲିଆତି

## ୧୧ ଘନମିଟର ବଦଳରେ ୬ ଘନମିଟର କାମ, ଏମ-୨୦ ବଦଳରେ ଏମ-୧୦ ବ୍ୟବହାର



କାକଟପୁର/ଅସ୍ତରଙ୍ଗ,୧୧।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ବ୍ଲକ କୁଣ୍ଡେଇ ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ହୋଇଥିବା ସିମେଣ୍ଟ କଂକ୍ରିଟ ରାସ୍ତା କାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି। କୈଳାଶ ରାଉତ ଘର ଠାରୁ ନରେନ୍ଦ୍ର ରାଉତ ଘର ପର୍ଯ୍ୟନ୍ତ ରାସ୍ତା ମରାମତି କାମର ପ୍ରଥମ ଓ ଅନ୍ତିମ ବିଲରେ ମିଥ୍ୟା ମାପ ଓ ଜାଲି ମାପ ବହି ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ହଡପ ଅଭିଯୋଗ ହୋଇଛି। ଏନେଇ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ସତର୍କତା ନିର୍ଦ୍ଦେଶକଙ୍କୁ ଦରଖାସ୍ତ ଦିଆଯାଇଛି। ବିଲ ଅନୁସାରେ, କାମର ଆକଳିତ ବ୍ୟୟ ଏକ ଲକ୍ଷ ଟଙ୍କା। କାର୍ଯ୍ୟକାରୀ ବିଭାଗୀୟ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ରାଉତ ରହିଛନ୍ତି। ମାପ ବହି ସଂଖ୍ୟା ୦୬, ପୃଷ୍ଠା ୧୫୪ରୁ ୧୫୨ରେ ଦଫା ସଂଖ୍ୟା ୪ରେ ସିମେଣ୍ଟ କଂକ୍ରିଟ ଅନୁପାତ ଏକ ଦୁଇ ଚାରି ବାବଦରେ ୧ ଦଶମିକ ୦୭ ଘନମିଟର କାମ ଦେଖାଯାଇ ଦର ୭୪୬ ଦଶମିକ ୫୫ ଟଙ୍କା ହିସାବରେ ମୋଟ ୮୫୭୭୩ ଟଙ୍କା ବିଲ କରାଯାଇଛି। ଅଭିଯୋଗ ଅନୁସାରେ, କାର୍ଯ୍ୟସ୍ଥଳରେ ବାସ୍ତବରେ ମାତ୍ର ୬ ଘନମିଟର ଢଳେଇ ହୋଇଛି। ୫ ଦଶମିକ ୦୭ ଘନମିଟର କାମ ନ କରି ମଧ୍ୟ ୩୯ ହଜାରରୁ ଅଧିକ ଟଙ୍କା ଉଠାଯାଇଛି। ଗୁଣବତ୍ତାରେ ମଧ୍ୟ ବ୍ୟାପକ ହେରଫେର। ବିଲରେ ଏମ-୨୦ ଶ୍ରେଣୀ ଉଲ୍ଲେଖ ଥିବା ବେଳେ ବାସ୍ତବରେ ଏମ-୧୦ ଶ୍ରେଣୀ ବ୍ୟବହାର ହୋଇଛି। କାର୍ଯ୍ୟ ବିଭାଗ ନିୟମ ଅନୁସାରେ ୧୦୦ ମିଲିମିଟର ମୋଟା ଢଳେଇ ହେବା କଥା, କିନ୍ତୁ ମାତ୍ର ୭୫ ମିଲିମିଟର ଢଳେଇ ହୋଇଛି। ଦଫା ସଂଖ୍ୟା ୩ରେ ସିମେଣ୍ଟ କଂକ୍ରିଟ ଅନୁପାତ ଏକ ତିନି ଛଅ ୧ ଦଶମିକ ୫୨ ଘନମିଟର ପାଇଁ ୯୬୩୯ ଟଙ୍କା ବିଲ ହୋଇଛି, କିନ୍ତୁ ସ୍ଥଳରେ ତଳ କଂକ୍ରିଟ ଆଦୌ କରାଯାଇ ନାହିଁ। ମୋଟ ବିଲ ୧୦୦୫୨୦ ଟଙ୍କା ହୋଇଥିବା ବେଳେ ବିଭିନ୍ନ କର ଓ ଶୁଳ୍କ ବାବଦରେ ୫୩୭୧ ଟଙ୍କା କଟାଯାଇ ନିଟ ୯୪୬୨୯ ଟଙ୍କା ଦେଖାଯାଇଛି। ଏହି ବିଲରେ ୨୩/୦୫/୨୬ ତାରିଖରେ କନିଷ୍ଠ ଯନ୍ତ୍ରୀ, କାକଟପୁର ବ୍ଲକଙ୍କ ଦସ୍ତଖତ ରହିଛି। ଅଭିଯୋଗକାରୀ ଦର୍ଶାଇଛନ୍ତି ଏହା ଦୁର୍ନୀତି ନିବାରଣ ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଦଣ୍ଡନୀୟ ଅପରାଧ। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଅପରାଧିକ ମାମଲା ଓ ବୈଷୟିକ ମୋଟେଇ କଟା ପରୀକ୍ଷା ଦାବି ହୋଇଛି।

## ୨୫ କେଜି ଗଞ୍ଜେଇ ଜବତ, ୨ ଗିରଫ



ମାଲକାନଗିରିରେ,୧୧।୬ (ସଂଚାର ବ୍ୟୁରୋ): ମାଲକାନଗିରି ଆଦର୍ଶ ଥାନା ପୋଲିସ ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ୨ ଯୁବକଙ୍କୁ ଗିରଫ କରିଛି। ଗତକାଲି ସକାଳ ୧୧ଟା ସମୟରେ ସହରର ଚମ୍ପାଖାରି ଚେକ୍ ପୋଷ୍ଟ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ମଟରସାଇକେଲ କୁ ପୂର୍ବ ସୂଚନା ଆଧାରରେ ପୋଲିସ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ୍ କରିବାରୁ ମଟରସାଇକେଲ ରୁ ୨୫.୪୦୦ କିଲୋଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଜବତ୍ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୨.୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦେଇଛନ୍ତି। ଏହି ଘଟଣାରେ ଗଞ୍ଜେଇ ସହିତ ଗୋଟିଏ ମଟରସାଇକେଲ ସମେତ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ଉଭୟ ଯୁବକ ମାଲକାନଗିରି ଜିଲ୍ଲା କାଲିମେଳା ଅଞ୍ଚଳର ଜଣେ ହେଉଛନ୍ତି ପ୍ରଶାନ୍ତ ବିଶ୍ୱାସ (୨୪) ଗାଁ ଏମପିଭି-୧୩ ଅନ୍ୟ ଜଣେ ବିଶ୍ୱଜିତ ବେପାରୀ ଗାଁ ଏମପିଭି-୮ (୨୪) ଉଭୟଙ୍କର ବର୍ତ୍ତମାନ ଠିକଣା ସୁକମା ଜିଲ୍ଲା କୁମାର୍ ରାସ୍। ମାଲକାନଗିରିରୁ ଗଞ୍ଜେଇ ନେଇ ଅନ୍ୟ ରାଜ୍ୟକୁ ଚଢ଼ା ଦରରେ ବିକ୍ରି କରିଥାନ୍ତା ଏମାନେ ତେବେ ମାଲକାନଗିରି ମଡେଲ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରି ଏସ ଆଇ କୃତିବାସ ବେହେରାଙ୍କ ନେତୃତ୍ୱରେ ଅନ୍ୟ ସହଯୋଗୀଙ୍କ ଉପସ୍ଥିତରେ ଗଞ୍ଜେଇ ଚୋରାଚାଲାଣକାରୀ ଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଛି। ଉଭୟଙ୍କ ନାଁରେ ମାଲକାନଗିରି ଥାନାରେ ଏନଡିପିଏସ କେସ୍ ନମ୍ବର-୩୪୨ ୧୦/୦୬/୨୬ ଧାରା ଅଧୀନରେ ୨୦(ଭ) (ସସ)(ମ) ୨୫/୨୯ ଅନୁଯାୟୀ କେସ୍ ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ନମ୍ବରବିହୀନ ଟ୍ରାକ୍ଟରରେ ହେଉଛି ମୋରମ ଚାଲାଣ



ଆନନ୍ଦପୁର,୧୨।୬(ସଂଚାର ବ୍ୟୁରୋ): କେନାଲ ଖନନ ନାଁରେ ଚାଲିଛି କି ବେଆଇନ ମୋରମ ଚାଲାଣ ? ନମ୍ବର ବିହୀନ ଟ୍ରାକ୍ଟରରେ ଶହ ଶହ ଟ୍ରିପ୍ ମୋରମ ପରିବହନ ହେଉଥିବା ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ଘଷିପୁରା ଅଞ୍ଚଳରୁ। ଅଭିଯୋଗ ପରେ ମଧ୍ୟ ପୋଲିସ ଘଟଣାସ୍ଥଳରେ ନ ପହଞ୍ଚିବା ଏବଂ ପ୍ରଶାସନର ନୀରବତାକୁ ନେଇ ଉଠିଛି ଅନେକ ପ୍ରଶ୍ନ। କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ଘଷିପୁରା ବଣମୁଣ୍ଡ ସାହି ନିକଟରେ ରେଙ୍ଗାଲି ପ୍ରକଳ୍ପ ପକ୍ଷରୁ କେନାଲ ଖନନ କାମ ଚାଲିଛି। ଏହି ଖନନ କାର୍ଯ୍ୟ ସମୟରେ ବାହାରୁଥିବା ମୋରମକୁ ଖଣି ବିଭାଗ ପକ୍ଷରୁ ନିଲାମ କରାଯାଇଥିବା ସୂଚନା ମିଳିଛି। ତେବେ ନିଲାମ ପରେ ମୋରମ ଚାଲାଣକୁ ନେଇ ଏବେ ଉଠିଛି ବଡ଼ ବିବାଦ। ଅଭିଯୋଗ ହେଉଛି, ବିଜି ମୋଟର ନିକଟରେ ଥିବା ଏକ ଟ୍ରାକ୍ଟର ଶୋ'ରୁମକୁ ଏହି ମୋରମ ଦିଆଯାଇଥିବା ବେଳେ ନମ୍ବର ବିହୀନ ଟ୍ରାକ୍ଟରରେ ଶହ ଶହ ଟ୍ରିପ୍ ମୋରମ ଚାଲାଣ କରାଯାଇଛି। କେତୋଟି ଟ୍ରାନ୍ଜିଟ୍ ପାସ୍ ବା ଟିପି ଜାରି ହୋଇଥିଲା, କେଉଁ ଗାଡ଼ିକୁ ଟିପି ଦିଆଯାଇଥିଲା ଏବଂ ନମ୍ବର ବିହୀନ ଗାଡ଼ିରେ କିପରି ମୋରମ ପରିବହନ ହେଲା, ତାହାକୁ ନେଇ ସାଧାରଣରେ ସନ୍ଦେହ ବଢ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ମୋରମ ଚାଲାଣ ହୋଇଥିବା ସନ୍ଦେହ ମଧ୍ୟ ରହିଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାକୁ ଅବଗତ କରାଯାଇଥିଲେ ମଧ୍ୟ ପୋଲିସ ତୁରନ୍ତ ଘଟଣାସ୍ଥଳକୁ ନ ପହଞ୍ଚିବା ନେଇ ପ୍ରଶ୍ନ ଉଠିଛି।

## କ୍ୱାକ ଡାକ୍ତରଙ୍କ ଘରେ ଲୁଟ: ୬ ଲୁଟେରା ଗିରଫ, ଲୁଟ ସାମଗ୍ରୀ ଜବତ



ସୁନ୍ଦରଗଡ଼,୧୨।୬(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଧରୁଆଡିହି ଥାନା ଅନ୍ତର୍ଗତ ବସ୍ତି ଅଞ୍ଚଳରେ ଜଣେ କ୍ୱାକ ଡାକ୍ତରଙ୍କ ଘରେ ସଶସ୍ତ୍ର ଲୁଟ ଘଟଣାରେ ଧରୁଆଡିହି ଥାନା ପୁଲିସ ୬ ଘଣ୍ଟା ମଧ୍ୟରେ ୬ ଜଣ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି। ଜୁନ ୧୦ ତାରିଖ ବୁଧବାର ଦିନ ସନ୍ଧ୍ୟା ପ୍ରାୟ ୮ଟା ବେଳେ ୬ ଜଣ ଲୁଟେରା ଧରୁଆଡିହି ବସ୍ତିରେ ଥିବା କ୍ୱାକଡାକ୍ତର ମୋତିଲାଲ ବିଶ୍ୱାସଙ୍କ ଘରେ ପଶି ତାଙ୍କୁ କାବୁ କରି ୧ ଲକ୍ଷ ୬୭ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପୁଲିସ ଖବର ପାଇଲା ପରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଲୁଟେରା ମାନେ କିଞ୍ଜିର୍ମା ଜଙ୍ଗଲରେ ଲୁଚିଥିବା ଖବର ପାଇ ପୁଲିସ ସେଠାରେ ଚଢ଼ାଉ କରି ସମସ୍ତ ୬ ଜଣ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଥିଲା। ତାଙ୍କ ଠାରୁ ଲୁଟ୍ ହୋଇଥିବା ସମସ୍ତ ଟଙ୍କା, ଦୁଇଟି ବାଇକ୍, ୫ ଟି ମୋବାଇଲ ଏବଂ ଗୋଟିଏ ଭୁଜାଲି ଜବତ କରିଛି। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କଥା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ରଜ ପିଠା ପ୍ରତିଯୋଗିତା ଆୟୋଜିତ



ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ): ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ପକ୍ଷରୁ ଶୁକ୍ରବାର ରଜ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୩୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ପ୍ରକାରର ପୋଡପିଠା ଯଥା ସପୁରୀ ଚାଉଳ ପୋଡପିଠା, କଖାରୁ ପୋଡପିଠା, ଚାଉଳ ପୋଡପିଠା, କ୍ଷୀର ପୋଡପିଠା, ବିରି ପୋଡପିଠା, ଛତୁ ପୋଡପିଠା, ମହୁଲ ପୋଡପିଠା, ମାଣ୍ଡିଆ ପୋଡପିଠା, ଅମୃତ ଭଣ୍ଡା ପୋଡପିଠା ଓ ଲାଉ ପୋଡପିଠା ଏହି ପ୍ରତିଯୋଗିତାରେ ପ୍ରଦର୍ଶିତ କରାଯାଇଥିଲା। ସେହିପରି ବୁଢ଼ା ଚକୁଳି, ଛେନାମଣ୍ଡା, ବିରି ଖଜା, ସୋୟାବିନ୍ ଛୁଙ୍କ, ଜାମୁକୋଳି ଚିତଉ ପିଠା, ଆମ୍ବ କାକରା, ଚନ୍ଦ୍ରକାନ୍ତି, ସୁଜି ସିଝା ମଣ୍ଡା, ପୁରଦିଆ ମଣ୍ଡା, ସୁଜି କାକରା, ଗୁଡ଼ ଓ ଚିନି ଆରିଷା ପିଠା, ପାଳୁଅ ମଣ୍ଡା, କ୍ଷୀର ଗଇଁଠା, ଜାମୁକୋଳି ମିଠା, ଜାମୁନ୍ ମଣ୍ଡା, ଜାମୁନ୍ ମୋଦକ, ଗାଜର ଚିତଉ, ମାଣ୍ଡିଆ କନ୍ଦମୂଳ ରସାବଳୀ, ମାଣ୍ଡିଆ ଖିରି ଗଇଁଠା, ମାଣ୍ଡିଆ ପିଠା, ମାଣ୍ଡିଆ କାକରା, ଆମ୍ବ ଚିତଉ, ବେଲ ପିଠା, କଦମ୍ବ ପିଠା, ଆରିସା ମୁଆଁ ପିଠା, ଛେନା ଫୁଲ, ଏଣ୍ଡୁରୀ, ମାଣ୍ଡିଆ ମଣ୍ଡା, ନଡିଆ ମୋଦକ, ଖୁଆ ଗଇଁଠା ପିଠା, ଅପରାଜିତା ଗଇଁଠା ପିଠାଖିରୀ, ସାଗୁ ରସାବଳି, ଆମ୍ବ କାକରା, ଭୃଷଙ୍ଗ ପତ୍ର ଚକୁଳି ଭଳି ଅନେକ ପ୍ରକାରର ପିଠା ପ୍ରଦର୍ଶିତ ହୋଇଥିଲା। ଏହି ମହିଳାମାନଙ୍କର ରୋଷେଇ ଦକ୍ଷତାକୁ ପରଖିବା ପାଇଁ ବିଚାରକ ଭାବେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଲାଇଫ୍ ହୋଟେଲ ଭୁବନେଶ୍ୱରର ଏଚ୍ଆର ହେଡ୍ ଶ୍ରୀ ଜଚିନ୍ଦର ଜେନା, ସେଫ୍ ଶ୍ରୀ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ବିଚାରକ ଭାବେ ଯୋଗଦେଇ ଖାଦ୍ୟର ମାନ ନିରୂପଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ମାନଙ୍କର ଖାଦ୍ୟର ସ୍ୱାଦ, ପ୍ରସ୍ତୁତି, ରୂପ, ପରିବେଷଣ ଓ ଭିନ୍ନତାକୁ ନେଇ ବିଚାର କରାଯାଇଥିଲା। ଏସ୍ଏଚ୍ଏମ୍ର ଡିନ୍ ପ୍ରଫେସର ଚଇନି ସ୍ୱାଗତ ଭାଷଣ ଦେଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ।

## ଦେଶୀ ବିଦେଶୀ ମଦ ଜବତ, ଦୁଇଜଣଙ୍କୁ କୋର୍ଟ ଚାଲାଣ

ପାରାଦ୍ୱୀପ,୧୨।୬(ସଂଚାର ବ୍ୟୁରୋ): କୁଜଙ୍ଗ ପୋଲିସ ୧୦୪ ଲିଟର ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ର ଦେଶୀ ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣ ଚୋରା ମଦ ବେପାରୀ ଙ୍କୁ ଗିରଫ କରିବାରେ ସଫଳ ହୋଇଛି।କୁଜଙ୍ଗ ପୋଲିସ ପାଟ୍ରୋଲିଂ ସମୟରେ ବଡବୁଢା ଗ୍ରାମ ର ଯୁଧିଷ୍ଠିର ବେହେରା ଓରଫ ଗୁରିଆ ଓ ତ୍ରିଲୋଚନପୁର ଗ୍ରାମ ର ପ୍ରସନ ବେହେରା ମଦ ବିକୁଥିବା ଖବର ପାଇ ଚଢ଼ାଉ କରିଥିଲେ! ସେମାନଙ୍କ ଠାରୁ ୧୦୪ ଲିଟର ୧୮୦ ମିଲିଲିଟର ଜବତ କରିବା ସହ ଦୁଇ ଚୋରା ବେପାରୀ ଙ୍କ ନାମରେ ଅବକାରୀ ମାମଲା ନମ୍ବର ୧୫୬/୨୬ ରେ ମୋକଦ୍ଦମା ରୁଜୁ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା କୁଜଙ୍ଗ ଥାନା ଅଧିକାରୀ ଶିବାଶିଷ ଦାସ କହିଛନ୍ତି ।



## ଶିଶୁ ଶ୍ରମିକମୁକ୍ତ ଜିଲ୍ଲା ଗଠନ କରିବା ଲକ୍ଷ୍ୟରେ ବ୍ୟାପକ ସଚେତନତା ଅଭିଯାନର ଶୁଭାରମ୍ଭ



ବଲାଙ୍ଗିର,୧୨।୬(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାରୁ ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଦୂର କରି ଏକ ଶିଶୁ ଶ୍ରମିକମୁକ୍ତ ଜିଲ୍ଲା ଗଠନ କରିବା ଲକ୍ଷ୍ୟରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଏକ ବ୍ୟାପକ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ' ଏବଂ ଏକ ଗଣରାଲିର ଆୟୋଜନ କରାଯାଇଥିଲା। ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଚେତନତା ରଥ ଓ ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଶିଶୁମାନଙ୍କୁ ଶିକ୍ଷା, ସୁରକ୍ଷା ଓ ସୁସ୍ଥ ପରିବେଶ ଯୋଗାଇ ଦେବା ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ଶିଶୁ ଶ୍ରମିକ ପ୍ରଥା କେବଳ ଏକ ସାମାଜିକ ବ୍ୟାଧି ନୁହେଁ, ବରଂ ଶିଶୁଙ୍କ ମୌଳିକ ଅଧିକାର ପ୍ରତି ଏକ ଗୁରୁତର ଆଘାତ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ନିର୍ବାହୀ ଅଧିକାରୀ ପୌରପରିଷଦ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ସାମାଜିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ।

## ପାନୀୟଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ

ଢେଙ୍କାନାଳ,୧୨।୬(ସଂଚାର ବ୍ୟୁରୋ): ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଗିରିଧର ଗ୍ରାମପଞ୍ଚାୟତର ବଡବାହାଲ ଗ୍ରାମର ବାସୀନ୍ଦାମାନେ ପାନୀୟ ଜଳ ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଏହି ଗ୍ରାମରେ ପ୍ରାୟ ୧୪୦ଗୋଟି ପରିବାରର ଲୋକମାନେ ପାନୀୟ ଜଳର ଘୋର ଅସୁବିଧା ନେଇ ଦୀର୍ଘଦିନ ହେବ ଚଳିଆସୁଅଛନ୍ତି। ଗ୍ରାମରେ ମାତ୍ର ୨ଟି ନଳକୂପ ଅଛି ଏବଂ ଏହି ଦୁଇଟି ନଳକୂପର ପାଣି ଦୂଷିତ ହୋଇଥିବାରୁ ଏହି ପାଣିକୁ ଲୋକେ ବ୍ୟବହାର କରି କିଡ଼ନୀ ରୋଗେ ଆକ୍ରାନ୍ତ ହେଉଛନ୍ତି। ଖରାଦିନ ଆସିଲେ ଏହି ଦୁଇଟି ନଳକୂପରୁ ପାଣି ବାହାରେ ନାହିଁ। ବଡ ଦୁଃଖର କଥା ଏପର୍ଯ୍ୟନ୍ତ ଏହି ଗ୍ରାମକୁ ପାଇପ୍ ପାଣିର ସୁବ୍ୟବସ୍ଥା କରାଯାଇନାହିଁ। ଗ୍ରାମରେ ଗୋଟିଏ ମାତ୍ର ଖୋଲା କୂପ ଅଛି, କିନ୍ତୁ ତାହାର ପାଣି ମଧ୍ୟ ଶେଷ ହୋଇଗଲାଣି। ଗ୍ରାମର ସମସ୍ତ ଅଧିବାସୀ ତାହା ଉପରେ ନିର୍ଭର କରୁଛନ୍ତି। ମହିଳା ଓ ବୃଦ୍ଧାମାନେ ଦୂର ଦୂରାନ୍ତର ସ୍ଥାନରୁ ପାଣି ଆଣିବାକୁ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲା ପରେ ସେ କେବଳ କିଛିଦିନ ଲାଗି ଗୋଟିଏ ଅଟୋ ମାଧ୍ୟମରେ ଏକ ପାଣିଟାଙ୍କି ପଠାଇ ଦେଇ ତାଙ୍କ କାମ ସାରିଦେଲେ।



## ଋଣ ଟଙ୍କା ପରିଶୋଧ ନ କରିବାରୁ ଘରେ ପଡ଼ିଲା ତାଲା



ବାଲିଆପାଳ,୧୨।୬(ସଂଚାର ବ୍ୟୁରୋ): ବ୍ୟାଙ୍କରୁ ଲୋନ ନେଇ ପରିଶୋଧ ନକରିବାରୁ ଘରେ ପଡ଼ିଲା ତାଲା। ସୁଚନାରୁ ପ୍ରକାଶ ବାଲିଆପାଳ ଥାନା ଅନ୍ତର୍ଗତ ଅସ୍ତି ପଞ୍ଚାୟତ ବଡ଼ାପାଳ ଗ୍ରାମର ଗଣେଶ ମହାନ୍ତି ବାଲିଆପାଳ ସ୍ଥିତ କାନାରା ବ୍ୟାଙ୍କରୁ ନିଜର ବାସସ୍ଥାନ ଥିବା ଜାଗାକୁ ବନ୍ଧକ ରଖି ୨୦୨୧ ମସିହାରେ ୯ ଲକ୍ଷ ଟଙ୍କାର ଋଣ ନେଇଥିଲେ। ମାତ୍ର ଶ୍ରୀ ମାହାନ୍ତି ଋଣ ପରିଶୋଧ ନକରିବାରୁ ମୂଳ ଏବଂ ସୁଧ ମିଶି ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହୋଇଯାଇଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାରମ୍ବାର ଋଣ ସୁଝିବା ପାଇଁ ନୋଟିସ ଜାରି କରିଥିଲେ। ଶ୍ରୀ ଗଣେଶ ବ୍ୟାଙ୍କ କର୍ତୃପକ୍ଷଙ୍କୁ ସହଯୋଗ ନକରି ଦୀର୍ଘ ଦିନ ଧରି ଘରୁ ଫେରାର ଥିବାର ଜଣାପଡ଼ିଛି। ଏନେଇ କିଛି ଦିନ ପୂର୍ବରୁ ହାଇକୋର୍ଟର ନିର୍ଦ୍ଦେଶ ମୂଳେ ତାଙ୍କ ବାସଭବନ ଆଗରେ ନୋଟିସକୁ ମଧ୍ୟ ତାଙ୍କ କାନ୍ଥରେ ଲଗାଯାଇଥିଲା। ଶୁକ୍ରବାର ବାଲିଆପାଳର ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା, ଥାନା ଏସଆଇ ଶୁଭସ୍ମିତା ପାଳ ଉପସ୍ଥିତିରେ ଘରର ତାଲା ପକାଇ ସିଲ କରିଛି ବ୍ୟାଙ୍କ। ଏହି ସମୟରେ ହାଇକୋର୍ଟ ଆଇନଜୀବୀ ଯଶସ୍ୱିନୀ ମହାପାତ୍ର, ଭଦ୍ରକ କାନାରା ବ୍ୟାଙ୍କର ଡିଭିଜନ ମ୍ୟାନେଜର ଦେବେନ୍ଦ୍ର ସିଂ, ରିକଭାରୀ ଅଫିସର ଜିତେନ୍ଦ୍ର ସାମଲ, ବାଲିଆପାଳ ଶାଖାର ବ୍ୟାଙ୍କ ମ୍ୟାନେଜର ଦିବ୍ୟାଜ୍ୟୋତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଘଟଣା ସମ୍ପର୍କରେ ବାଲିଆପାଳ ଶାଗ ମ୍ୟାନେଜର ସାନନ୍ଦା ମଣ୍ଡଳଙ୍କୁ ପଚାରିବାରୁ ଶ୍ରୀ ମହାନ୍ତି ଋଣ ପରିଶୋଧ କରିଦେଲେ ତାଙ୍କ ବନ୍ଧକ ଥିବା ଜାଗା ଓ ଘର ଫେରସ୍ତ କରିଦିଆଯିବ ବୋଲି କହିଛନ୍ତି।

## ଶିଶୁ ଶ୍ରମ ବିରୋଧରେ ସଚେତନତା କାର୍ଯ୍ୟକ୍ରମ




ଯାଜପୁର, ୧୨।୬(ସଂଚାର ବ୍ୟୁରୋ): ଜିଲ୍ଲାରୁ ଶିଶୁ ଶ୍ରମ ପ୍ରଥାକୁ ସମ୍ପୂର୍ଣ୍ଣ ବିଲୋପ କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଏକ ୧୫ ଦିନିଆ ସ୍ୱତନ୍ତ୍ର ସଚେତନତା ଓ ପ୍ରବର୍ତ୍ତନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଶିଶୁମାନଙ୍କ ଶୈଶବ ସୁରକ୍ଷା ପାଇଁ ସମସ୍ତଙ୍କୁ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଶିଶୁ ଶ୍ରମିକ ନିୟୋଜନର କୁପରିଣାମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବ। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏକ ବିଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର ସାହୁ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଦିବ୍ୟ ଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସମେତ ବହୁ ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ, ଶ୍ରମିକ ସଙ୍ଗଠନ ଓ ସାଧାରଣ ଜନତା ଯୋଗଦେଇଥିଲେ। ଏହି ଅଭିଯାନ ଅବଧିରେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ସକ୍ରିୟ ଭାବେ କାର୍ଯ୍ୟ କରିବ। ଶିଶୁ ଶ୍ରମିକ ନିୟୋଜିତ କରୁଥିବା ସଂସ୍ଥା ଓ ପ୍ରତିଷ୍ଠାନଗୁଡ଼ିକରେ ଚଢ଼ାଉ କରାଯିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରମ ବିଭାଗ ସ୍ପଷ୍ଟ କରିଛି।

## ନାମ ପରିବର୍ତ୍ତନ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମୋଟା ଗ୍ରାମର ବାସିନ୍ଦା ଶ୍ରୀମତୀ ମାଧବୀ ପ୍ରଧାନ (ବୟସ–୫୦ ବର୍ଷ), ସ୍ୱାମୀ ଶ୍ରୀ ପ୍ରଦୀପ ପ୍ରଧାନ, ନିଜ ନାମ ପରିବର୍ତ୍ତନ ସମ୍ପର୍କରେ ଏକ ସତ୍ୟପାଠ (ଆଫିଡେଭିଟ୍) ପ୍ରଦାନ କରିଛନ୍ତି। ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ, ବିବାହ ପୂର୍ବରୁ ତାଙ୍କ ନାମ ମାଧୁରୀ ରାଉତ ଥିଲା। ବିବାହ ପରେ ପାରିବାରିକ ଏବଂ ସାମାଜିକ କାରଣରୁ ସେ ନିଜ ନାମକୁ ପରିବର୍ତ୍ତନ କରି ମାଧବୀ ପ୍ରଧାନ ଭାବେ ଗ୍ରହଣ କରିଛନ୍ତି। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ତାଙ୍କର ସମସ୍ତ ସରକାରୀ ଓ ବେସରକାରୀ କାଗଜପତ୍ର, ପରିଚୟପତ୍ର, ବ୍ୟାଙ୍କ ଖାତା, ଭୋଟର ପରିଚୟପତ୍ର, ଆଧାର କାର୍ଡ, ପାନ୍ କାର୍ଡ ଏବଂ ଅନ୍ୟାନ୍ୟ ଦଲିଲରେ ମାଧବୀ ପ୍ରଧାନ ନାମ ହିଁ ବ୍ୟବହୃତ ହେବ। ସତ୍ୟପାଠ ମାଧ୍ୟମରେ ସେ ଘୋଷଣା କରିଛନ୍ତି ଯେ ମାଧୁରୀ ରାଉତ ଓ ମାଧବୀ ପ୍ରଧାନ ନାମ ଦୁଇଟି ଏକେ ବ୍ୟକ୍ତିଙ୍କର ନାମ ଅଟେ। ନାମ ପରିବର୍ତ୍ତନ ଯୋଗୁଁ ଭବିଷ୍ୟତରେ କୌଣସି ପ୍ରକାରର ଆଇନଗତ, ପ୍ରଶାସନିକ କିମ୍ବା ଦଲିଲଗତ ଅସୁବିଧା ସୃଷ୍ଟି ନହେବା ପାଇଁ ସେ ଏହି ସତ୍ୟପାଠ କରିଥିବା ଜଣାପଡ଼ିଛି। ଶ୍ରୀମତୀ ମାଧବୀ ପ୍ରଧାନ କହିଛନ୍ତି ଯେ, ବିବାହ ପରବର୍ତ୍ତୀ ସମୟରୁ ସେ ସମାଜରେ ଏବଂ ବିଭିନ୍ନ କାର୍ଯ୍ୟକଳାପରେ ମାଧବୀ ପ୍ରଧାନ ନାମରେ ପରିଚିତ ଅଟନ୍ତି। ତେଣୁ ଭବିଷ୍ୟତରେ ସମସ୍ତ ପ୍ରକାରର ରେକର୍ଡ, ଦଲିଲ ଏବଂ କାର୍ଯ୍ୟବିବରଣୀରେ ତାଙ୍କ ନାମ ମାଧବୀ ପ୍ରଧାନ ଭାବେ ହିଁ ଲିପିବଦ୍ଧ କରାଯିବ ବୋଲି ସେ ନିବେଦନ କରିଛନ୍ତି। ଏହି ସତ୍ୟପାଠ ମାଧ୍ୟମରେ ସେ ନିଶ୍ଚିତ କରିଛନ୍ତି ଯେ ମାଧୁରୀ ରାଉତ ଏବଂ ମାଧବୀ ପ୍ରଧାନ ନାମ ମଧ୍ୟରେ କୌଣସି ଭିନ୍ନତା ନାହିଁ ଏବଂ ଉଭୟ ନାମ ଜଣେ ହିଁ ବ୍ୟକ୍ତିଙ୍କୁ ସୂଚିତ କରେ।

## ସରକାରୀ ଜାଗା ଜବରଦଖଲ: ବୁଲିଲା ବୁଲ୍‌ଡୋଜର



ହିଞ୍ଜିଳିକାଟୁ,୧୨।୬(ସଂଚାର ବ୍ୟୁରୋ): ସରକାରୀ ଜାଗାରେ ଗଢ଼ିଉଠୁଥିଲା ବେଆଇନ କୋଠା। ବୁଲଡୋଜର ଲଗାଇ ଭାଙ୍ଗିଲା ପ୍ରଶାସନ। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ମୋହନ କଲୋନୀର ୫ମ ଲାଇନରେ ସରକାରୀ ଜାଗାରେ ଗଢ଼ିଉଠୁଥିବା ବେଆଇନ କୋଠାରେ ବୁଲିଲା ବୁଲଡୋଜର। ଉକ୍ତ ଘରଟି ହିଞ୍ଜିଳି ତହସିଲ ଭୁକ୍ତ ଜମି ମୌଜା ଖାତା ନଂ ୧୫୫୧ ପ୍ଲଟ୍ ନଂ ୩୩୩୩ ରହିଥିଲା। ଦୀର୍ଘ ଦିନ ଧରି ଜଣେ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ବେଆଇନ ଭାବେ ଘର କାମ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ପରେ ହିଞ୍ଜିଳି ତହସିଲ ପକ୍ଷରୁ ଆରମ୍ଭ ହୋଇଥିଲା ତଦନ୍ତ। ତଦନ୍ତ ବେଳେ ଉକ୍ତ ବ୍ୟକ୍ତି ସେଇ ଜାଗାର କୌଣସି ପ୍ରମାଣ ପତ୍ର ଦର୍ଶାଇନଥିଲେ ବେଳେ ଏହି ଜାଗା ସରକାରୀ ଜାଗା ବୋଲି ଜାଣିବାକୁ ମିଳିଥିଲା। ସେଇ ଉକ୍ତ ବ୍ୟକ୍ତିଙ୍କୁ ତହସିଲ ପକ୍ଷରୁ ଘର କାମ ସ୍ଥଗିତ କରାଯାଉ ନେଇ କୁହାଯାଇଥିବା ବେଳେ ସେ ବ୍ୟକ୍ତି କୌଣସି ଆଦେଶକୁ ଖାତିର ନକରି ନିର୍ମାଣ କାର୍ଯ୍ୟ ଚଳାଇ ଆସିଥିଲେ। ପରେ ହିଞ୍ଜିଳି ତହସିଲ ପକ୍ଷରୁ ସରକାରୀ ଜାଗାରେ ବେଆଇନ କୋଠା କରାଯାଉଥିବା ନେଇ ଅବୈଧ ନିର୍ମାଣକୁ ଭାଙ୍ଗିବାକୁ ନୋଟିସ ହୋଇଥିଲା।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସୁଦୃଢ଼ ପାଇଁ ମିଳିତ ମକ୍ ଡ୍ରିଲ୍



ପାରାଦ୍ୱୀପ,୧୨।୬(ସଂଚାର ବ୍ୟୁରୋ): ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ମୁକାବିଲା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପାରାଦୀପ ବନ୍ଦର ପ୍ରାଧିକରଣ, ମୁଣ୍ଡଳୀସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ର ୩ୟ ବାହିନୀ ସହଯୋଗରେ, ପାରାଦୀପ ବନ୍ଦରର ମୁଖ୍ୟ ଅଗ୍ନିଶମ କେନ୍ଦ୍ରଠାରେ ଏକ ବହୁ-ସଂସ୍ଥା ସମନ୍ୱୟ ମକ୍ ଡ୍ରିଲ୍ ଆୟୋଜନ କରିଛି। ଏହି ଅଭ୍ୟାସରେ ପାରାଦୀପ ଓ ଏହାର ଆଖପାଖରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ସଂସ୍ଥା, ଶିଳ୍ପ ସଂସ୍ଥା ଏବଂ ପାରସ୍ପରିକ ସହାୟତା ପ୍ରଦାନକାରୀ ସହଯୋଗୀମାନଙ୍କର ଜରୁରୀକାଳୀନ ମୁକାବିଲା ଦଳ ଏକତ୍ରିତ ହୋଇଥିଲେ। ବାତ୍ୟା, ଶିଳ୍ପ ଦୁର୍ଘଟଣା, ଅଗ୍ନିକାଣ୍ଡ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ପରିସ୍ଥିତିରେ ପ୍ରସ୍ତୁତି ସ୍ତରର ଯାଞ୍ଚ କରିବା, ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଏକ ଦ୍ରୁତ ତଥା ପ୍ରଭାବଶାଳୀ ମୁକାବିଲା ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମ ଏକ ଟେବୁଲ୍-ଟପ୍ ଅଭ୍ୟାସ ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ଏନଡିଆରଏଫ ର ଟିମ୍ କମାଣ୍ଡର ଶ୍ରୀ ରାମାକାନ୍ତ ଦାଶ ଜରୁରୀକାଳୀନ ପରିସ୍ଥିତିରେ ସମ୍ପତ୍ତିର ମାନଚିତ୍ରଣ, ସମନ୍ୱିତ ଯୋଜନା ଏବଂ ସମୟୋଚିତ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନ ଅଂଶଗ୍ରହଣକାରୀମାନଙ୍କୁ ମୁକାବିଲା ପ୍ରକ୍ରିୟାର ସମୀକ୍ଷା କରିବା ଏବଂ ଜଟିଳ ବିପର୍ଯ୍ୟୟ ପରିସ୍ଥିତିରେ ମୁକାବିଲା ପାଇଁ ରଣନୀତି ଉପରେ ଆଲୋଚନା କରିବାର ସୁଯୋଗ ଦେଇଥିଲା।

## ୧୪ରେ ରଜ ମଉଜ ଓ ବାଙ୍କ ବିହାରୀ ପରିବେଶ ସମ୍ମାନ

ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତା ପାଇଁ ଅଭିଯାନରତ ସଂଭାବନା ପକ୍ଷରୁ ଆସନ୍ତା ୧୪ ତାରିଖ ପହିଲି ରଜ ସନ୍ଧ୍ୟା ୫ଟାରେ ଜୟଦେବ ଭବନଠାରେ ରଜ ମଉଜ ଅନୁଷ୍ଠିତ ହେବ। ଓଡ଼ିଆଙ୍କ ଆଦିପର୍ବ ତଥା ପରିବେଶ ଓ ପ୍ରକୃତିର ଏହି ଉତ୍ସବ ଅବସରରେ ତୃତୀୟ ବାଙ୍କ ବିହାରୀ ପରିବେଶ ସମ୍ମାନ ପ୍ରଦାନ କରାଯିବ। ଚଳିତ ବର୍ଷ ବୃକ୍ଷ ମାନବ ବିଜୟ ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଜଣାଶୁଣା ସଙ୍ଗୀତ ଶିଳ୍ପୀ ହରପ୍ରିୟା ସ୍ୱାଇଁ, ସିଦ୍ଧାନ୍ତ ଶତପଥୀ ଓ ସୁନୀତା ନାୟକଙ୍କ ସମେତ ଅନ୍ୟ ଶିଳ୍ପୀମାନେ ରଜ, ପ୍ରକୃତି, ପରିବେଶ ଓ ପରମ୍ପରା ଆଧାରିତ ସଙ୍ଗୀତ ପରିବେଷଣ କରିବେ। ଏଥିସହ ଓଡ଼ିଆଣୀମାନେ ସମବେତ ସଙ୍ଗୀତ, ଦ୍ୱୈତ ସଙ୍ଗୀତ ଓ ଲୋକନୃତ୍ୟ ମଧ୍ୟ ପରିବେଷଣ କରିବେ। ଆହୁରି ରଜପାନ ଓ ପୋଡ଼ପିଠାର ପ୍ରଦର୍ଶନ ମଧ୍ୟ ହେବ। ଓଡ଼ିଆ ଓ ସଂସ୍କୃତିପ୍ରେମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏଥିରେ ସାମିଲ ହେବା ପାଇଁ ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା, ତ୍ରଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସମ୍ପାଦିକା ରେଖା ସାହୁ ଓ ଆଜୀବନ ସଭ୍ୟା ରାଜଶ୍ରୀ ଶତପଥୀ ନିବେଦନ କରିଛନ୍ତି।

## ଜୟଦେବ ବିହାର-ନନ୍ଦନକାନନ ଭିଡ଼ରୁ ମିଳିବ ମୁକ୍ତି

# ଖୋଲିଲା ଏକାମ୍ର କାନନରୁ ଗଣିତ ପ୍ରତିଷ୍ଠାନ ରାସ୍ତା




ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଭିଡ଼ରୁ ମିଳିବ ମୁକ୍ତି। ମାତ୍ର ୧୦ ମିନିଟରେ ସିଆରପି ଛକରୁ ବାହାରି ଇନ୍‌ଫୋସିଟିରେ ପହଞ୍ଚି ହେବ। କାରଣ ବହୁ ପ୍ରତୀକ୍ଷିତ ଏକାମ୍ର କାନନରୁ ଓଇଆରସି ଯାଏ ନୂଆ ରାସ୍ତା ଆଜି ଉଦ୍‌ଘାଟିତ ହୋଇଛି। ଗଣିତ ପ୍ରତିଷ୍ଠାନରୁ ଇନଫୋସିଟି ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତାକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି ରାସ୍ତାର ଉଦ୍‌ଘାଟନ କରାଯାଇଛି। ରାଜଧାନୀରେ ଟ୍ରାଫିକ ଭିଡ଼କୁ କମାଇବ ଏହି ରାସ୍ତା। ବିଶେଷକରି ଜୟଦେବ ବିହାରରୁ ପଟିଆ ପର୍ଯ୍ୟନ୍ତ ଯାଉଥିବା ଯାତ୍ରୀଙ୍କ ପାଇଁ ଏହା ହେବ ବିକଳ୍ପ ରାସ୍ତା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଏମସି କମିଶନର୍ ଚଞ୍ଚଳ ରାଣା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଉତ୍ତର ସୁଶାନ୍ତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଦୀର୍ଘ ଦିନ ଧରି ଏହି ରାସ୍ତା ନିର୍ମାଣ ହୋଇପାରୁ ନ ଥିଲା। ୯୦୦ ମିଟର ରାସ୍ତା ଜବରଦଖଲରେ ଥିବାରୁ ଏହାକୁ ଉଚ୍ଛେଦ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା ପୂର୍ତ୍ତ ବିଭାଗ। ଏହି ୯୦୦ ମିଟର ରାସ୍ତା ପାଇଁ ୧୦ କୋଟି ୭୭ ଲକ୍ଷ ଟଙ୍କା ବିନିଯୋଗ ହୋଇଛି। ଏଣିକି ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ପର୍ଯ୍ୟନ୍ତ ଆଉ ଭିଡ଼ରେ ରହିବାକୁ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏକାମ୍ର କାନନ ଛକରୁ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାଥ୍‌ମେଟିକ୍ସ ପର୍ଯ୍ୟନ୍ତ ୧୩ କିମିର ଏହି ରାସ୍ତାକୁ ବହୁ ଦିନରୁ ଅପେକ୍ଷା କରାଯାଇଥିଲା। ଆଜି ଏହା ସମ୍ପନ୍ନ ହୋଇଛି। ଆଗକୁ ଭୁବନେଶ୍ୱରର ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଆଉ ୩୬ଟି ନୂଆ ରାସ୍ତା ନିର୍ମାଣ ହେବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

● ଓଡ଼ିଶା ଛୁଇଁଲା ମୌସୁମୀ

## ରଜରେ ତୁହାକୁ ତୁହା ବର୍ଷା

ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ଓଡ଼ିଶା ଛୁଇଁଲା ମୌସୁମୀ। ରାଜ୍ୟରେ ପ୍ରବେଶ କଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ରଜ ପୂର୍ବରୁ ଓଡ଼ିଶାକୁ ମୌସୁମୀ ଆଗମନ ହୋଇଛି। ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରାଜ୍ୟରେ ଏବେ କାଳବୈଶାଖୀ ଜାରି ରହିଥିବା ବେଳେ ଦିନବେଳା ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି।



ମୌସୁମୀ ଆସିବା ପରେ ଲୋକେ ଏଥିରୁ ଟିକେ ଆଶ୍ୱସ୍ତି ପାଇବେ ବୋଲି ଆକଳନ କରାଯାଉଛି। ଶନିବାରଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି। ହେଲେ ୧୫ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ହେବା ନେଇ ସୂଚନା ଦିଆଯାଇଥିବା ବେଳେ ଶୁକ୍ରବାର ୧୧ ଜିଲ୍ଲାକୁ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ବିଜୁଳି ସହ ପ୍ରବଳ ବର୍ଷା ଓ ପବନ ହେବା ନେଇ କେନ୍ଦ୍ରାପଡ଼ା, କଟକ, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

## ସୁଦର୍ଶନ ରୁଷୀୟ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର୍ କପ୍ ବିଜେତା

### ପ୍ରଥମ ଭାରତୀୟ ହେବାର ଗୌରବ




ଭୁବନେଶ୍ୱର, ୧୨।୬: ପ୍ରସିଦ୍ଧ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଇତିହାସ ରଚିଛନ୍ତି। ସେ ରୁଷୀୟ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ-୨୦୨୬ରେ ବିଜେତା ହୋଇଛନ୍ତି। ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ ଭାବେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ବାଲୁକା କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ଗ୍ଲୋବାଲ ୱାର୍ମିଂକୁ ନେଇ ସୁଦର୍ଶନ ନିର୍ମାଣ କରିଥିବା ପ୍ରଭାବଶାଳୀ ବାଲୁକା କଳା ଜୁରି ମେମ୍ବରଙ୍କୁ ବେଶ୍ ପ୍ରଭାବିତ କରିଥିଲା। ରୁଷିଆର କଲିନିନଗ୍ରାଡ୍‌ରେ ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ମୋଟ ୧୨ଟି ଦେଶ ସାମିଲ ହୋଇଥିଲେ। ନିଜ ସଫଳତାକୁ ନେଇ ସୁଦର୍ଶନ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉଷ୍ମତା ବୃଦ୍ଧିର ବିଶ୍ୱ ସମସ୍ୟାକୁ ଉଜାଗର କରୁଥିବା ତାଙ୍କ କାର୍ଯ୍ୟ ପାଇଁ ରୁଷିଆର କାଲିନିନଗ୍ରାଡରେ ଦ୍ୱିତୀୟ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ରୁଷୀୟ ଗ୍ରାଣ୍ଡ ବାଲୁକା ମାଷ୍ଟର କପ୍ ୨୦୨୬ ପାଇଥିବାରୁ ସେ ଗୌରବାନ୍ୱିତ ମନେ କରୁଛନ୍ତି। ଏଥିସହ ସେ ଆୟୋଜକ, ଜୁରି ସଦସ୍ୟ ଏବଂ ତାଙ୍କ କଳା ଯାତ୍ରାକୁ ସମର୍ଥନ ଓ ଉତ୍ସାହିତ କରିଥିବା ପ୍ରତ୍ୟେକଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

## ବିଡିଓଙ୍କ ଗାଡ଼ିକୁ ଟେକାପଥର ମାଡ଼




ନୟାଗଡ଼, ୧୨।୬ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲା ଦଶପଲା ବ୍ଲକ ନଛିପୁରରେ ଦଶପଲ୍ଲା ବିଡିଓ ଶରତ ମଲ୍ଲିକଙ୍କ ଗାଡ଼ି ଉପରକୁ ଟେକାପଥରମାଡ଼ ହୋଇଛି। ବିଡିଓ ନିର୍ବାଚନ କାର୍ଯ୍ୟରେ ଯାଇ ନଛିପୁର ଦେଇ ତାଙ୍କ କାର୍ଯ୍ୟାଳୟକୁ ଫେରୁଥିବା ସମୟରେ ଏହି ଟେକାମାଡ଼ ହୋଇଥିବା ଜଣାପଡ଼ିଛି। ଦୁଇ ଜଣ ଯୁବକ ଏହି ଟେକାପଥର ମାଡ଼ କରିଥିଲେ। ତେବେ ଟେକା ଗାଡ଼ିର ଷ୍ଟିଅରିଂରେ ବାଜି ଥିବାରୁ ଅଳ୍ପକେ ବିଡିଓ ଓ ଡ୍ରାଇଭର ବର୍ତ୍ତିଯାଇଛନ୍ତି ଓ ସେମାନଙ୍କର କୌଣସି କ୍ଷତି ହୋଇନାହିଁ। ଏଭଳି ଘଟଣାକୁ ବିଡିଓ ମଧ୍ୟ ନିଜେ ସ୍ୱୀକାର କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି।

## ଏସ୍‌ପି କାର୍ଯ୍ୟାଳୟରେ ବାପ-ପୁଅଙ୍କ ଆତ୍ମାହୁତି ଉଦ୍ୟମ



ଢେଙ୍କାନାଳ, ୧୨।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ସଦର ଥାନା ଭାପୁର ଫାଣ୍ଡି ରାଣିପାଳ ଗ୍ରାମର ଆଇନ ଛାତ୍ର ସରୋଜ ରାଉତ ଓ ତାଙ୍କ ବାପା ପଦ୍ମନାଭ ରାଉତ ଆଜି ପୂର୍ବାହ୍ନରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ପୈତୃକ ସମ୍ପତ୍ତିକୁ ନେଇ ତାଙ୍କର ପରିବାର ମଧ୍ୟରେ ଜମିଜମା ବିବାଦ ଲାଗିରହିଥିଲା। ପରିବାରରର ଦୁଇ ଗୋଷ୍ଠୀଙ୍କ ପକ୍ଷରୁ ଭାପୁର ଫାଣ୍ଡିରେ ଏ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। କିନ୍ତୁ ପୁଲିସ ଏକତରଫା ବିଚାର କରି ସରୋଜ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ମାମଲା ରୁଜୁ କରିଥିଲା। ଫଳରେ ସରୋଜଙ୍କ କ୍ୟାରିଅର ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ପୁଲିସର ନିର୍ଯାତନା ସହି ନ ପାରି ଆଜି ସରୋଜ ଓ ତାଙ୍କ ବାପା ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ସେମାନଙ୍କର ବିଶେଷ କୌଣସି କ୍ଷତି ହେବା ପୂର୍ବରୁ କାର୍ଯ୍ୟାଳୟରେ ଥିବା ପୁଲିସ କର୍ମଚାରୀ ଉଭୟଙ୍କୁ କାବୁ କରିନେଇଥିଲେ। ପରେ ଉଭୟଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଛାତ ବାଟେ ପଶି ଲୁଟିନେଲେ ଗହଣା

ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି କଳାକନା ବୁଲାଇଲେ ଲୁଟେରା। ଏଥର କବାଟ ଭାଙ୍ଗିଲେନି କି ଝରକା ତାଡ଼ିଲେନି, ବରଂ ଛାତ ଉପର ଟେରାସ ଚଢ଼ି ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଘରେ ପଶି ସବୁ ଲୁଟିନେଇଛନ୍ତି ଲୁଟେରା। ବୃଦ୍ଧ ଦମ୍ପତିଙ୍କୁ ବାହାର ପଟୁ ତାଲା ପକାଇ ଆଲମିରା ଖୋଲି ଲୁଟିନେଇଛନ୍ତି ୧୫ ଲକ୍ଷ ଟଙ୍କାର ହୀରା ଓ ସୁନା ଗହଣା। ଖଣ୍ଡଗିରି କୋଲଥିଆ ଅଞ୍ଚଳରେ ଘଟିଛି ଏହି ଘଟଣା।



ଲୁଟ୍‌ର ଶିକାର ହୋଇଛନ୍ତି ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ନାୟକ। ହୀରା ହାର ଓ ମୁଦି, ୪ ହଳ ସୁନା ଚୁଡ଼ି, ୩ଟି ସୁନା ମୁଦି ସମେତ ୧୫ ଲକ୍ଷ ଟଙ୍କା ଲୁଟ ହୋଇଥିବା ଘର ମାଲିକ ଅକ୍ଷୟ କୁମାର ଅଭିଯୋଗ କରିଛନ୍ତି। ଖବର ପାଇ ଭରତପୁର ଥାନା ପୁଲିସ ଓ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଫିଙ୍ଗରପ୍ରିଣ୍ଟ ନମୁନା ସହ ପ୍ରମାଣ ସଂଗ୍ରହ କରିଥିବା ଜଣାପଡ଼ିଛି।

## ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ଆସନ୍ତା ସୋମବାର ଅର୍ଥାତ୍ ଜୁନ୍ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଉକ୍ତ ଦିନଟି ସରକାରୀ ଛୁଟି ଦିବସ ଥିବାରୁ ଏହିଦିନ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କରିବେ ନାହିଁ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ସୂଚନା ପ୍ରଦାନ କରାଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ସୂଚନା ଦିଆଯାଇଛି।

ବନ ବିଭାଗ ଓ ପୁଲିସର ମିଳିତ ଚଢ଼ାଉ

## ହାଇୱା, ଲୋଡର ଓ ବାଇକ୍ ଜବତ: ୨ ଗିରଫ

ଯୋଡ଼ା, ୧୨।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ବାମେବାରୀ ଥାନା ଅନ୍ତର୍ଗତ ପୀଡ଼ପୋଖରୀ ଅଞ୍ଚଳରେ ଲୁହାପଥର ଚୋରା ଚାଲାଣ ବିରୋଧରେ ବନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏହି ଅଭିଯାନରେ ୨ଟି ହାଇୱା ଟ୍ରକ, ଗୋଟିଏ ଲୋଡର ମେସିନ ଓ ଗୋଟିଏ ମୋଟର ସାଇକେଲ ଜବତ ହୋଇଥିବା ବେଳେ ୨ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ବାମେବାରୀ ଥାନାଧିକାରୀ ଝସକେତନ ଭୋଇଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ପୀଡ଼ପୋଖରୀ ଗ୍ରାମ ନିକଟରେ କେତେକ ଖଣି ମାଫିଆ ଏକ ଲୋଡର ସାହାଯ୍ୟରେ ଦୁଇଟି ହାଇୱା ଟ୍ରକରେ ଲୁହାପଥର ଲୋଡ୍ କରି ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ବାମେବାରୀ ପୁଲିସ ଓ କାଳିମାଟି ବନ ବିଭାଗର ଏକ ଟିମ୍ ମିଳିତ ଭାବେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦୁଇ ଜଣଙ୍କୁ କାବୁ କରାଯିବା ସହ ଘଟଣାସ୍ଥଳରୁ ଉପରୋକ୍ତ ସାମଗ୍ରୀ ଜବତ କରାଯାଇଥିଲା। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ କୋଇଡ଼ା ଅଞ୍ଚଳର ଗଣେଶ ଦେହୁରୀ ଓ ବଡ଼ବିଲ ଅଞ୍ଚଳର ଏମ୍‌ଡି. ଫରହାନ। ଜବତ ଗାଡ଼ିଗୁଡ଼ିକୁ ବାମେବାରୀ ଥାନାକୁ ଅଣାଯାଇଥିବା ବେଳେ ଅଭିଯୁକ୍ତ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉ ପରେ ଅଞ୍ଚଳରେ ଚୋରା ଖଣିଜ ଚାଲାଣ ବିରୋଧରେ ବନ ବିଭାଗ ଓ ପୁଲିସର କଡ଼ା ଆଭିମୁଖ୍ୟ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏହା ଚୋରା ଚାଲାଣକାରୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି।

ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀରେ ରାଜ୍ୟପାଳ

## ବୃତ୍ତିଗତ ଉତ୍କର୍ଷତା ସହ ସଚ୍ଚୋଟତା ବଜାୟ ରଖିବାକୁ ଆହ୍ୱାନ

ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ): ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରମାନେ ବୃତ୍ତିଗତ ଉତ୍କର୍ଷତା ସହ ସଚ୍ଚୋଟତା ବଜାୟ ରଖିବାକୁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରମାନଙ୍କ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ ଜ୍ଞାନ ଦକ୍ଷତା ପ୍ରଦାନ କରେ, ଚରିତ୍ର ବିଶ୍ୱସନୀୟତା ଓ ସ୍ଥାୟୀ ସଫଳତା ନିର୍ମାଣ କରେ। ସଚ୍ଚୋଟତା ବିନା ପ୍ରାପ୍ତ ସଫଳତା କ୍ଷଣସ୍ଥାୟୀ। ସଚ୍ଚୋଟତା ଓ ନୈତିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ସଫଳତା ସ୍ଥାୟୀ। ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ମୂଲ୍ୟବୋଧ ସହ ବୃତ୍ତିଗତ ଅଭିବୃଦ୍ଧିକୁ




ସନ୍ତୁଳିତ କରିବାକୁ ଏବଂ ଶୃଙ୍ଖଳା, ନମ୍ରତା, କରୁଣା ଏବଂ ସେବା ମନୋଭାବ ପୋଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ସମାବେଶକୁ ପ୍ରତିଭାବାନ ଯୁବବର୍ଗମାନଙ୍କର ଏକ ସମନ୍ୱୟ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରମାନେ ଭବିଷ୍ୟତରେ ଆର୍ଥିକ ନେତୃତ୍ୱ, ଉଦ୍ୟୋଗୀ, ନୀତି ପରାମର୍ଶଦାତା ଓ ରାଷ୍ଟ୍ର ନିର୍ମାତା ଭାବେ ଉଭା ହେବେ ଏବଂ ଏକ ବିକଶିତ ରାଷ୍ଟ୍ର ଦିଗରେ ଭାରତର ଯାତ୍ରାରେ ଯୋଗଦାନ ଦେବେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଆର୍ଥିକ ଶୃଙ୍ଖଳା ଏବଂ କର୍ପୋରେଟ୍ ଶାସନର ରକ୍ଷକ। ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ଓ ଅର୍ଥନୈତିକ ବିକାଶକୁ ସମର୍ଥନ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି ରାଜ୍ୟପାଳ କହିଛନ୍ତି।

କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଂ, ଡାଟା ଆନାଲିଟିକ୍ସ, ବ୍ଲକଚେନ୍ ଓ ଫିନଟେକ୍ ସମେତ ଦ୍ରୁତ ପ୍ରଯୁକ୍ତି ବିଦ୍ୟାର ପ୍ରଗତି ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ, ଭବିଷ୍ୟତର ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଆକାଉଣ୍ଟ ରକ୍ଷଣାବେକ୍ଷଣଠାରୁ ଆଗକୁ ବଢ଼ି ନିଷ୍ପତ୍ତି ଗ୍ରହଣରେ ବିଶ୍ୱସ୍ତ ପରାମର୍ଶଦାତା, ଆପଦ ପରିଚାଳକ, ସ୍ଥାୟୀ ବିଶେଷଜ୍ଞ ଏବଂ ରଣନୈତିକ ଅଂଶୀଦାର ଭାବରେ ଉଭା ହେବା ଉଚିତ।

## ମହୁମାଛି ଆକ୍ରମଣରେ ମହିଳା ମୃତ

### ୧୨ରୁ ଊର୍ଦ୍ଧ୍ୱ ଆହତ

ଭଦ୍ରକ, ୧୨।୬ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅନ୍ତର୍ଗତ ବାସୁଆପଦା ଗାଁରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ବାଘୁଆ ମହୁମାଛିଙ୍କ ଆକ୍ରମଣରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୨ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ବାସୁଆପଦା ଗ୍ରାମର ରଜନୀକାନ୍ତ ସାହୁଙ୍କ ୪୮ ବର୍ଷୀୟ ସ୍ତ୍ରୀ ବାସନ୍ତୀଲତା ସାହୁ ବୋଲି ଜଣାପଡ଼ିଛି। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ବାସନ୍ତୀ ଲତାଙ୍କ ଶାଶୂଙ୍କ ବାର୍ଷିକ ଶ୍ରାଦ୍ଧ କାର୍ଯ୍ୟ ଥିଲା। ଏଥିପାଇଁ ଘରକୁ ବହୁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ଆସିଥିଲେ। ଘର ବାହାରେ ସମସ୍ତଙ୍କ ପାଇଁ ରୋଷେଇବାସ ଚାଲିଥିବା ବେଳେ ହଠାତ୍ ମହୁମାଛିମାନେ ଆକ୍ରମଣ କରିଥିଲେ। ରୋଷେଇ କରୁଥିବା ରୋଷେୟାଙ୍କ ପାଇଁ ବାସନ୍ତୀଲତା ଚା’ ନେଇ ଯାଇଥିଲେ। ସେହି ସମୟରେ ଘର ସମ୍ମୁଖରେ ଥିବା ପାଣିଟାଙ୍କିରେ ବସା ବାନ୍ଧିଥିବା ଏକ ବିରାଟ ମହୁଫେଣାରୁ ବାଘୁଆ ମହୁମାଛିମାନେ ଲୋକଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପ୍ରାୟ ୧୨ ଜଣ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଆହତ ହୋଇଛନ୍ତି। ମାତ୍ର ବାସନ୍ତୀଲତାଙ୍କୁ ବହୁ ସଂଖ୍ୟାରେ ମହୁମାଛି ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାସନ୍ତୀଲତାଙ୍କର ମୃତ୍ୟୁ ହୋଇଛି।

## ବନ ବିଭାଗରେ ନିୟୋଜିତ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ବଣାଇଁ, ୧୨।୬ (ସଂଚାର ବ୍ୟୁରୋ): ରାଜାମୁଣ୍ଡା କୋଇଡ଼ା ୫୨୦ ନମ୍ବର ଜାତୀୟ ରାଜପଥର କେ. ବଲାଙ୍ଗ ଥାନା ନିକଟରେ ଗତକାଲି ରାତିରେ ହାଇୱା ପଛରେ ଏକ ବୋଲେରୋ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ଚାଳକ ଜଣଙ୍କ ବଣାଇଁ ଅଞ୍ଚଳର ବିଶାଳ ନାଏକ ( ରାଜା) ଓ ସେ ବଣାଇଁ ବନଖଣ୍ଡ କୋଇଡ଼ା ବନାଞ୍ଚଳରେ ଅସ୍ଥାୟୀ ସ୍କ୍ୱାଡ୍ କର୍ମଚାରୀ ବୋଲି ଜଣାପଡ଼ିଛି। କୋଇଡ଼ା ବନାଞ୍ଚଳରେ ସରକାରୀ କାର୍ଯ୍ୟ ନିମନ୍ତେ ନିୟୋଜିତ ଥିବା ଏକ ବୋଲେରୋ ନିଓ (ଓଡି ୧୪ଏଏଫ ୭୬୨୭) କୁ ନେଇ ରେଞ୍ଜର ସ୍କ୍ୱାଡ୍ କର୍ମଚାରୀ ବିଶାଳ ନାଏକ କୋଇଡ଼ା ରେଞ୍ଜ୍‌ରେ ଅସ୍ଥାୟୀ ଚାଳକ ଭାବେ କାର୍ଯ୍ୟ କରୁଥିବା ଯୁଗଳ କିଶୋର ବେହେରା ଓ ତାଙ୍କ ପତ୍ନୀଙ୍କୁ ଛାଡ଼ିବାକୁ ଦେବଗଡ଼ ଜିଲ୍ଲା ଗର୍ଣ୍ଣମ ଅଞ୍ଚଳକୁ ଯାଇଥିଲା। ଉଭୟଙ୍କୁ ସେଠାରେ ଛାଡ଼ି ବିଳମ୍ବିତ ରାତିରେ ଫେରୁଥିବା ସମୟରେ ୫୨୦ ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ଥାନା ନିକଟରେ




ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱାକୁ ପଛପଟୁ ପିଟି ହୋଇଥିଲା।

ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଅସ୍ଥାୟୀ ଚାଳକଙ୍କ ପରିବାରକୁ ସରକାରୀ ଗାଡ଼ିରେ ଛାଡ଼ିବା ପାଇଁ କାହାର ନିର୍ଦ୍ଦେଶ ଥିଲା ? ତେବେ ନିର୍ଦ୍ଦିଷ୍ଟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, କୋଇଡ଼ା ବନାଞ୍ଚଳ ଅଧିକାରୀ କୁଆଡ଼େ ବିଧାନସଭା ଉପବାଚସ୍ପତିଙ୍କ ନାଁରେ ଇନ୍ଦ୍ରଚନ୍ଦ୍ର ବି ମାନୁନାହାନ୍ତି। ବେଆଇନ ଖଣି ଖନନ, ମାଫିଆଙ୍କୁ ସମର୍ଥନ ଆଦି ଅଭିଯୋଗ ସମ୍ପୃକ୍ତ ବନାଞ୍ଚଳ ଅଧିକାରୀଙ୍କ ବିରୋଧରେ ଥିବା ବେଳେ ଏହା ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆଞ୍ଚଳିକ ବନ ସଂରକ୍ଷକଙ୍କ ସୁପାରିସ ସତ୍ତ୍ୱେ ତାଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଶୁଣିବାକୁ ମିଳୁଛି। ଗତକାଲିର ଏହି ଦୁର୍ଘଟଣା ଖବର ପାଇ କେ. ବଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଚାଳକ ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋ ଜବତ କରି ପୁଲିସ ଅଧିକ ତଦନ୍ତ ଚଳାଇଛି। ବନ ବିଭାଗରେ ନିୟୋଜିତ ଥିବା ଅଧିକାଂଶ ଗାଡ଼ି ବିଭାଗୀୟ କର୍ମଚାରୀମାନେ ନିଜସ୍ୱ କାମରେ ବ୍ୟବହାର କରୁଥିବା ନେଇ ବିଭିନ୍ନ ସମୟରେ ଉଠୁଥିବା ପ୍ରଶ୍ନର ଉତ୍ତର ଏହି ଦୁର୍ଘଟଣାରୁ ସ୍ପଷ୍ଟ ହୋଇଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବା ସକାଶେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନୟାଗଡ଼, ୧୨।୬ (ସଂଚାର ବ୍ୟୁରୋ): ନୟାଗଡ଼ ସଦର ଥାନା ରାଇପୁର ଗାଁର କାହ୍ନୁ ସେଠୀ ନାମକ ଜଣେ ଯୁବକଙ୍କ ମୃତଦେହ ତୋଟା ସାହି ପାଳୁଅ ବାରି କେନାଲରୁ ଆଜି ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ବିଦେଶୀ ମଦ ବୋତଲ, ବିଷ ମିଶା ସ୍ପ୍ରାଇଟ ବୋତଲ, ଚପଲ, ଜଳଖିଆ ପ୍ୟାକେଟ୍ ଆଦି ପୁଲିସ ଉଦ୍ଧାର କରି ତଦନ୍ତକୁ ତ୍ୱରାନ୍ୱିତ କରିଛି। ପରିପାର୍ଶ୍ୱିକ ସ୍ଥିତି ଓ ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ପରି ମନେ ହେଉଛି। ଘଟଣାସ୍ଥଳରେ ନୟାଗଡ଼ ଏସ୍‌ଡିପିଓ ସୃଷ୍ଟି ପ୍ରଧାନ, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରୁଥିବା ବେଳେ ସନ୍ଧାନୀ କୁକୁରକୁ ମଧ୍ୟ ତଦନ୍ତରେ ନିୟୋଜିତ କରାଯାଇଛି। ଅଧିକ ତଦନ୍ତ ପାଇଁ ପୁଲିସ କାହ୍ନୁଙ୍କ ଭଉଣୀ ଓ ଭିଣୋଇଙ୍କୁ ଅଟକ ମଧ୍ୟ ରଖିଛି। ମିଳିଥିବା ସୂଚନାନୁସାରେ, ଗତକାଲି କାହ୍ନୁ କାମକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଟଙ୍କା ଦେଣନେଣକୁ ନେଇ ଭଉଣୀ-ଭାଇ ଭିତରେ କଥା କଟାକଟି ହୋଇଥିବାର କୁହାଯାଉଛି। ଘରର ରୋଜଗାରିଆ ପୁଅ ଥିଲେ କାହ୍ନୁ। ଦିନ ମଜୁରିଆ କାମ କରି ସେ ଘର ଚଳାଉଥିଲେ। ଦୁଇ ବର୍ଷ ତଳେ କାହ୍ନୁଙ୍କ ବାପା ସୁଦୂର କେରଳରେ ମୃତ୍ୟୁବରଣ କରିଥିଲେ। ତେବେ ଘରର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ଘଟିଥିବାରୁ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଚାମେଲିଙ୍କ ପାଇଁ ରାଜ୍ୟ ହୁଲସ୍ଥୁଲ

# ପୃଥକ୍ ମାମଲା ରୁଜୁ, ଅସହଯୋଗ କରିବ ସରପଞ୍ଚ ସଙ୍ଘ

ମହାକାଳପଡ଼ା, ୧୨।୬ (ସଂଚାର ବ୍ୟୁରୋ): ସମଗ୍ର ରାଜ୍ୟକୁ ହୁଲସ୍ଥୁଲ କରୁଛି ମହାକାଳପଡ଼ାରେ ଗତକାଲି ଘଟିଥିବା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଫେସବୁକ ଲାଇଭ ଭିଡିଓ କରିବାକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା। ପରେ ପୁଲିସ ତାଙ୍କୁ ଓ ତାଙ୍କ ଭାଇକୁ ଥାନାକୁ ଉଠାଇ ନେଇଥିଲା। ଥାନାଧିକାରୀ ତାଙ୍କୁ ଖରାପ ବ୍ୟବହାର କରିଥିବା ବେଳେ ମହିଳା କର୍ମଚାରୀମାନେ ତାଙ୍କୁ ମାଡ଼ ମାରିଥିବା ଚାମେଲି ଅଭିଯୋଗ କରିଥିଲେ। ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସରକାରୀ କାର୍ଯ୍ୟାଳୟରେ ବିନାନୁମତିରେ ଭିଡିଓ ଉତ୍ତୋଳନ କରିବା, ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ନେଇ ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ଚାମେଲି ଏଏସଆଇ ତପସ୍ୱିନୀ ବିଶ୍ୱାଳଙ୍କୁ କାମୁଡ଼ିବା ନେଇ ମଧ୍ୟ ଅନ୍ୟଏକ ଅଭିଯୋଗ ହୋଇଥିଲା। ଦୁଇଟି ଅଭିଯୋଗ ଆଧାରରେ ମହାକାଳପଡ଼ା ଥାନାରେ ଚାମେଲିଙ୍କ ନାମରେ କେସ୍ ନମ୍ବର ୧୭୧ ଓ ୧୭୨ରେ ପୃଥକ୍ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଚାମେଲି ମେଡିକାଲ୍‌ରେ ଥାଇ ବାପା-ମା’ଙ୍କ ହାତରେ କେନ୍ଦ୍ରାପଡ଼ା ଏସପି ଓ ମହାକାଳପଡ଼ା ଥାନାଧିକାରୀଙ୍କ ପାଖକୁ ଲିଖିତ ଅଭିଯୋଗ ପଠାଇଛନ୍ତି। ସେ ବିଡିଓଙ୍କୁ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଅଭିଯୋଗ କରିବାକୁ ଯାଇଥିବା ସମୟରେ ବିଡିଓ ଓ ତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସେ ଫେସବୁକ ଲାଇଭ ଆରମ୍ଭ କରିବାରୁ ବିଧାୟକଙ୍କ କେତେକ ସମର୍ଥକ ତାଙ୍କୁ ଅଶାଳୀନ ବ୍ୟବହାର ଓ



ସରକାରଙ୍କୁ ଘେରିଲା ବିଜେଡି

ଗଣଦୁଷ୍କର୍ମ କରିବାକୁ ଧମକ ଦେଇଥିବା ଚାମେଲି ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ପୁଲିସ ଓ ପ୍ରଶାସନ ବଦନାମ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଏସପି ଥାନାର ସିସିଟିଭି ଫୁଟେଜ ଯାଞ୍ଚ କରି ଥାନାରେ ଚାମେଲିଙ୍କୁ ମାଡ଼ ମରାଯାଇନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଡିଓଙ୍କ କାର୍ଯ୍ୟାଳୟ ପରିସରର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ କରିବା ପରେ ପ୍ରମାଣ ଆଧାରରେ ସମସ୍ତ ଦୋଷୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସେହିପରି ଚାମେଲିଙ୍କୁ ଦୁର୍ବ୍ୟବହାର ଘଟଣାରେ ରାଜ୍ୟ ସରପଞ୍ଚ ସଙ୍ଘ ସରକାରଙ୍କୁ ଅସହଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଆଜି ଜିଲ୍ଲା ସରପଞ୍ଚ ସଙ୍ଘ ଓ ବିଜେପି ନେତା ଡଃ ସୌଭାଗ୍ୟ ପରିଡା ଏସ୍‌ପିଙ୍କୁ ଭେଟି ନିରପେକ୍ଷ ତଦନ୍ତ ଦାବି କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ବିଡିଓଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ଥାନାରେ ମାଡ଼ ମରାଯିବା ନେଇ ସମସ୍ତ ଘଟଣାକୁ ଉଲ୍ଲେଖ କରି ସେ ଏତଲାରେ ଉଲ୍ଲେଖ କରିଥିବା ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବିଡିଓ, ବିଧାୟକ ଓ ତାଙ୍କ ସମର୍ଥକଙ୍କ ସମସ୍ତ ପ୍ରମାଣ ତାଙ୍କ ଫୋନ୍‌ରେ ଅଛି, ଯାହା ପୁଲିସ ଜବତ କରିଛି ବୋଲି ସେ ଜଣାଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ରହିଛି ଓ ସୁଯୋଗ ଦେଲେ ମୁଖ୍ୟମନ୍ତ୍ରୀଙ୍କୁ ୭ ଦିନ ମଧ୍ୟରେ ଭେଟି ସମସ୍ତ ପ୍ରମାଣ ମୁଖ୍ୟମନ୍ତ୍ରୀଙ୍କୁ ଦେବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୧୩ ଜୁନ୍ ୨୦୨୬
BUSINESS

## ଡିଜେଲ ବିକ୍ରିରେ କଟକଣା

# ଗାଡ଼ି ପିଛା ସର୍ବାଧିକ ୨୦୦ ଲିଟର



ନୂଆଦିଲ୍ଲୀ,୧୨।୬: ମଧ୍ୟପ୍ରାଚ୍ୟଯୁଦ୍ଧ ପ୍ରଭାବରେ ତେଲ ଯୋଗାଣ ଗୁରୁତର ପ୍ରଭାବିତ ହୋଇଛି। ପରିସ୍ଥିତିକୁ ନଜରରେ ରଖି ତେଲ କମ୍ପାନିଗୁଡ଼ିକ ଡିଜେଲ ବିକ୍ରି ଉପରେ କଟକଣା ଲଗାଇଛନ୍ତି। ପେଟ୍ରୋଲ ପମ୍ପରେ ଗାଡ଼ି ପିଛା କିମ୍ବା ଗ୍ରାହକ ପିଛା ୨୦୦ ଲିଟରରୁ ଅଧିକ ଡିଜେଲ ବିକ୍ରି ହେବ ନାହିଁ। ଶିଳ୍ପ କାରଖାନାଗୁଡ଼ିକର ଗାଡ଼ି ଆସି ପେଟ୍ରୋଲ ପମ୍ପରୁ ଡିଜେଲ ପକାଉଥିବା ଜଣାପଡ଼ିବା ପରେ ଏଭଳି କଟକଣାଲଗାଯାଇଛି। ତେଲ ଅଭାବ ଭଳି ସ୍ଥିତି ଏଡ଼ାଇବା ପାଇଁ ଏହି କଠୋର ପଦକ୍ଷେପ ଗ୍ରହଣ କରାଯାଇଛି।ସରକାର ସ୍ପଷ୍ଟ କରିଛନ୍ତି ଯେ ପେଟ୍ରୋଲ ପମ୍ପରେ ବିକ୍ରି ହେଉଥିବା ପେଟ୍ରୋଲ ଓ ଡିଜେଲ କେବଳ ସାଧାରଣ ଜନତାଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ସେଠାରେ ତେଲ ନ ପକାଇବାକୁ ବାଣିଜ୍ୟିକ ଗ୍ରାହକମାନଙ୍କୁ କୁହାଯାଇଛି। ପେଟ୍ରୋଲ ପମ୍ପ ଓ ବଲ୍କ ୟୁଜରଙ୍କ (ଅଧିକ ପରିମାଣର ଡିଜେଲ କିଣୁଥିବା ଗ୍ରାହକ) ପାଇଁ ବିକ୍ରି ହେଉଥିବା ଡିଜେଲ ଦରରେ ବଡ଼ ଧରଣର ଅନ୍ତର ରହିଛି। ସାଧାରଣ ଡିଜେଲ ଠାରୁ ବଲ୍କ ଡିଜେଲର ଲିଟର ପିଛା ଦାମ୍ ୪୫ ଟଙ୍କା ପର୍ଯ୍ୟନ୍ତ ଅଧିକ ରହୁଛି। ସେଥିପାଇଁ ଶିଳ୍ପସଂସ୍ଥାର ଗାଡ଼ିଗୁଡ଼ିକ ସାଧାରଣ ପେଟ୍ରୋଲ ପମ୍ପକୁ ଆସି ତେଲ ପକାଉଥିବା ସନ୍ଦେହ କରାଯାଉଛି। ସେଭଳି ଘଟଣାକୁ ରୋକିବା ଲାଗି ଗାଡ଼ି ପିଛା ସର୍ବାଧିକ ୨୦୦ ଲିଟର ଡିଜେଲ ବିକ୍ରି କରିବାକୁ ପେଟ୍ରୋଲ ପମ୍ପମାନଙ୍କୁ ତୈଳ କମ୍ପାନିଗୁଡ଼ିକ କହିଛନ୍ତି। ଏହି କଟକଣା ପରେ ବିପୁଳ ପରିମାଣର ଡିଜେଲ କିଣି ତାହାକୁ ମହଜୁଦ ରଖିବା କିମ୍ବା କଳାବଜାର କରିବା ଭଳି ଘଟଣା ମଧ୍ୟ ଘଟିବ ନାହିଁ ବୋଲି ଆଶା କରାଯାଉଛି।

ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସାଧାରଣ ଗ୍ରାହକଙ୍କୁ ବିକ୍ରି କରାଯାଉଥିବା ଡିଜେଲ ଉପରେ ତେଲ କମ୍ପାନିଗୁଡ଼ିକ ଲିଟର ପିଛା ୩୬ ଟଙ୍କା ୫୦ ପଇସା ଓ ଶିଳ୍ପ ଗ୍ରାହକଙ୍କୁ ବିକୁଥିବା ଡିଜେଲରେ ଲିଟରକୁ ୯ ଟଙ୍କାର କ୍ଷତି ସହୁଛନ୍ତି। ଚଳିତ ବର୍ଷ ଫେବ୍ରୁଆରିରୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଅଶୋଧିତ ତେଲ ଦର ବ୍ୟାରେଲକୁ ୧୦୦ ଡଲାରରୁ ଉପରେ ରହିଛି। ନିଜ ଆବଶ୍ୟକତାର ୮୫ ପ୍ରତିଶତ ତେଲ ଆମଦାନି କରୁଥିବା ଭାରତ ପାଇଁ ଏହା ଏକ ଜଟିଳ ସ୍ଥିତି ସୃଷ୍ଟି କରିଛି। ଗୋଟିଏ ପଟେ ଦର ବଢ଼ିଛି ଓ ଅନ୍ୟପଟେ ହର୍ମୁଜ ପ୍ରଣାଳୀ ଦେଇ ତେଲ ଆସିପାରୁନାହିଁ। ସେଥିପାଇଁ ଦେଶରେ ତେଲ ଓ ଗ୍ୟାସ୍‌ର ଅଭାବ ଦେଖାଦେବା ଆଶଙ୍କା ରହିଛି। ଯେତିକି ତେଲ ଆସୁଛି ତାହା ଯେଭଳି ସୁବିଧାରେ ସାଧାରଣଙ୍କ ପାଖରେ ପହଞ୍ଚିବ ସେଥିପାଇଁ ବିକ୍ରି ଉପରେ କଟକଣା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଦରବୃଦ୍ଧିର ମାତ୍ରାକୁ କମ୍ କରିବା ପାଇଁ ସରକାର କିଛି ମାସ ପୂର୍ବେ ଉଭୟ ପେଟ୍ରୋଲ ଓ ଡିଜେଲରୁ ଉତ୍ପାଦ ଶୁଳ୍କ ୧୦ ଟଙ୍କା ହ୍ରାସ କରିଥିଲେ। ଏହାସତ୍ତ୍ୱେ ତେଲ କମ୍ପାନିଗୁଡ଼ିକର ଦୈନିକ କ୍ଷତି ୧୦୦୦ କୋଟି ଟଙ୍କାରୁ ଅଧିକ ହେବା ପରେ ବିଭିନ୍ନ ପର୍ଯ୍ୟାୟରେ ଉଭୟ ପେଟ୍ରୋଲ ଓ ଡିଜେଲ ଦରରେ ୮ ଟଙ୍କା ପର୍ଯ୍ୟନ୍ତର ବୃଦ୍ଧି କରାଯାଇଥିଲା।



# ରକେଟ୍ ବେଗରେ ବଢ଼ିଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ,୧୨।୬: ଦୁଇ ଦିନ କମିବା ପରେ ଆଜି (ଜୁନ୍ ୧୨) ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍‌ଅ ନୁଯାୟୀ, ଶୁକ୍ରବାର ଏକ କିଲୋଗ୍ରାମ ରୁପାର ମୂଲ୍ୟ ୯,୭୦୪ ବୃଦ୍ଧି ପାଇ ୨.୪୨ ଲକ୍ଷ ଟଙ୍କା ହୋଇଛି। ଏହା ପୂର୍ବରୁ ଗୁରୁବାର ରୁପା କେଜି ୨.୩୩ ଲକ୍ଷ ଟଙ୍କା ଥିଲା।

ସେହିପରି ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନା ମୂଲ୍ୟରେ ୨,୮୨୭ ଟଙ୍କା ବୃଦ୍ଧି ପାଇ ୧.୪୮ ଲକ୍ଷ ଟଙ୍କାରେ ପହଞ୍ଚିଛି। ପୂର୍ବରୁ, ଜୁନ୍ ୧୧ ତାରିଖରେ ଏହାର ମୂଲ୍ୟ ପ୍ରତି ୧୦ ଗ୍ରାମ ପାଇଁ ୧.୪୫ ଲକ୍ଷ ଥିଲା। ପ୍ରକୃତରେ ଆମେରିକା-ଇରାନ ମଧ୍ୟରେ ଯୁଦ୍ଧ ଟିକେ ବଢ଼ିବା ପରେ ସୁନା ଓ ରୁପା ଦର ହ୍ରାସ ପାଇଥିଲା। ଏବେ ଦୁଇ ଦେଶ ମଧ୍ୟରେ ସମ୍ଭାବ୍ୟ ଚୁକ୍ତି ନେଇ ଖବର ଆସିବା ପରେ ଏହି ଦୁଇ ମୂଲ୍ୟବାନ ଧାତୁର ଦାମ ପୁଣିଥରେ ବଢ଼ିଯାଇଛି।

ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ସମ୍ଭାବନା ଆସିବା ପରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ସହ ଡଲାର ମୂଲ୍ୟ କମିଛି। ମୁଦ୍ରାସ୍ଫୀତିର ଭୟ ବି କମିଛି। ତେଣୁ ନିବେଶକମାନେ ପୁଣିଥରେ ଡଲାରରୁ ସୁନା-ରୁପା ଆଡ଼କୁ ମୁହାଁଉଛନ୍ତି।

ଏହି ବର୍ଷ, ସୁନା ଏବଂ ରୁପାର ମୂଲ୍ୟ ନିରନ୍ତର ପରିବର୍ତ୍ତନଶୀଳ ରହିଛି। ୨୦୨୬ ମସିହାରେ ଏପର୍ଯ୍ୟନ୍ତ ସୁନା ୧୪,୪୧୦ ଟଙ୍କା ଏବଂ ରୁପା ୧୧,୮୭୫ ଟଙ୍କା ବୃଦ୍ଧି ପାଇଛି। ୩୧ ଡିସେମ୍ବର ୨୦୨୫ ରେ ୧୦ ଗ୍ରାମ ସୁନାର ମୂଲ୍ୟ ୧.୩୩ ଲକ୍ଷ ଥିଲା, ଯାହା ଏବେ ୧.୪୭ ଲକ୍ଷରେ ପହଞ୍ଚିଛି।

ସେହିପରି ଏହି ସମୟରେ ରୁପା ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ୩୧ ଡିସେମ୍ବର ୨୦୨୫ରେ ପ୍ରତି କିଲୋଗ୍ରାମ ୨.୩୦ ଲକ୍ଷ ଥିଲା, ଏବଂ ଏବେ ଏହା ବଢ଼ି ୨.୪୨ ଲକ୍ଷରେ ପହଞ୍ଚିଛି। ଏହି ସମୟରେ, ଜାନୁଆରୀ ୨୯ରେ ସୁନା ୧.୭୬ ଲକ୍ଷ ଏବଂ ରୁପା ୩.୮୬ ଲକ୍ଷ ସର୍ବକାଳୀନ ସର୍ବାଧିକ ମୂଲ୍ୟରେ ପହଞ୍ଚିଛି।

# ଅଗଷ୍ଟ ପର୍ଯ୍ୟନ୍ତ ତେଲ, ଗ୍ୟାସ୍‌ର ଅଭାବ ହେବନି

ନୂଆଦିଲ୍ଲୀ,୧୨।୬:ଇରାନ ଓ ଆମେରିକା ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନର ବିଭିନ୍ନ ଠିକଣାରେ ଆମେରିକା ଆକ୍ରମଣ କରିଛି ଓ ତାହାର ଜବାବ ଦେବାକୁ ମଧ୍ୟ ଇରାନ ପ୍ରସ୍ତୁତ ହୋଇଯାଇଛି। ଏହି ଖବର ପ୍ରଭାବରେ ଅଶୋଧିତ ତୈଳ ଦରରେ ବୃଦ୍ଧି ଘଟିଛି। ତେବେ ଏହି ଘଟଣା ଭାରତରେ ତେଲ କିମ୍ବା ଗ୍ୟାସ୍ ଅଭାବର କାରଣ ହେବ ନାହିଁ। କାରଣ ତୈଳ କମ୍ପାନିଗୁଡ଼ିକ ଆସନ୍ତା ଅଗଷ୍ଟ ମାସ ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ ହେବା ପରିମାଣର ତେଲ ଓ ଗ୍ୟାସ୍ ଦେଶକୁ ଆଣିବାରେ ସଫଳ ହୋଇଛନ୍ତି।

ବର୍ତ୍ତମାନ ଦେଶରେ ଯେତିକି ତେଲ ଅଛି ତାହା ଅଗଷ୍ଟ ପର୍ଯ୍ୟନ୍ତର ଆବଶ୍ୟକତାକୁ ଅନାୟାସରେ ପୂରଣ କରିପାରିବ। ସେହିପରି ଯେତିକି ଏଲ୍‌ପିଜି ରହିଛି ତାହା ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତର ଆବଶ୍ୟକତା ପୂରା କରିବ। ଭାରତୀୟ କମ୍ପାନିଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)ରୁ ନୂଆ ବରାଦ ହାସଲ କରିଛନ୍ତି। ଆବୁଧାବିର ଆଡ୍‌ନକ୍‌ଠାରୁ ଭାରତୀୟ କମ୍ପାନିଗୁଡ଼ିକ ତେଲ ଓ ଗ୍ୟାସ୍ କିଣୁଛନ୍ତି। ସମୁଦ୍ର ମଝିରେ ଗୋଟିଏ ଜାହାଜରୁ ଅନ୍ୟ ଜାହାଜକୁ ତେଲ ଓ ଗ୍ୟାସ୍ ସ୍ଥାନାନ୍ତର କରାଯାଉଛି। ଆବୁଧାବିର କମ୍ପାନି ଫୁଜୈରା ନିଜର ବିଭିନ୍ନ ସଂରକ୍ଷଣ କ୍ଷେତ୍ର ଓ ମାଲେସିଆରୁ ତୈଳ ଓ ଗ୍ୟାସ୍ ପ୍ରଦାନ କରୁଛି। ଅଧିକାଂଶ ଏଲ୍‌ପିଜି ସୋହାରରୁ ଆସୁଛି।

ସରକାରୀ ତୈଳ କମ୍ପାନି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଅଗଷ୍ଟ ମାସରେ ମିଳିବାକୁ ଥିବା ୪ ନିୟୁତ ବ୍ୟାରେଲ୍ ଅଶୋଧିତ ତେଲ ୟୁଏଇରୁ କିଣିଛି। ଗତ ସପ୍ତାହରେ କମ୍ପାନି ବ୍ରାଜିଲ ଓ ପଶ୍ଚିମ ଆଫ୍ରିକାରୁ ୨ ନିୟୁତ ବ୍ୟାରେଲ୍ ତେଲ କିଣିଥିଲା। ସେହି ତେଲଗୁଡ଼ିକୁ କମ୍ପାନି ଏହାର ରାଜସ୍ଥାନରେ ଥିବା ବିଶୋଧନାଗାରରେ ବିଶୋଧନ କରିବ। ଇଣ୍ଡିଆନ ଅଏଲ୍ ଓ ମାଙ୍ଗାଲୋର ରିଫାଇନାରି ଆଣ୍ଡ୍ ପେଟ୍ରୋକେମିକାଲ୍‌ସ ଲିମିଟେଡ୍ ମଧ୍ୟ ସ୍ପଟ୍ ଟେଣ୍ଡର୍ ଜରିଆରେ ତେଲ କିଣିଛନ୍ତି।



# ଜୁଲାଇରୁ ମହଙ୍ଗା ହେବ ଟାଟା କାର୍

ନୂଆଦିଲ୍ଲୀ,୧୨।୬: ଯଦି ଆପଣ ଟାଟା ମୋଟର୍ସର ନୂଆ କାର୍ କିଣିବାକୁ ଚାହୁଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ବେଶ୍ ଜରୁରୀ। କାରଣ ଟାଟା ମୋଟର୍ସ ଜୁଲାଇ ପହିଲାରୁ ଏହାର ପାସେଞ୍ଜର ଗାଡ଼ିର ଦାମ୍ ବଢ଼ାଇବାକୁ ଘୋଷଣା କରିଛି। ଏହାର ପ୍ରଭାବ କମ୍ପାନିର ପେଟ୍ରୋଲ, ଡିଜେଲ, ସିଏନଜି ଏବଂ ଇଲେକ୍ଟ୍ରିକ ସବୁ ଗାଡ଼ି ଉପରେ ଦେଖିବାକୁ ମିଳିବ। କମ୍ପାନିର ସୂଚନା ଅନୁସାରେ, ଭିନ୍ନ ଭିନ୍ନ ମଡେଲ ଏବଂ ଭାରିଆଣ୍ଟ ହିସାବରେ ଦାମରେ ପ୍ରାୟ ୧.୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଅବଶ୍ୟ ଏବେବି ସ୍ପଷ୍ଟ ହୋଇନାହିଁ ଯେ, କେଉଁ ମଡେଲରେ କେତେ ଦାମ୍ ବଢ଼ିବ ? ଏହାର ଅର୍ଥ ସବୁ କାର ଉପରେ ଭିନ୍ନ ଭିନ୍ନ ପ୍ରଭାବ ପଡ଼ିବ। ଏମିତିରେ ଯଦି ଟାଟା କାର୍ କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଜୁନ୍ ମାସ ଲାଭଦାୟକ ହୋଇପାରେ। କମ୍ପାନି ଅନୁସାରେ, କାର୍ ତିଆରି ପାଇଁ ଖର୍ଚ୍ଚ ଲଗାତାର ବଢ଼ୁଛି। ଏଥିରେ ଅନେକ ସାମଗ୍ରୀ ଯେପରିକି- କଞ୍ଚାମାଲର ଦାମ୍ ବଢ଼ିବା, କାର୍ ପାର୍ଟସ ମହଙ୍ଗା ହେବା, ଫ୍ୟାକ୍ଟ୍ରି ଏବଂ ପ୍ରଡକ୍ସନ ଖର୍ଚ୍ଚ ବଢ଼ିବା, ଦୁନିଆରେ ସପ୍ଲାଏରେ ବାଧା। ଏହି ସବୁ କାରଣରୁ କମ୍ପାନିଙ୍କ ଖର୍ଚ୍ଚ ବଢ଼ୁଛି। ଫଳରେ ଗାଡ଼ି ଦାମ୍ ବଢ଼ାଯାଉଥିବା କମ୍ପାନି କହିଛି।




# ୫ ମାସରେ ପ୍ରଥମ ଥର ୪% ପାଖାପାଖି ପହଞ୍ଚିଲା ମହଙ୍ଗା ସ୍ଥିତି

ନୂଆଦିଲ୍ଲୀ,୧୨।୬:ମେ ମାସରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି (Retail Inflation) ସାମାନ୍ୟ ବୃଦ୍ଧି ପାଇ ୩.୯୩ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ସାମଗ୍ରୀର ଦରଦାମ ବଢ଼ିବା ଯୋଗୁ ଏହି ସ୍ଥିତି ସୃଷ୍ଟି ହୋଇ ଥିବା ବେଳେ ପୂର୍ବ ମାସ ଅର୍ଥାତ୍ ଏପ୍ରିଲରେ ଏହା ୩.୪୮ ପ୍ରତିଶତ ଥିଲା। ଏନେଇ ଶୁକ୍ରବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (NSO) ତଥ୍ୟ ଜାରି କରିଛି। ତେବେ ବଡ଼ କଥା ହେଲା ୫ ମାସରେ ପ୍ରଥମ ଥର ଖୁଚୁରା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (RBI)ର ଧାର୍ଯ୍ୟ ସୀମା ୪% ଖୁବ୍ ନିକଟରେ ପହଞ୍ଚିଛି।

ସେହିଭଳି ଖାଦ୍ୟ ମୁଦ୍ରାସ୍ଫୀତିରେ ମଧ୍ୟ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (CPI) ଆଧାରିତ ଖାଦ୍ୟ ମୁଦ୍ରାସ୍ଫୀତି ମେ ମାସରେ ୪.୭୮ ପ୍ରତିଶତକୁ ବୃଦ୍ଧି ପାଇଛି। ଯାହା ଏପ୍ରିଲ ମାସରେ ଏହା ୪.୨ ପ୍ରତିଶତ ରହିଥିଲା। ଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପନିପରିବା, ଖାଇବା ତେଲ, ଶସ୍ୟ, ଡାଲି ଏବଂ କ୍ଷୀର ଜାତୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି, ଯାହା ମୁଦ୍ରାସ୍ଫୀତି ଉପରେ ଚାପ ପକାଇଛି। ତା' ସହ ମେ ମାସ ମଧ୍ୟଭାଗରୁ ପେଟ୍ରୋଲ, ଡିଜେଲ, ସିଏନଜି ଏବଂ କମର୍ସିଆଲ ଏଲପିଜି ଦର ବଢ଼ିବା ମଧ୍ୟ ମୁଦ୍ରାସ୍ଫୀତି ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ। ଡିବିଏସ୍ ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ରାଧିକା ରାଓଙ୍କ କହିବା ଅନୁଯାୟୀ, ମେ ମାସର ମୁଦ୍ରାସ୍ଫୀତି ହାର ବଜାର ଅନୁମାନଠାରୁ ସାମାନ୍ୟ କମ୍ ରହିଛି। ବର୍ତ୍ତମାନର ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ୨-୬ ପ୍ରତିଶତ ଲକ୍ଷ୍ୟର ମଧ୍ୟରେ ଅର୍ଥାତ ୪ ପ୍ରତିଶତ ପାଖାପାଖି ରହିଛି। ଯାହା ସନ୍ତୋଷଜନକ। ତେବେ ଆଗାମୀ ଦିନରେ ମୌସୁମୀ ବାୟୁର ଗତିପଥ ଏବଂ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଉପରେ ନଜର ରଖାଯିବ। କାରଣ ଆରବିଆଇ ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନକୁ ୪.୬%ରୁ ୫.୧%କୁ ବୃଦ୍ଧି କରିଛି।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୪୦ ଓ ୨୨ କ୍ୟାରେଟମୂଲ୍ୟ ୧,୩୩,୫୦୦ଟଙ୍କାରହିଛି।ଅନ୍ୟପଟେରୁପାମୂଲ୍ୟକିଲୋପିଛା ୨,୫୦,୦୦୦ଟଙ୍କାହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୬ ପଇସା ରହିଛି। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ଓଭରଲୋଡିଂ ବାଲି ଗାଡ଼ି ପାଇଁ ଉଜୁଡୁଛି ରାସ୍ତା, ଯାଉଛି ଜୀବନ

**ବିଞ୍ଝାରପୁର,୧୨।୬(ସଂଚାର ବ୍ୟୁରୋ):** ଲାଭ ଲୋଭର ମୋହରେ ନିୟମକୁ ନଦୀ ଗର୍ଭକୁ ଠେଲିଦେଇ ହେଉଛି ଓଭରଲୋଡିଂ ବାଲି ପରିବହନ। ହାଇୱା ଯୋଗେ ବେଆଇନ ଭାବେ ଓଭରଲୋଡିଂ ବାଲି ପରିବହନ ପାଇଁ ବିଞ୍ଝାରପୁର ଯାଜପୁର ମୁଖ୍ୟ ରାସ୍ତା ଜର୍ଜରିତ ହୋଇଗଲାଣି। ଯେଉଁ ରାସ୍ତା ଗମନାଗମନର ପ୍ରମୁଖ ମାଧ୍ୟମ ହେବା କଥା ତାହା ହେବେ ଯମପୁରକୁ ଯିବାର ମାଧ୍ୟମ ସାଜି ଥିବା ଅଭିଯୋଗ ଆସିଛି। ଅଭିଯୋଗ ମୁତାବକ ବିଞ୍ଝାରପୁର ତହସିଲ ଅଧିନସ୍ଥ ଖରସ୍ରୋତା ନଦୀ ଅବବାହିକାରେ ରହିଛି ୫ଟି ସରକାରୀ ବାଲି ସୈରଡ଼। ଆଉ ଏହି ସରକାରୀ ବାଲି ସୈରଡ଼ରୁ ହେଉଛି ବେଆଇନ ଭାବେ ଓଭରଲୋଡିଂ ବାଲି ପରିବହନ।ଖାଲି ସରକାରୀ ସ୍ୱୀକୃତି ପ୍ରାପ୍ତ ବାଲି ଘାଟ ନୁହେଁ ବିଞ୍ଝାରପୁର ଅଞ୍ଚଳରେ ଖରସ୍ରୋତା ନଦୀ କୂଳରୁ ଅନେକ ପ୍ରଭାବଶାଳୀ ଲୋକ ବିନା ଅନୁମତିରେ ଟ୍ରକ ଟ୍ରକ ବାଲି ମେସିନ୍ ସାହାଯ୍ୟରେ ଚାଲାଣ କରି ମୁନାଫା କମାଉଛନ୍ତି। ଓଭରଲୋଡିଂ ବାଲି ପରିବହନ ପାଇଁ ବିଞ୍ଝାରପୁର ଯାଜପୁର



ରାସ୍ତାର ଅବସ୍ଥା ନକହିବା ଭଲ। କେଉଁଠି ପିଚୁ ଉଠି ଗଲାଣି ତ ଆଉ କେଉଁଠି ରାସ୍ତା ଉପରେ ବିରାଟ ବିରାଟ ଗର୍ତ୍ତ ହୋଇ ଗଲାଣି।ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ବାଲି ବୋଝେଇ ଗାଡ଼ିଗୁଡ଼ିକ ଦିନରାତି ଏହି ରାସ୍ତାରେ ଯିବା ଆସିବା ଫଳରେ ଏଭଳି ହେଉଥିବା ଅଭିଯୋଗ ଆସିଛି। ସରକାରୀ ନିୟମ ଅନୁଯାୟୀ ୬ ଚକିଆ ଟ୍ରକରେ ୧୦ ରୁ ୧୨ ଟନ୍ ବାଲି ଏବଂ ୧୦ ଚକିଆ ହାଇୱାରେ ପାଖା ପାଖି ୧୮ ଟନ୍ ପର୍ଯ୍ୟନ୍ତ ବାଲି ପରିବହନ କରାଯାଇ ପାରିବ।କିନ୍ତୁ ଏହି ସରକାରୀ ନିୟମକୁ ଓଭରଲୋଡିଂରେ କରି ବେଆଇନ ଭାବେ ନିୟମ ବାହାରେ ନିଜ ମନ ମୁତାବକ ବାଲି ପରିବହନ କରୁଛନ୍ତି ବାଲି ବ୍ୟବସାୟୀ ମାନେ। ସ୍ଥାନୀୟ ପୋଲିସ ପ୍ରଶାସନ, ଖଣି ନିର୍ଦ୍ଦେଶକ ଆଉ ଆର.ଟି.ଓ ଏନେଇ ଅବଗତ ଥିଲେ ମଧ୍ୟ ଜାଣି ଅଜଣା ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ କେତେବେଳ କେମିତି ହାତ ଗଣତି ଫାଇନ କାଟି ଏହାକୁ ପ୍ରଶାସନ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ଆସିଛି। କେବଳ ରାସ୍ତା ନୁହେଁ, ଓଭରଲୋଡିଂ ଗାଡ଼ି ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ମଧ୍ୟ ସଙ୍କଟରେ ପଡ଼ିଛି। ଅନେକ ସମୟରେ ଚଳନ୍ତା ଗାଡ଼ିରୁ ବାଲି ଖସି ରାସ୍ତାରେ ପଡୁଥିବାରୁ ଦୁଇଚକିଆ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଧୂଳିର ପ୍ରକୋପ ଯୋଗୁଁ ଦୃଶ୍ୟମାନତା କମିଯାଉଥିବାରୁ ପଥଚାରୀ ଏବଂ ଯାନବାହନ ଚାଳକଙ୍କ ପାଇଁ ଯାତ୍ରା ଅଧିକ ବିପଦପୂର୍ଣ୍ଣ ହୋଇପଡ଼ିଛି।ବିଶେଷକରି ସ୍କୁଲ, କଲେଜ ଛାତ୍ରଛାତ୍ରୀ, କାର୍ଯ୍ୟାଳୟ ଯାତ୍ରୀ ଓ ଗ୍ରାମାଞ୍ଚଳର ଲୋକମାନେ ପ୍ରତିଦିନ ଭୟ ଓ ଆଶଙ୍କା ମଧ୍ୟରେ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ରାସ୍ତାରେ ଓଭରଲୋଡିଂ ଗାଡ଼ିର ବେପରୁଆ ଗତି ସେକୌଣସି ସମୟରେ ବଡ଼ଧରଣର ଅଘଟଣ ଘଟାଇପାରେ ବୋଲି ସ୍ଥାନୀୟ ବାସିନ୍ଦାମାନେ ଆଶଙ୍କା ପ୍ରକାଶ କରିଛନ୍ତି।ତେବେ ଏନେଇ ପୂର୍ତ୍ତ ବିଭାଗ ମଧ୍ୟ ଆଖି ବୁଜି ଦେଇଥିବା ଅଭିଯୋଗ ଆସିଛି। ବାଲି ମାଫିଆଙ୍କ ଏଭଳି ଦାଦାଗିରି ଆଗରେ ଆଣ୍ଠୁ ମାଡ଼ି ବସିଥିବା ପ୍ରଶାସନ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର ଧରିଛି।

## ଉପଜିଲ୍ଲାପାଳଙ୍କ ରେସିଡେଣ୍ଟ କଡ଼ରେ କିଏ କରୁଛି ଘର ନିର୍ମାଣ
# ଘଷିପୁରାରେ ପୁଣି ସରକାରୀ ଯାଗା ଜବରଦଖଲ



**ଆନନ୍ଦପୁର, ୧୨।୬(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳରେ ଏକ ସରକାରୀ ଜାଗାରେ ଘର ନିର୍ମାଣ ହେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଆନନ୍ଦପୁର ପୌରାଞ୍ଚଳର ୧୫ ନମ୍ବର ୱାର୍ଡରେ ଥିବା ଉପଜିଲ୍ଲାପାଳଙ୍କ ରେସିଡେଣ୍ଟ କଡ଼ ନିକଟସ୍ଥ ସରକାରୀ ଜମିରେ ଜବରଦଖଲ କରି ଘର ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଉକ୍ତ ସରକାରୀ ଜମିକୁ ସଫା କରାଯାଇ ବାଲି, ଇଟା ଓ ମେଣ୍ଟାଲ ଗଚ୍ଛିତ ରଖାଯାଇଛି। ଏପରିକି ଘର ନିର୍ମାଣ ପାଇଁ ପିଲାର ଗାତ ମଧ୍ୟ ଖୋଳାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣା ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ଅବଗତ ଅଛନ୍ତି କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ସରକାରୀ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ସତ୍ତ୍ୱେ ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କିଏ ସେହି ପ୍ରଭାବଶାଳୀ ବ୍ୟକ୍ତି, ଯିଏ ସରକାରୀ ଜମିକୁ କବ୍ଜା କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି, ତାହାକୁ ନେଇ ନାନା ପ୍ରଶ୍ନ ଉଠୁଛି। ଅନ୍ୟପଟେ ଏତେ ବଡ଼ ଘଟଣା ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କାହିଁକି ନୀରବ ରହିଛି, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଯାଇ ସରକାରୀ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏବେ ଦେଖିବାକୁ ବାକି ରହିଲା, ଏହି ଅଭିଯୋଗ ଉପରେ ପ୍ରଶାସନ କେବେ ଓ କିପରି ପଦକ୍ଷେପ ଗ୍ରହଣ କରୁଛି।

# ଡ୍ରାଇଭର ସଂଘ ପକ୍ଷରୁ ଜିଲ୍ଲାପାଳ ଓ ଏସପିଙ୍କୁ ସ୍ମାରକପତ୍ର



**ସୁନ୍ଦରଗଡ଼,୧୨।୬(ସଂଚାର ବ୍ୟୁରୋ):** ଓଡିଶା ଡ୍ରାଇଭର ସଂଘ ସୁନ୍ଦରଗଡ଼ ଶାଖା ଜୁନ ୧୧ ତାରିଖ ଗୁରୁବାର ଦିନ ୬ ଦଫା ଦାବୀ ନେଇ ଜିଲ୍ଲାପାଳ ଓ ଏସପି ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୯୦ ଦିନ ମଧ୍ୟରେ ଦାବୀଗୁଡିକ ପୂରଣ କରା ନ ଗଲେ ସଂଘ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଓଡିଶା ଡ୍ରାଇଭର ସଂଘ ନିର୍ଦ୍ଦେଶରେ ସୁନ୍ଦରଗଡ଼ ଡ୍ରାଇଭର ସଂଘର ସମ୍ପାଦକ ହରିଓମ କେଶରୀଙ୍କ ନେତୃତ୍ୱରେ ଜିଲ୍ଲାପାଳ, ଏସପି ଓ ଆରଟିଓ କାର୍ଯ୍ୟାଳୟକୁ ଯାଇ ୬ ଦଫା ଦାବୀ ପତ୍ର ପ୍ରଦାନ କରିଥିଲେ। ୬ ଦଫା ଦାବୀପତ୍ରରେ ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି, ବୃତ୍ତିଗତ ଡ୍ରାଇଭର ଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଗାଡି ପାର୍କିଂ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ପ୍ରତ୍ୟେକ ୧୦୦ କିଲୋମିଟର ଦୂରରେ ପାର୍କିଂ ସହିତ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ, ଖଣି ଖାଦାନରେ ଶତକଡା ୭୦ ଭାଗ ସ୍ଥାନୀୟ ଡ୍ରାଇଭରଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯିବା, ସେପ୍ଟେମ୍ବର ୧ ତାରିଖ ରୁ ଚାଲକ ଦିବସ ଭାବେ ଘୋଷଣା କରିବାକୁ ସାମିଲ କରାଯାଇଛି। ଦାବୀ ଗୁଡିକ ଉପରେ ବାରମ୍ବାର ଆଲୋଚନା କରିବା ସତ୍ତ୍ୱେ କାର୍ଯ୍ୟକାରୀ ହେଉ ନ ଥିବାରୁ ଡ୍ରାଇଭର ସଂଘ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି।

## ଯାଜପୁରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ
# ଏଣିକି ମୁଣ୍ଡପିଛା ୧୦ କିଲୋ ଚାଉଳ

**ଯାଜପୁର,୧୨।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହ କ୍ଷୁଧାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଯାଜପୁର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଥିବାବେଳେ, ଯାଜପୁରରେ ହିତାଧିକାରୀମାନେ ଆଭାସି ମାଧ୍ୟମରେ ଏହାର ସିଧା ପ୍ରସାରଣ ଦେଖିଥିଲେ।



କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର ଓ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଯୋଜନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ନୂତନ ଯୋଜନା ଅନୁଯାୟୀ, ପୂର୍ବରୁ ମିଳୁଥିବା ୫ କିଲୋ ଚାଉଳ ସହ ଏବେ ହିତାଧିକାରୀମାନେ ଅତିରିକ୍ତ ୫ କିଲୋ ଚାଉଳ ପାଇବେ। ଫଳରେ ପ୍ରତି ଯୋଗ୍ୟ ରାସନ କାର୍ଡଧାରୀଙ୍କୁ ମାସିକ ମୁଣ୍ଡପିଛା ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ମିଳିବ। ଏହା ଦ୍ୱାରା ଲକ୍ଷ ଲକ୍ଷ ଗରିବ ପରିବାରର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବ ବୋଲି କୁହାଯାଉଛି।

ସାଂସଦ ଡ. ବେହେରା କହିଥିଲେ ଯେ, ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ କ୍ଷେତ୍ରରେ ଏହି ଯୋଜନା ଏକ ଐତିହାସିକ ପଦକ୍ଷେପ। କେହି ଭୋକିଲା ନ ଶୋଇବେ ଏବଂ ପ୍ରତ୍ୟେକ ଗରିବ ପରିବାର ପର୍ଯ୍ୟାପ୍ତ ଖାଦ୍ୟ ପାଇବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜରମାନଙ୍କୁ ସ୍ମାର୍ଟଫୋନ ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କ ସେବାକୁ ଅଧିକ ଡିଜିଟାଲ ଓ ପ୍ରଭାବଶାଳୀ କରିବ।

# ୭୦୬ ହିତାଧିକାରୀଙ୍କୁ ଭତ୍ତା

**ମାହାଙ୍ଗା,୧୨।୬(ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ସ୍ଥିତ ପ୍ରତିଭା ଭବନ ପରିସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ନୂତନ ଭାବେ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୭୦୬ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବିଡିଓ ତିଲୋତମା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଓ ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ମଲିକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତୀ ଅବସରରେ ମୋହନ ସରକାରଙ୍କ ବିଭିନ୍ନ ଗରିବ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ୩୭ ଗୋଟି ପଞ୍ଚାୟତରେ ଥିବା ଦିବ୍ୟାଙ୍ଗ, ବିଧବା ଓ ବୃଦ୍ଧବୃଦ୍ଧା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଆଗାମୀ ଦିନରେ ଦଳ ଗତ ନିର୍ବିଶେଷରେ ଆବେଦନ କରିଥିବା ୨ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି କହିବା ସହ ମାହାଙ୍ଗା ନିର୍ବାଚନ ମଣ୍ଡଳିକୁ ବିକାଶ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ସଦା ସର୍ବଦା ମୋର ଉଦ୍ୟମ ରହିବ ବୋଲି ବିଧାୟକ ଶ୍ରୀ ପ୍ରଧାନ ମତ ବ୍ୟକ୍ତ କରିଥିଲେ। ଏପିଓ ରାମାନୁଜ ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ



କରିଥିବା ବେଳେ ସିପି ଅଶୋକ ପଢ଼ିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିପିଓ କେଶବ ବାରିକ୍, ଲଲାଟ ସେଠୀ, ଯତୀନ୍ଦ୍ର ନାଥ ସ୍ୱାଇଁ, ଅଭୟ ବେହେରା, ରୋଜାଲିନ ଦାସ, ମମତା ବେହେରା, ସଂଘମିତ୍ରା ନାୟକ, ପୁଷ୍ପଲତା ମାଝିଙ୍କ ସମେତ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜୟପୁର ବିଧାୟକଙ୍କ ଜନ ସମ୍ପର୍କ ଯାତ୍ରା
# ଗାଁର ସମସ୍ୟା ଶୁଣିଲେ, ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ



**ବୋରିଗୁମ୍ମା,୧୨।୬(ସଂଚାର ବ୍ୟୁରୋ):** ଓଡିଶାରେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଜନସେବା ପାଇଁ ସମର୍ପିତ ମନୋଭାବ ନେଇ ନିଜର କାର୍ଯ୍ୟ ଦକ୍ଷତା ଜାରି ରଖିଥିବା ଜୟପୁର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତି ଶୁକ୍ରବାର ନିର୍ବାଚନ ମଣ୍ଡଳୀର ବୋରିଗୁମ୍ମା ପଞ୍ଚାୟତ ପୁରୁଣା ବୋରିଗୁମ୍ମା, ନୂଆଗୁଡା, ଆମିଡ଼ିଗୁଡା ଗ୍ରାମରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ଗ୍ରାମାଞ୍ଚଳରେ ରହିଥିବା ସମସ୍ୟା, ଚାଷିଙ୍କ ସମସ୍ୟା, ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟସେବା ପ୍ରମୁଖ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଓ ଲୋକଙ୍କ ଅଭିଯୋଗ ପରେ ଘଟଣାସ୍ଥଳରୁ ବିଭାଗୀୟ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରି ଶୀଘ୍ର ସମାଧନ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଉଥିଲେ। ଲୋକ ସମସ୍ୟା ସମାଧାନ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦୈନନ୍ଦିନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଏହି ସମସ୍ୟାଗୁଡିକର ସମାଧାନ ପାଇଁ ପ୍ରଶାସନ ସ୍ତରରେ ଆବଶ୍ୟକ ପଦେକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୋରିଗୁମ୍ମା ବ୍ଲକ କାମତା ଗ୍ରାମସ୍ଥିତ ଧାନ ମଣ୍ଡିରେ ଗତ ୨୬ ତାରିଖ ଠାରୁ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇଛିଙ୍କୁ ମାତ୍ର କିଛି ଚାଷୀଙ୍କ ଧାନ କ୍ରୟ ହୋଇଥିବାବେଳେ ବଳକା ଚାଷୀଙ୍କ ଧାନ କ୍ରୟ କରାଯାଉନାହିଁଙ୍କୁ ତେଣୁ ତୁରନ୍ତ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇ ଧାନ କ୍ରୟ କରିବା ଦାବିନେଇ ଆଜି ମଧ୍ୟାହ୍ନରେ କାମତା ଅଞ୍ଚଳର ଚାଷୀମାନେ ବିଧାୟକ ଶ୍ରୀ ବାହିନୀପତିଙ୍କ ନିକଟରେ ମଣ୍ଡି ସମସ୍ୟା ନେଇ ଅବଗତ କରିଥିଲେ। ଚାଷୀଙ୍କ ଧାନ କ୍ରୟ ନେଇ ଅତିଶୀଘ୍ର ପଦେକ୍ଷେପ ଗ୍ରହଣ କରିବେବୋଲି ବିଧାୟକ ପ୍ରକାଶ କରିଥିଲେ।

# ଧାମନଗର ଛକ ଠାରୁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ



**ଧାମନଗର,୧୨।୬(ସଂଚାର ବ୍ୟୁରୋ):** ଧାମନଗର ଛକ ଠାରୁ ଧାମନଗରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ ଦଳ। ୧୬ ନଂ ଜାତୀୟ ରାଜପଥ ଠାରୁ ଧାମନଗର ବଜାର ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ମୁଖ୍ୟ ରାସ୍ତା ନବୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା କଂଗ୍ରେସ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛି। ଗୁରୁବାର ଏନେଇ ଧାମନଗର ବ୍ଲକ କଂଗ୍ରେସ ତରଫରୁ ଅପରାହ୍ନ ୫ ଘଟିକାରେ ବ୍ଲକ ଅନ୍ତର୍ଗତ ଭଗବାନପୁର ବଜାର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବାସୁଦେବ ତ୍ରିପାଠୀ, ଏନଏସି ସଭାପତି ପ୍ରମୋଦ ସ୍ୱାଇଁ, କଂଗ୍ରେସ ନେତା ରମଣୀ ରଞ୍ଜନ ଦାଶ, ପ୍ରଭାତ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବିନାରାୟଣ ଜେନା, ପୀତାମ୍ବର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ ନିର୍ମାଣ ଧୀନ ରାସ୍ତା କାର୍ଯ୍ୟ ଯନ୍ତ୍ରୀ ସଠିକ ଭାବେରେ ତଦାରଖ କରୁନାହାନ୍ତି। ବିନା ସୂଚନା ଫଳକରେ ଏସଟିମେଣ୍ଟ ଅନୁସାରେ ନକରିବା ତଥା ବାଲି ଫିଲିଙ୍ଗି ନକରିବା, ମେଷ୍ଟାଲିଙ୍ଗ ନକରିବା, ପିଚର ଓ ମୋଟେଇ କମ କରିବା, ଗଛ ମୂଳକୁ ନ ଉପାଡ଼ିବା, ରାସ୍ତାର ଓସାର କମ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରାଯାଇଛି।

# ଖରସ୍ରୋତା ନଦୀବନ୍ଧ ରାସ୍ତା ପାଇଁ ୧୮ କୋଟି ମଞ୍ଜୁର



**କୋରେଇ,୧୨।୬(ସଂଚାର ବ୍ୟୁରୋ):** ଦୀର୍ଘ ଦିନର ଦାବୀ ହୋଇ ଆସୁଥିବା ଓ ଅସୁବିଧାର ସମ୍ମୁଖିନ ହୋଇ ନଦୀ ବନ୍ଧରେ ଯାତାୟତ କରୁଥିବା ରସୁଲପୁର, ଯାଜପୁର, ବରୀ ବ୍ଲକ୍‌ର ୧୫ ରୁ ଉର୍ଦ୍ଧ ପଞ୍ଚାୟତ ଜନସାଧାରଣଙ୍କ ସୁବିଧା ପାଇଁ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ'ଙ୍କ ପ୍ରଚେଷ୍ଟା ଫଳରେ ରସୁଲପୁର ବ୍ଲକ୍‌ର କେଉଟ ଲଗୁଆଁ ଠାରୁ ଖରସ୍ରୋତା ନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱରେ ବିଲିପଡା, ବାହାଦଲାପୁର, ଘୋଳପୁର, କଚେରୀ ଗାଁ, ରାଜଘାଟ, କବୀରପୁର ଠାରୁ କଳାମାଟିଆ ପର୍ଯ୍ୟନ୍ତ ନଦୀବନ୍ଧର ରାସ୍ତାର ସମ୍ପ୍ରସାରଣ, ଓ୍ୱାଲ, ଡ୍ରେନ୍ ନିର୍ମାଣ, ରାସ୍ତା ମଜୁଭୁତ୍ ପାଇଁ ଅର୍.ଆଣ୍ଡ.ବି ପାଣିକୋଇଲି ବିଭାଗ ମାଧ୍ୟମରେ କାର୍ଯ୍ୟ କରାଯିବାକୁ ୧୮ କୋଟି ୪୫ ଲକ୍ଷ ୧୩ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତାଟିରେ ପ୍ରାୟ ଦୈନିକ ୩୦ ହଜାରରୁ ଉର୍ଦ୍ଧ ବ୍ୟକ୍ତି ଚଳାଚଳ କରିଥାନ୍ତି। କୃଷି କାର୍ଯ୍ୟ ଏବଂ କୃଷି ଉତ୍ପାଦିତ ଦ୍ରବ୍ୟର ବିକ୍ରିପାଇଁ ରାସ୍ତାଟିର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। ଦୀର୍ଘ ୩ ବର୍ଷ ଧରୀ ଏହି ରାସ୍ତାର ଅବସ୍ତା ଶୋଚନୀୟ ଅବସ୍ତାରେ ପଡ଼ିରହିଥିଲା। ପାଣିକୋଇଲି ଅର୍.ଆଣ୍ଡ.ବି ପକ୍ଷରୁ ଖୁବ୍ ଶିଘ୍ର ରାସ୍ତାର ଟେଣ୍ଡର ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଏହି ରାସ୍ତା ପ୍ରକଳ୍ପ ପାଇଁ ରସୁଲପୁର ବିଜେପି, ଯାଜପୁର ବିଜେପି ପକ୍ଷରୁ କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ଆକାଶ ଦାସନାୟକ'ଙ୍କୁ ଧନ୍ୟବାଦ୍ ପ୍ରଦାନ କରାଯିବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଜନସାଧାରଣଙ୍କ ମହଲରେ ଖୁସୀର ଲହରୀ ପ୍ରକାଶ ପାଇଛି।

# ମିର୍ଗାନ ସାହିରେ ମଦ ଦୋକାନ ସ୍ଥାପନକୁ ବିରୋଧ



**କୋରାପୁଟ,୧୨।୬(ସଂଚାର ବ୍ୟୁରୋ):** କୋଟପାଡ଼ ଏନଏସିର ୯ ନମ୍ବର ୱାର୍ଡ ଅନ୍ତର୍ଗତ ମିର୍ଗାନ ସାହିରେ ପ୍ରସ୍ତାବିତ ନୂତନ ମଦ ଦୋକାନ ସ୍ଥାପନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ମଦ ଦୋକାନକୁ ସମ୍ପୂର୍ଣ୍ଣ ବାତିଲ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ପଦ୍ମଶ୍ରୀ ଗୋବର୍ଦ୍ଧନ ପନିକାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଗ୍ରାମବାସୀ କୋରାପୁଟ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଯେଉଁ ସ୍ଥାନରେ ମଦ ଦୋକାନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି, ସେଠାରୁ ପ୍ରାୟ ୧୦ ମିଟର ଦୂରରେ ଏକ ପୁରାତନ ପାନୀୟ ଜଳ କୂଅ ରହିଛି। ଏହି କୂଅ ଉପରେ ୬୦ରୁ ଅଧିକ ପରିବାର ନିର୍ଭରଶୀଳ ଥିବାବେଳେ ପ୍ରତିଦିନ ମହିଳାମାନେ ପାଣି ସଂଗ୍ରହ ପାଇଁ ସେଠାକୁ ଆସନ୍ତି। ଏପରି ସ୍ଥାନରେ ମଦ ଦୋକାନ ଖୋଲିଲେ ମହିଳାଙ୍କ ସୁରକ୍ଷା, ସାମାଜିକ ପରିବେଶ ଏବଂ ସ୍ଥାନୀୟ ଶାନ୍ତି-ଶୃଙ୍ଖଳା ଉପରେ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।ପ୍ରସ୍ତାବିତ ସ୍ଥାନ ନିକଟରେ ପଦ୍ମଶ୍ରୀ ଗୋବର୍ଦ୍ଧନ ପନୀକାଙ୍କ ବାସଭବନ ସହ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବୁଣାକାର ପରିବାରମାନେ ବସବାସ କରୁଛନ୍ତି। ବିଶ୍ୱପ୍ରସିଦ୍ଧ କୋଟପାଡ଼ ଶାଢ଼ୀ ପାଇଁ ରାଜ୍ୟ ଓ ରାଜ୍ୟ ବାହାରରୁ ବହୁ ପର୍ଯ୍ୟଟକ ଏବଂ ବିଶିଷ୍ଟ ବ୍ୟକ୍ତି ଏହି ଅଞ୍ଚଳକୁ ଆସୁଥିବାରୁ ଏଠାରେ ମଦ ଦୋକାନ ସ୍ଥାପନ ଅଞ୍ଚଳର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବ ବୋଲି ସାହିବାସୀ ଅଭିଯୋଗ କରିଛନ୍ତି।

# ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସରେ ସଚେତନତା ଅଭିଯାନ



**ବାରିପଦା,୧୨।୬(ସଂଚାର ବ୍ୟୁରୋ):** ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଏକ ୧୫ ଦିନିଆ ସଚେତନତା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'କୁ ଏବଂ ସଚେତନତା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସକାଳ ୮.୩୦ ଘଟିକାରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶୋଭାଯାତ୍ରା ବାରିପଦା ପୌରାଞ୍ଚଳର ପ୍ରମୁଖ ବଜାର ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଛଉ ପଡ଼ିଆଠାରେ ଶେଷ ହୋଇଥିଲା। ଶୋଭାଯାତ୍ରା ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତା ବିଶ୍ୱାଳ, ବାରିପଦା ସହକାରୀ ଶ୍ରମ ଅଧିକାରୀ ପାନମଣୀ ସୋରେନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଶ୍ରମିକ ସଂଗଠନର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ପୁଲିସ କର୍ମଚାରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯାନ ଅବଧି ମଧ୍ୟରେ ସଚେତନତା ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଶିଶୁ ଶ୍ରମର କୁପ୍ରଭାବ, ଶିକ୍ଷାର ଆବଶ୍ୟକତା ଏବଂ ପ୍ରତ୍ୟେକ ଶିଶୁ ପାଇଁ ସୁରକ୍ଷିତ ଓ ସମ୍ମାନଜନକ ଶୈଶବ ସୁନିଶ୍ଚିତ କରିବା ନିମନ୍ତେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ।

# ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ କାର୍ଯ୍ୟକ୍ରମ

**ଯାଜପୁର ରୋଡ଼, ୧୨।୬(ସଂଚାର ବ୍ୟୁରୋ):** ବିକଳ୍ପ, ତୁଳସୀଦେବୀ ଫାଉଣ୍ଡେସନ ଓ କୋରେଇ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ 'ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ' କାର୍ଯ୍ୟକ୍ରମ ବ୍ୟାସନଗର ପୌର ସହର ସ୍ଥିତ ହୋଟେଲ ରୟାଲ କଳିଙ୍ଗ ସଭା ଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ତଥା ଓଡ଼ିଶା ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟ ବିଚାରପତି ଡ଼ଃ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଡ଼ଃ ସବିତା ଅର୍ଚ୍ଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଏଚ.ଆର.ଏଫ ଇଣ୍ଡିଆର ଚେୟାରପର୍ଶନ ଶ୍ରୀ ମନୋଜ ଜେନା ପ୍ରମୁଖ ଉପସ୍ଥିତ ରହି ସମାଜରେ ଶିକ୍ଷାକୁ ଅଗ୍ରସର ପଥରେ ଆଗେଇ ନେବା ପାଇଁ ପ୍ରଥମ ଭୂମିକା ଗ୍ରହଣ କରୁଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ 'ଶିକ୍ଷାରତ୍ନ ସମ୍ମାନ'ରେ ସମ୍ମାନୀତ କରାଯିବା ସହ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସତମାର୍ଗରେ ପରିଚାଳିତ ହେବା ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସ, ସମ୍ପାଦକ ଆଲୋକ ଦାସ, ନୀଳାଦ୍ରି ରୋଟାରୀ କ୍ଲବର ସଭାପତି ରୋଟାରୀୟାନ ଅଭିଷେକ ମିତ୍ର, ଅଭିବାବକ ମହାସଂଘର ସଭାପତି ବାସୁଦେବ ଭଞ୍ଜ ପ୍ରମୁଖଙ୍କ ସମେତ ୭୦ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯିବା ସହ ଆଦର୍ଶ ସରପଞ୍ଚ ଭାବେ ଶ୍ରୀ ସତ୍ୟାନନ୍ଦ ମହାପାତ୍ର'ଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡକାୟତି ମାମଲାରେ ୩ ନାବାଳକ ସହ ୬ ଗିରଫ

**ସୁନ୍ଦରଗଡ଼,୧୨।୬(ସଂଚାର ବ୍ୟୁରୋ):** ଜୁନ ୧୧ ତାରିଖ ସୁନ୍ଦରଗଡ଼ ପୋଲିସକୁ ବଡ଼ ସଫଳତା ମିଳିଛି। ହେମଗିର ଅଞ୍ଚଳରେ ୪ ଦିନ ମଧ୍ୟରେ ତିନୋଟି ସ୍ଥାନରେ ଏହି ଅଭିଯୁକ୍ତ ମାନେ ଡ଼କାୟତି କରି ଫେରାର ମାରିଥିଲେ। ସେହି ଅଭିଯୁକ୍ତ ମାନଙ୍କୁ ସୁନ୍ଦରଗଡ଼ ଓ ଅନୁଗୋଳ ଅଞ୍ଚଳରୁ ବୁଧବାର ରାତ୍ରିରେ ହେମଗିର ପୋଲିସ ଗିରଫ କରିବା ସହ ଗୁରୁବାର ଅପରାହ୍ନ ୩ ଟାରେ କୋର୍ଟ ଚଲାଣ କରିଛି। ଅଭିଯୁକ୍ତ ମାନଙ୍କ ନାମରେ ତିନି ତିନୋଟି ମାମଲା ରୁଜୁ ହୋଇଥିଲା। ଜୁନ ୪ ହେମଗିର ଥାନା କେଶ ନମ୍ବର- ୨୬୩, ଜୁନ ୬ ହେମଗିର ଥାନା କେଶ ନମ୍ବର -୨୬୫ ଓ ଜୁନ ୭ ହେମଗିର ଥାନା କେଶ ନମ୍ବର -୨୬୬ ରେ ମାମଲା ରୁଜୁ କରି ହେମଗିର ପୋଲିସ ତଦନ୍ତ ଚଳାଇଥିଲେ। ଜୁନ ୭ ତାରିଖ ରାତି ୧୧:୩୦ ରେ ଏହି ଅଭିଯୁକ୍ତ ମାନେ ସ୍ଥାନୀୟ ଜଣେ ଠିକାଦାରଙ୍କୁ ମାଡ଼ ମାରି ଟଙ୍କା ସହ ତାଙ୍କ କାର ଲୁଟି ଫେରାର ମାରିଥିଲେ। ଘଟଣା ଏସପିଙ୍କ କାନକୁ ଆସିବା ପରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରି ସର୍ଚ୍ଚ ଅପରେସନ କରିଥିଲା ପୋଲିସ। ତେବେ ଅଭିଯୁକ୍ତ ମାନେ ଲୁଟି ଥିବା କାର ଓ ଠିକାଦାରଙ୍କ ମୋବାଇଲ କୁ ପୋଲିସ ଡରରେ ସଦର ଥାନା ଅନ୍ତର୍ଗତ ସମରଡିହି ଜଙ୍ଗଲ ରାସ୍ତାରେ ଛାଡି ଜଙ୍ଗଲ ମଧ୍ୟ ଦେଇ ଫେରାର ହୋଇଯାଇଥିଲେ।

# ପୁଅ ଥାଇ ବି ୮୫ବର୍ଷିଆ ବୃଦ୍ଧା ମା'ର ଝିଅ ହେଲା ଶେଷ ସାହାରା

**ନୀଳଗିରି,୧୨।୬(ସଂଚାର ବ୍ୟୁରୋ):** ଔପଦା ଅନ୍ତର୍ଗତ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଜୋକଗଡ଼ିଆ ଗ୍ରାମ ର ସ୍ୱର୍ଗତ ବାବୁ ସେଠି ଙ୍କର ଧର୍ମପତ୍ନୀ ନିନୀମଣି ସେଠି (୮୫ )ତାଙ୍କର ୬ଟି ସନ୍ତାନ ୪ପୁଅ, ଦୁଇ ଝିଅ କ୍ଷସ୍ୱାମୀ ମରିଗଲା ପରେ ନିନିମଣି ନିଜେ ଗାଁ ଗଣ୍ଡାରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ବୟସାଧିକ ଯୋଗୁଁ ରୋଗରେ ପୀଡିତ। ଯାହା ଦ୍ୱାରା ବର୍ତ୍ତମାନ ଅନ୍ୟ ଉପରେ ସାହାରା ସାଜିଛନ୍ତି। ତେଣୁ ସାହାରା ପାଇଁ ସାନ ପୁଅ ସୁଦର୍ଶନ ସେଠି ଙ୍କ ପାଖରେ ମୁଣ୍ଡ ଗୁଂଜିଥିଲେ। ସେହି ସୁଯୋଗ ରେ ବୋହୂ ଚଞ୍ଚଳା ସେଠି, ନାତୁଣୀ ବୋହୂ ମାମା ସେଠି, ନିର୍ଯ୍ୟାତନା ଦେଉଥିଲେ।ଯେଉଁ ପୁଅ କୁ ଦିନେ କୋଳେଇ କାଖେଇ ବଡ଼ କରିଥିଲେ। ସେହି ପୁଅମାନେ ପୁଣି ସାହାରା ଦେବା ବଦଳରେ ଦେଉଥିଲା ଶାରୀରିକ ମାନସିକ ନିର୍ଯ୍ୟାତନା, ଜୀବନ ପ୍ରତି ବିପଦ ରହିଥିବା ଯୋଗୁଁ ଝିଅ ଅର୍ଣ୍ଣପୂର୍ଣ୍ଣା ସେଠି ଙ୍କ ଘରେ ସାହାରା ନେଉଛନ୍ତି। ଏପରି କି ବୃଦ୍ଧା ନିନିମଣି ଙ୍କର ମୂଲ୍ୟବାନ ଜିନିଷ ପତ୍ର ଏବଂ ଭତା ବହି ଚୋରି ହେବା ସହ ଜୀବନ ପ୍ରତି ବିପଦ ରହିଥିବା ଯୋଗୁଁ ଥାନାରେ ଅଭିଯୋଗ କରିଛନ୍ତି।ଅମାନୁଷିକ ପୁଅ କୁ ଉପଯୁକ୍ତ ତଦନ୍ତ କରି ବୃଦ୍ଧା ମା କୁ ଉପଯୁକ୍ତ ସେବା କିଭଳି ଯୋଗାଇଦେବ ଥାନାଧିକାରୀ ବୁଝାଇ ପଠାଇଲେ ବୃଦ୍ଧା. ନିନି ମଣି ଆସୋସ୍ତି ଲାଭ କରନ୍ତା ବୋଲି ସାଧାରଣ ରେ ଆଲୋଚନା ହେଉଛି।



# ବିବାହ ପାଇଁ ତ୍ୱଚାକୁ କିପରି ଚମକାଇବେ



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି। ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି। ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି। ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ।

**ସବୁଦିନ ମୁହଁ ଧୁଅନ୍ତୁ:** ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ। ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ। ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ।

**ହାଲୁକା ସ୍କ୍ରବ କିମ୍ବା ଫେସ ପ୍ୟାକ୍ ଲଗାନ୍ତୁ:** ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ। ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ।

**ଥଣ୍ଡା ଟୋନର ଏବଂ ମସାଜ:** ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଥାପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ।

**ମଇଷ୍ଚରାଇଜିଂ କରନ୍ତୁ:** ଆପଣଙ୍କ ତ୍ୱଚାକୁ ମଇଷ୍ଚରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଷ୍ଚରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଷ୍ଚରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୂର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

**ପ୍ରଚୁର ପାଣି ପିଅନ୍ତୁ:** ବିବାହ ଦିନ ବା ଏହାର କିଛି ଦିନ ପୂର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ। ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କଲେ ଆପଣ ଆପଣଙ୍କ ବିବାହ ଦିନ ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖାଯାଇପାରିବେ। ଏହା କେବଳ ଆପଣଙ୍କୁ ଉଜ୍ଜ୍ୱଳ କରିବ ନାହିଁ, ଏହି ଛୋଟ ଛୋଟ ଟିପ୍ସର ଅନୁସରଣ ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢିଥାଏ।

# କାନରେ ପାଣି ପଶିଗଲେ...



ଗାଧୋଇବା କିମ୍ବା ପହଁରିବା ବେଳେ କେବେ କେବେ କାନରେ ପାଣି ପଶିଯିବା ଏକ ସାଧାରଣ କଥା। ଏହାଦ୍ୱାରା କାନ ଭାରି ଲାଗିବା, କୁଣ୍ଡେଇ ହେବା କିମ୍ବା ତାବଦା ଲାଗିବା ଭଳି ଲକ୍ଷଣ ଦେଖାଦିଏ ଏବଂ ପାଣି ବାହାରିଗଲେ ବା ପୋଛି ଦେଲେ କାନ ସାଧାରଣ ଅବସ୍ଥାକୁ ଚାଲିଆସେ। ହେଲେ କେବେ କେବେ ଏହାକୁ ଠିକ ଭାବରେ ସଫା ନକଲେ କିମ୍ବା ଅଣଦେଖା କଲେ କାନର ଇନଫେକସନ ହୋଇ ଜଟିଳ ସମସ୍ୟା ବି ସୃଷ୍ଟି ହୋଇପାରେ। ଜାଣି ରଖନ୍ତୁ କାନରେ ପାଣି ପଶିଗଲେ କ'ଣ କରିବେ..।

ଯେଉଁ କାନରେ ପାଣି ପଶିଛି, ସେହି ପାଖ ମୁଣ୍ଡକୁ ତଳକୁ କରି କାନ ଉପରେ ପାପୁଲି ରଖି କିଛି ସମୟ ଚାପି ଧରନ୍ତୁ ଏବଂ ଛାଡ଼ି ଦିଅନ୍ତୁ, ଦେଖିବେ ପାଣି ବାହାରି ଆସିବ। ଏପରି ନ ବାହାରିଲେ ମୁଣ୍ଡକୁ ପୂର୍ବ ଅବସ୍ଥାରେ ନୁଆଁଇ ରଖି କାନ ଫରିକୁ ଧୀରେ ଧୀରେ ହଲାନ୍ତୁ। ଏହାଦ୍ୱାରା କାନର ନଳୀ ସିଧା ହୋଇ ପାଣି ବାହାରି ଆସିବ। ଶୁଖିଲା କପଡ଼ାରେ ଧୀରେ ଧୀରେ କାନକୁ ପୋଛି ଆଣନ୍ତୁ। ଏପରି କଲେ ମଧ୍ୟ ପାଣି ଶୁଖିଯିବ ଏବଂ ଫଙ୍ଗାଲ ଇନଫେକ୍ସନ ହେବ ନାହିଁ। ମନେ ରଖନ୍ତୁ, ଏହା ଯେପରି କାନ ଭିତରକୁ ଆଦୌ ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପାଣି ଭିତରକୁ ଥିଲେ ଏପରି କଲେ ବି କୌଣସି ଉପକାର ମିଳି ନଥାଏ। ଏମିତିରେ ହେୟାର ଡ୍ରାୟର ମଧ୍ୟ କାମରେ ଆସିପାରେ। ଏଥିପାଇଁ ହେୟାର ଡ୍ରାୟରକୁ ଲୋ ହିଟ ମୋଡ଼ରେ ସେଟ କରି କାନ ଠାରୁ ଏକ ଫୁଟ ଦୂରରେ ରଖି ଅନ କରନ୍ତୁ। ହାଲୁକା ଗରମ ପବନ ବାଜିଲେ କାନରେ ପଶି ରହିଥିବା ପାଣି ବାହାରି ଆସିବ ଏବଂ କାନ ଭିତରେ ଓଦା ନରହି ଶୀଘ୍ର ଶୁଖି ମଧ୍ୟ ଯିବ। ହେଲେ ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ନିଜେ ହେୟାର ଡ୍ରାୟର ନ ଧରି ଅନ୍ୟର ସାହାଯ୍ୟ ନେବା ଭଲ। ଯଦି ଏହିସବୁ ଉପାୟ ପରେ ବି କାନରୁ ପାଣି ନବାହାରେ କିମ୍ବା କାନରେ ଯନ୍ତ୍ରଣା ଅନୁଭବ ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇୟର ଡ୍ରପ ପକାଇ ପାରିବେ କିମ୍ବା ଡାକ୍ତରଖାନାରେ ପାଣି ବାହାର କରିପାରିବେ। ମନେରଖନ୍ତୁ ଇୟର ବଡ଼ କିମ୍ବା କୌଣସି କାଠି ଯେପରି ଦିଆସିଲି କାଠିରେ ତୁଳା ଗୁଡ଼ାଇ କିମ୍ବା ଚାପି ଆଦିକୁ ପାଣି ବାହାର କରିବା ଲାଗି କାନରେ ଆଦୌ ପୁରାନ୍ତୁ ନାହିଁ। ଏହାଦ୍ୱାରା କାନକୁ କ୍ଷତି ପହଞ୍ଚିପାରେ।

# ମୋବାଇଲ୍ ବ୍ୟବହାର ବଢ଼ାଉଛି ହୃଦରୋଗ ଆଶଙ୍କା



ପିଲାମାନଙ୍କ ଠାରୁ ସେମାନଙ୍କ ଶୈଶବ ଛଡ଼ାଇ ନେଉଛି ଆଜିର ଡିଜିଟାଲ ଯୁଗ। ସତେ ଯେପରି ସେମାନଙ୍କ ଜୀବନ ବନ୍ଧା ପଡ଼ିଛି ସ୍ମାର୍ଟଫୋନ, ଅନଲାଇନ କ୍ଲାସ, ଗେମିଂ ଓ ଷ୍ଟ୍ରିମିଂରେ। ହୋମୱାର୍କ କରି ଟିକେ ଥକି ପଡ଼ିଲେ ସେମାନେ ଖୋଜୁଛନ୍ତି ମୋବାଇଲ, ପୁଣି ରାତିରେ ଶୋଇବା ଆଗରୁ ମୋବାଇଲ ନ କେଞ୍ଚିଲେ ପିଲାଙ୍କୁ ନିଦ ବି ଆସୁନାହିଁ। ସମବୟସ୍କଙ୍କ ସହ ଖେଳକୁଦ, ଜେଜେଜେଜୀଙ୍କ ପାଖରୁ କାହାଣୀ ଶୁଣିବା ବଦଳରେ ପିଲାଏ ଏବେ ମୋବାଇଲରେ ମନୋନିବେଶ କରିଛନ୍ତି। କିନ୍ତୁ ଶିଶୁଙ୍କ ଭିତରେ ବୃଦ୍ଧି ପାଉଥିବା ଏହି ଅଭ୍ୟାସ ହୃଦୟରୋଗର କାରଣ ପାଲଟୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଆମେରିକୀୟ ହାର୍ଟ ଆସୋସିଏସନ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ମୋବାଇଲ କେବଳ ପିଲାମାନଙ୍କୁ ମାନସିକ ସ୍ତରରେ ନୁହେଁ, ବରଂ ଶାରୀରିକ ଭାବେ ବି ଅସୁସ୍ଥ କରିପକାଉଛି। ମାତ୍ରାଧିକ ମୋବାଇଲ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ, ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ। ଏହି ଅଧ୍ୟୟନରେ ଗବେଷକମାନେ ଏକ ହଜାର ଯୋଡ଼ି ମହିଳା ଓ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ କରିଥିଲେ। ପିଲାଏ କେତେ ସମୟ ଧରି ମୋବାଇଲ ବ୍ୟବହାର କରୁଛନ୍ତି ସେ ତଥ୍ୟ ସଂଗ୍ରହ କରାଯାଇଥିଲା। ଅନ୍ୟପକ୍ଷରେ ଦୁଇ ସପ୍ତାହ ଧରି ସେମାନଙ୍କ ନିଦ୍ରା ଓ ଶାରୀରିକ କାର୍ଯ୍ୟକଳାପ ଆକ୍ସିଲେରୋମିଟର ଜରିଆରେ ନିରୀକ୍ଷଣ କରାଯାଇଥିଲା। ଏହା ବ୍ୟତୀତ ଅଣ୍ଟାର ପରିଧି ସିଷ୍ଟୋଲିକ୍ ବ୍ଲଡ଼ ପ୍ରେସର, ଏଚଡ଼ିଏଲ କୋଲେଷ୍ଟ୍ରଲ, ଟ୍ରାଇଗ୍ଲିସରାଇଡସ ଓ ରକ୍ତ ଶର୍କରା ଆଦି ପରିମାପ ଜରିଆରେ ହୃଦରୋଗଜନିତ ବିପଦ ଓ କାର୍ଡ଼ିଓମେଟାବୋଲିକ ରିସ୍କ କେତେ ରହୁଛି, ତାହା ନିର୍ଣ୍ଣୟ କରାଯାଇଥିଲା। ଏଥିରୁ ଜଣା ପଡ଼ିଥିଲା ଯେ ମୋବାଇଲର ବହୁଳ ବ୍ୟବହାର ଶିଶୁଙ୍କ ଭିତରେ ହୃଦରୋଗ ଆଶଙ୍କା ବଢ଼ାଉଛି। ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତ୍ୟେକ ଅତିରିକ୍ତ ଘଣ୍ଟା ମୋବାଇଲ ବ୍ୟବହାର ଶିଶୁଙ୍କ ମଧ୍ୟରେ ପ୍ରାୟ ୦.୦୮ ମାନକ ବିଚ୍ୟୁତି ଏବଂ କିଶୋର ମାନଙ୍କ ମଦ୍ୟରେ ୦.୧୩ କାର୍ଡ଼ିଓମେଟାବୋଲିକ ସମସ୍ୟା ସୃଷ୍ଟି କରୁଛି। ନିଦ୍ରାହୀନତା ଓ ନିଦ୍ରା ବିଶୃଙ୍ଖଳ ମଧ୍ୟ ହୃଦରୋଗ ଆଶଙ୍କା ବୃଦ୍ଧି କରୁଛି। ସ୍ୱଳ୍ପ କିମ୍ବା ବିଳମ୍ବିତ ଶୟନ ଅଭ୍ୟାସ ରଖିଥିବା ପିଲାଙ୍କ ମଧ୍ୟରେ ଏହି ବିପଦ ଅଧିକ। କୋଭିଡ଼ ମହାମାରୀ କାରଣରୁ ୨୦୨୦ ମସିହା ପରଠାରୁ ଭାରତରେ ଅନଲାଇନ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବାରୁ ଛୋଟ ପିଲାଙ୍କ ସ୍କ୍ରିନ ଟାଇମ ବୃଦ୍ଧି ପାଇଥିଲା। ବର୍ଦ୍ଧିତ ମୋବାଇଲ ନିର୍ଭରଶୀଳତା କାରଣରୁ ନିଦ୍ରାହୀନତା, ମେଦବହୁଳତା, ଇନସୁଲିନ ପ୍ରତିରୋଧ ଭଳି କାର୍ଡ଼ିଓମେଟାବୋଲିକ ସମସ୍ୟା ମଧ୍ୟ ଶିଶୁଙ୍କ ଠାରେ ବୃଦ୍ଧି ପାଉଛି ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।



# ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ହିତକର

ରୁଟି ଭାରତୀୟ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ରୀ ଭୋଜନ, ଭାରତୀୟ ଘରର ଲୋକମାନେ ପ୍ରାୟତଃ ରୁଟି ଖାଇବାକୁ ପସନ୍ଦ କରନ୍ତି। କିନ୍ତୁ ବେଳେବେଳେ ରାତିରେ କିଛି ରୁଟି ବଳିଯାଏ ଯାହାକୁ ବାସି ରୁଟି କୁହାଯାଏ। ଅଧିକାଂଶ ଲୋକ ବାସି ରୁଟି ଖାଇବାକୁ ପସନ୍ଦ କରନ୍ତି ନାହିଁ। ଏଭଳି ପରିସ୍ଥିତିରେ ଘରର ମହିଳାମାନେ ଏହି ବାସି ରୁଟିକୁ ପଶୁମାନଙ୍କୁ ଖାଇବା ପାଇଁ ଦେଇଦିଅନ୍ତି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ। ଏହାର ବ୍ୟବହାର ଅନେକ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରିଥାଏ। ଯଦି ଆପଣ ମଧ୍ୟ ବାସି ରୁଟି ଫିଙ୍ଗି ଦିଅନ୍ତି, ତେବେ ବର୍ତ୍ତମାନ ସାବଧାନ ରୁହନ୍ତୁ। କାରଣ ଆଜି ଆମେ ଆପଣଙ୍କୁ ବାସି ରୁଟି ଖାଇବାର ଏଭଳି ଲାଭ ବିଷୟରେ କହିବାକୁ ଯାଉଛୁ ଯାହା ବିଷୟରେ ଜାଣିଲେ ଆପଣ ରାତିରେ କିଛି ଅଧିକ ରୁଟି କରିବେ। ତେବେ ଆସନ୍ତୁ ଜାଣିବା ବାସି ରୁଟି ଖାଇବାର ଲାଭ...

**ବାସି ରୁଟି ଖାଇବାର ଉପକାରିତା:** ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ: ବାସି ରୁଟିରେ ଫାଇବରର ପରିମାଣ ଅଧିକ ରହିଥାଏ। ରାତିସାରା ରଖିବା ଦ୍ୱାରା ଏଥିରେ ପ୍ରତିରୋଧକ ଷ୍ଟାର୍ଚ ବିକଶିତ ହୁଏ, ଯାହା ପେଟର ଭଲ ବ୍ୟାକ୍ଟେରିଆ ଅର୍ଥାତ ପ୍ରିବାୟୋଟିକ୍ସକୁ ପୋଷଣ ଯୋଗାଇଥାଏ। ଏହା ହଜମ ପ୍ରକ୍ରିୟାକୁ ମଜବୁତ କରିବା ସହ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡ଼ିଟି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ।

**ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରେ:** ତାଜା ରୁଟି ତୁଳନାରେ ବାସି ରୁଟିର ଗ୍ଲାଇସେମିକ୍ ଇଣ୍ଡେକ୍ସ ହ୍ରାସ ପାଇଥାଏ। ପ୍ରତିରୋଧକ ଷ୍ଟାର୍ଚ କାରଣରୁ, ଏହା ରକ୍ତରେ ଗ୍ଲୁକୋଜ୍ ଧୀରେ ଧୀରେ ଛାଡ଼ିଥାଏ, ଯାହା ବ୍ଲଡ୍ ସୁଗାର ବୃଦ୍ଧି ହେବାର ସମ୍ଭାବନା ହ୍ରାସ କରେ। ଏହା ଡାଇବେଟିସ ରୋଗୀଙ୍କ ପାଇଁ ଖୁବ ଲାଭଦାୟକ ହୋଇଥାଏ।

**ଶରୀରକୁ ଥଣ୍ଡା ରଖେ:** ଆୟୁର୍ବେଦ ଅନୁସାରେ ସକାଳେ ଥଣ୍ଡା କ୍ଷୀର କିମ୍ବା ଦହି ସହିତ ବାସି ରୁଟି ଖାଇବା ଦ୍ୱାରା ଶରୀରର ଉତ୍ତାପ କମିଯାଏ ଏବଂ ଶରୀର ଥଣ୍ଡା ରହିଥାଏ। ଗ୍ରୀଷ୍ମ ଋତୁରେ ଏହା ବିଶେଷ ଭାବରେ ଲାଭଦାୟକ ବୋଲି ବିବେଚନା କରାଯାଏ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ପ୍ରତିରୋଧୀ ଷ୍ଟାର୍ଚ ଏବଂ ଫାଇବର କାରଣରୁ, ବାସି ରୁଟି ଖାଇବା ଦ୍ୱାରା ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରିପାରନ୍ତି, ଯାହା ଆପଣଙ୍କ ଓଜନ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

SANCHAR ସଂଚାର

### ମଣ୍ଡିକୁ ଗାଡ଼ି ପଠାଉନାହାନ୍ତି ମିଲର୍

# ଅବଧି ସରିଯାଉଥିଲେ ବି ଉଠୁନି ଧାନ



**କଳାହାଣ୍ଡି,୧୨।୬(ସଂଚାର ବ୍ୟୁରୋ)**: ଟୋକନ ଅଛି, ଧାନ ବି କଟା ସରି ମଣ୍ଡିକୁ ଆସିଛି, ହେଲେ ସପ୍ତାହ ସପ୍ତାହ ଧରି ମଣ୍ଡିରେ ପଡ଼ିରହିଲେ ବି ବିକ୍ରି କରିପାରୁନାହାନ୍ତି ଚାଷୀ। ମିଲର, ପ୍ରଶାସନ ଓ ସୋସାଇଟିର ମନମୁଖୀ କାର୍ଯ୍ୟାଳୟ ଯୋଗୁଁ ଆଜି ଖୋଲା ଆକାଶ ତଳେ, ଖରା-ତରାରେ ଅନିଦ୍ରା ହୋଇ ଧାନକୁ ଜଗିରହିଛି। ଅଭିଯୋଗ ହେଉଛି ଯେ, ମଣ୍ଡିକୁ ଗାଡ଼ି ପଠାଉନାହାନ୍ତି ମିଲର୍ ! ବଡ଼ବଡ଼ ମଣ୍ଡିକୁ ଦିନକୁ ଗୋଟିଏ କିମ୍ବା ୨ଟି ଗାଡ଼ି ମିଲ୍‌ରୁ ଆସୁଛି । ଛୋଟଛୋଟ ମଣ୍ଡିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ଟୋକନ୍ ଅବଧି ସରିଯାଉଥିଲେ ବି ଉଠୁନି ଧାନ । ଜୟପାଟଣା ଓ କଲମପୁର ଅଞ୍ଚଳର ଅଧିକାଂଶ ମଣ୍ଡିରେ ସ୍ଥାୟୀ ଛାଉଣି କିମ୍ବା ଚାଳିଆ ନାହିଁ । କେଉଁଠି ପ୍ଲାଷ୍ଟିକ ତାରପାଲିନ ଟିକିଏ ଅଛି ତ' କେଉଁଠି ସେତିକି ବି ନାହିଁ । ଏବେ ମୌସୁମୀ ଓଡ଼ିଶା ଛୁଇଁଲାଣି । ସେଥିରେ ପୁଣି କାଳବୈଶାଖୀ ବର୍ଷା । ଧାନ ଗଜା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହେବାର ଭୟ ଚାଷୀଙ୍କୁ ଘାରିଛି । ପ୍ରଶାସନର ଢିଲାପଣର ସୁଯୋଗ ନେଉଛନ୍ତି ସ୍ଥାନୀୟ ଦଲାଲ୍ ଓ ଅସାଧୁ ବ୍ୟବସାୟୀ । ଶାଗ ମାଛ ଦରରେ ଚାଷୀଙ୍କ ଠାରୁ କିଣି ନେଉଛନ୍ତି ଧାନ । ଚାଷୀ ବି ଧାନ ନଷ୍ଟ ହେବା ଭୟରେ ବାଧ୍ୟ ହୋଇ ଏମ୍‌ଏସ୍‌ପି ଠାରୁ ବହୁତ କମ୍ ଦରରେ ଦଲାଲଙ୍କୁ ଧାନ ଟେକିଦେଉଛି । ସରକାରଙ୍କ ଠିକ୍ ସମୟରେ ଧାନ କିଣିବା ଦାବି ଏବଂ ସବୁ ନିୟମ ସତେ ଯେମିତି ଫେଲ୍ ମାରିଛି ଜୟପାଟଣା ଓ କଲମପୁରରେ । ପଡ଼ିରହିଛି ଚାଷୀର ସୁନା ଫସଲ । ଶେଷରେ ବର୍ଷା ଭୟରେ ବାଧ୍ୟ ହୋଇ ଚାଷୀ ଦଲାଲଙ୍କ ହାତରେ କମ୍ ଦରରେ ଧାନ ଟେକିଦେଉଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ଓ କଲମପୁର ବ୍ଲକର । ମଙ୍ଗଳପୁର ହେଉ କି କପୁରମାଲ, ସବୁଠି ମଣ୍ଡି ଗୁଡ଼ିକରେ କେବଳ ଧାନ ବସ୍ତାର ପାହାଡ଼ । ଗଦା ହୋଇଛି ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଧାନ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଋଣ କରଜ କରି ସୁନାର ଫସଲ ଫଳାଇଥିବା ଚାଷୀ ଏବେ ମଣ୍ଡିରେ ଦିନରାତି

# ରବି ଧାନ ଉଠାଣରେ ବିଳମ୍ବ ଜାତୀୟ ରାଜପଥରେ ଚାଷୀ



**ଭବାନୀପାଟଣା,୧୨।୬(ସଂଚାର ବ୍ୟୁରୋ)**: ରାମପୁର ବ୍ଲକର ଅଁଳାପାଲି ଓ ବମକ ମଣ୍ଡିରେ ଚାଷୀଙ୍କ ଚିନ୍ତା ବଢ଼ାଇଛି ଧାନ ଉଠାଣର ବିଳମ୍ବ। ମଣ୍ଡିରେ ୧୦ ହଜାରରୁ ଅଧିକ କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ କାଳବୈଶାଖୀର କରାଳ ରୂପ ଅସମୟ ବର୍ଷାରେ ଧାନ ଭିଜି ନଷ୍ଟ ହୋଇ ଧାନରେ ଗଜା ହୋଇଗଲାଣି। ମିଲର, ସମବାୟ ସମିତି କିମ୍ବା ଯୋଗାଣ ବିଭାଗର କୌଣସି ଅଧିକାରୀଙ୍କ ଦେଖା ନ ମିଳିବାରୁ ଚାଷୀପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜର କଷ୍ଟାଉପାର୍ଜିତ ଫସଲର ସୁରକ୍ଷା ଓ ଶୀଘ୍ର ଉଠାଣ ଦାବି କରି ଆଜି ଶହଶହ ଚାଷୀ ଗୋପାଳ ପୁର ରାୟପୁର ୫୯ ନମ୍ବର ଜାତୀୟ ରାଜପଥ ରେ ଧାନ ବସ୍ତା ରଖି ଶାନ୍ତି ଶୃଙ୍ଖଳା ରକ୍ଷା କରି ରାସ୍ତା ଅବରୋଧ କରିଛନ୍ତି। ଫଳରେ ଶହଶହ ଯାନବାହନ ରାସ୍ତା କଡ଼ ରେ ଅଟକି ରହିଛି। ଯାତ୍ରୀ ମାନଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ଦେଖିବାକୁ ମିଳିଛି।, ମ, ରାମପୁର ବ୍ଲକ କଂଗ୍ରେସ ସଭାପତି ରୁଦ୍ର ପ୍ରତାପ ସିଂହ, ଚାଷୀ ନେତା ତୁମ୍ବେଶ୍ୱର ସାହୁ, ନିଗମାନନ୍ଦ ସାହୁ, କ୍ଷୀରସାଗର ସାହୁ, ମିନକେତନ ସାହୁ, ଶତ୍ରୁଘ୍ନ ସାହୁ, ଝସକେତନ ସାହୁ ପ୍ରମୁଖ ଶହଶହ ଚାଷୀ ଉପସ୍ଥିତ ଥିଲେ।ମ, ରାମପୁର ତସିଲଦାର ମୀମାଂସ ସାହୁ ଙ୍କ ପ୍ରତିଶ୍ରୁତି ପରେ ଚାଷୀ ଆନ୍ଦୋଳନ ରୁ ଓହରିଥିଲେ।

### ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଇ ଲୋକେ ହନ୍ତସନ୍ତ

# କିଡ୍‌ନୀ ରୋଗରେ ଗଲାଣି ଦୁଇ ଜୀବନ



**ଭବାନୀପାଟଣା,୧୨।୬(ସଂଚାର ବ୍ୟୁରୋ)**: କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଲେତେର ଗ୍ରାମ ପଞ୍ଚାୟତ ଅଧୀନ ମକ୍ରାଗୁଡା ଗ୍ରାମରେ ଦୀର୍ଘ ଦିନ ଧରି ଶୁଦ୍ଧ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଜଳ ଜୀବନ ମିଶନ ଯୋଜନା ଅନୁସାରେ ପ୍ରତ୍ୟେକ ଘରକୁ ପାଣି ପହଞ୍ଚାଇବାର ଲକ୍ଷ୍ୟ ଥିଲେ ମଧ୍ୟ ଏହି ଗ୍ରାମରେ ଯୋଜନା କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଗ୍ରାମବାସୀମାନେ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଥିବା ବେଳେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କିଡନୀ ରୋଗରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଗ୍ରାମରେ ଭୟ ଓ ଅସନ୍ତୋଷ ବଢ଼ିଛି।ପାଣି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗ୍ରାମବାସୀମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ତୁରନ୍ତ ଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।ଗ୍ରାମବାସୀଙ୍କ କହିବା ଅନୁସାରେ, ଅନେକ ଥର ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ଯେ, ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ।

## ଶିଶୁ ଶ୍ରମ ନିରୋଧ ଦିବସରେ ସଚେତନତା ରଥ ଉଦ୍‌ଘାଟିତ



**ସୁବର୍ଣ୍ଣପୁର,୧୨।୬(ସଂଚାର ବ୍ୟୁରୋ)**: ସୁବର୍ଣପୁର ଜିଲ୍ଲାରେ ଶିଶୁ ଶ୍ରମକୁ ଲାଲ କାର୍ଡ ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ପାଳନ ଅବସରରେ ସଚେତନତା ରଥ ଉଦଘାଟିତ। ସୁବର୍ଣପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରୁ ସାମୁହିକ ସଚେନତତା ପାଇଁ ଜିଲ୍ଲାପାଳ ଡ. ନୃପରାଜ ସାହୁ ଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ସିଏସିଏଲ ଓଡିଶା ଓ ସୁବର୍ଣ୍ଣପୁର ତରଫରୁ ଶିଶୁ ଶ୍ରମ କୁ ଲାଲ କାର୍ଡ ଓ ଶିଶୁ ଶ୍ରମ କୁ ନିରୋଧ କରିବା ପାଇଁ ଦସ୍ତଖତ ଅଭିଯାନ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଓ ଗ୍ରାମୋତ୍ଥାନ ଦ୍ୱାରା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଦେବାଶିଷ ଦାଶ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଉଷରାଣୀ ଦାଶ, ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷା ଲୀନା ବାବୁ, ଜିଲ୍ଲା ସହ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତନନ୍ଦ ସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଏବଂ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ସହ ଗଣମାଧ୍ୟମର ପ୍ରତିନିଧି ଓ ସାମାଜିକ ସଂଗଠନ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଶିଶୁ ଶ୍ରମ କୁ ଲାଲ କାର୍ଡ ଓ ଦସ୍ତଖତ ଅଭିଯାନ କୁ ରେଆର ର ସାଧାରଣ ସମ୍ପାଦକ ଅନଙ୍ଗ ନେଗି, ମନୋଜ କୁମାର ସ୍ୱାଇଁ ଓ ଗ୍ରାମୋତ୍ଥାନ ର କର୍ମକର୍ତ୍ତା ରଶ୍ମୀତା ପ୍ରଧାନ ଓ ମାନସୀ ମେହେର ସଂଯୋଜନା କରିଥିଲେ।

## କପା ଚାଷର ଅଭିବୃଦ୍ଧି ନେଇ ଓଡ଼ିଶା କିଷାନ୍ କଂଗ୍ରେସର ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୧୨।୬(ସଂଚାର ବ୍ୟୁରୋ)**: ସୋନପୁର ଓଡ଼ିଶା ପ୍ରଦେଶ କିଷାନ୍ କଂଗ୍ରେସ ପକ୍ଷରୁ ସୋନପୁର ଠାରେ କପା ଚାଷ ର ଅଭିବୃଦ୍ଧି ନେଇ ବିଭିନ୍ନ ଜିଲ୍ଲା ର ଚାଷୀ ସଂଗଠନ ନେତା ଙ୍କ ସହ ଆଜି ସର୍କିଟ ହାଉସ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କିଶାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ, ଉପାଧ୍ୟକ୍ଷ କାର୍ତ୍ତିକେଶ୍ୱର ବରାଳ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା କିଷାନ୍ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ନାଏକ ଏହି ସଭାକୁ ଅଧ୍ୟକ୍ଷତା କରିଥିବା ବେଳେ ପତିତପାବନ ପ୍ରଧାନ, ବଲାଙ୍ଗୀର କିଶାନ କଂଗ୍ରେସ ନେତା, ଗୁଣମଣି ସାହୁ, ବରଗଡ଼ ସଭାପତି, ସିଦ୍ଧାର୍ଥ ନାଏକ, କଳାହାଣ୍ଡି ସଭାପତି, ସରୋଜ କୁମାର ପ୍ରଧାନ ବୌଦ୍ଧ ଜିଲ୍ଲା ସଭାପତି, ନରେନ୍ଦ୍ର ସାହୁ, ସୁବର୍ଣ୍ଣପୁର ଜିଲ୍ଲା ର ଶେଷଦେବ ମେହେର, ବିଜୟୀ ଭୋଇ, ଭାଗିରଥୀ ବଗର୍ତ୍ତି, ସୁଶାନ୍ତ କାଣ୍ଡ, ପ୍ରମୋଦ ଗୁରୁ, ଅମିତ ନାଏକ, ଓ ସିଦ୍ଧେଶ୍ୱର ଗିରି ପ୍ରମୁଖ ଏହି ବୈଠକ ରେ ଉପସ୍ଥିତ ରହି କପା ଚାଷ ର ଉନ୍ନତି ଓ ସଫଳତା ପାଇଁ ନିଜ ନିଜର ମତ ରଖିଥିଲେ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

**ନୀଳଗିରି,୧୨।୬,(ସଂଚାର ବ୍ୟୁରୋ)**: ବରହମପୁର ଅଞ୍ଚଳର ସୁନାମଧନ୍ୟ ପୂର୍ବତନ ଶିକ୍ଷକ ଶ୍ରୀଯୁକ୍ତ ପଞ୍ଚାନନ ମହାପାତ୍ର ଙ୍କ ର ସ୍ୱାସ୍ଥ୍ୟ ଖରାପ ହେବାରୁ ଗତ ୨୮/୫ ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ତାଙ୍କୁ ବାଲେଶ୍ୱର ମେଡିକାଲ ଏବଂ ସେଠାରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇ ଥିଲା। ଦୀର୍ଘ ୧୨ ଦିନ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ଡାକ୍ତର ଙ୍କ ସଫଳ ଚେଷ୍ଟା ସତ୍ତ୍ୱେ ଗତ ୧୦/୬ ରିଖ ରାତ୍ରି ୧୧.୨୦ ମି.ରେ ୯୧ ବର୍ଷରେ ପରଲୋକ ହୋଇଥିଲା। ତାଙ୍କର ଚାକିରି କାଳରେ ସେ ପ୍ରଥମେ ନୀଳଗିରି ଅଞ୍ଚଳର ପାଟଣା ଉ.ପ୍ରା. ବିଦ୍ୟାଳୟରେ କାର୍ଯ୍ୟ କରି ସେ ଅଞ୍ଚଳରେ ସୁନାମଧନ୍ୟ ହୋଇଥିଲେ। ପରେ ପରେ ବାଉଁଶପାଳ ଉ.ପ୍ରା, ଧରମପୁର ଉ.ପ୍ରା ଏବଂ ସର୍ବଶେଷରେ ବରହମପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ରୁ ୧୯୯୪ ମସିହା ରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଶିକ୍ଷାକତା ଛଡା ନାଟ୍ୟକଳା କ୍ଷେତ୍ରରେ ମଧ୍ୟ ଅଭିଜ୍ଞତା ଥିଲା।

## ମରଣାନ୍ତଙ୍କ ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼, ୧୨।୬(ସଂଚାର ବ୍ୟୁରୋ)**: ଜୁନ ୧୨ ତାରିଖ ଆଦିବାସୀ ଓ ଦଳିତ ଠିକାଦାର ପରିବହନ ସଂସ୍ଥାର ସଭାପତି ଦିଲ୍ଲୀପ କୁମୁରାଙ୍କ ବୟାନ ରେକର୍ଡ଼ କରିବାର କିଛି ଘଣ୍ଟା ମଧ୍ୟରେ ତାଙ୍କୁ ମରଣାନ୍ତଙ୍କ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଅଭିଯୁକ୍ତଙ୍କୁ ଭସ୍ମା ପୋଲିସ ଗିରଫ କରି ବିଭିନ୍ନ ଦଫାରେ କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ - ଶିବା ଘାସି ଓ ରୁକେଶ ଖଡ଼ିଆ। ଉଭୟ ଅଭିଯୁକ୍ତଙ୍କ ଘର ଝାରସୁଗୁଡ଼ା ଜିଲ୍ଲା ତିଲେଇ ମାଲରେ ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କୁ ପୋଲିସ ଦଫା- ୧୨୬(୨)/୧୧୫(୨)/୧୧୭(୨)/୨୯୬/୩୫୧(୨)/୩(୫)/୩(୧)(ଆର )/୩(୧)(ଏସ )/୩(୨)(ଭିଏ )/୨୫/୨୭ ଅସ୍ତ୍ରଶସ୍ତ୍ର ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଛି।

## ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



**ବାଲିପାଟଣା, ୧୨।୬(ସଂଚାର ବ୍ୟୁରୋ)**: ଆସନ୍ତା ୧୪ ତାରିଖ ରବିବାର ଗଣପର୍ବ ରଜ ଉତ୍ସବ ଗାଁ ଗଣ୍ଡା ପୁର ପଲ୍ଲୀରେ ଧୁମ ଧାମରେ ପାଳନ ଲାଗି ଉତ୍ସବ ମୁଖର ହୋଇଛି। ଏହି ଅବସରରେ ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ନୀଳକଣ୍ଠେଶ୍ୱର ଙ୍କ ପୀଠରେ ପ୍ରଥମ ରଜ ମହୋତ୍ସବ ଏବଂ ପାଇକ ସଙ୍ଘ ଉଦଘାଟନ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଶ୍ରୀ ନୀଳକଣ୍ଠେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସିଦ୍ଧି ବିନାୟକ ଚାରି ଟେବୁଲ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ମହୋତ୍ସବ ପାଳନ ହେବ ବୋଲି ସ୍ଥିର ହୋଇଛି।ନୀଳକଣ୍ଠେଶ୍ୱର ସାଂସ୍କୃତିକ ପରିଷଦ ସଦସ୍ୟ ଏବଂ ସିଦ୍ଧି ବିନାୟକ ଚାରି ଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରାଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ସମ୍ବନ୍ଧ ରେ ଚୂଡ଼ାନ୍ତ ଆଲୋଚନା ହୋଇଥିଲା। ରଜ ଦୋଳି, ପାଇକ ଖେଳ, ତାସ, ଲୁଡୁ, ଝୋଟି ପ୍ରଭୃତି ପ୍ରତିଯୋଗିତା କରାଯିବ ବୋଲି ସ୍ଥିର ହୋଇଛି। ସେହିପରି ରବିବାର ସନ୍ଧ୍ୟା ରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଙ୍କ ସହ ଚଳଚିତ୍ର ଅଭିନେତ୍ରୀ ଜୀନା ସାମଲ, ବିଦୁସ୍ମିତା ମନ୍ତ୍ରୀ, ଏବଂ ହାସ୍ୟ ଅଭିନେତା ମି.ଗୁଲୁଆ ପ୍ରମୁଖ ଯୋଗଦେବା ର କାର୍ଯ୍ୟକ୍ରମ ରହିଛି। ରବିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବର୍ଣ୍ଣ ଟୁ ହେଲ୍ପ ଅଲ୍ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉକ୍ତ ଶିବିର ରେ ବହୁ ବିଶିଷ୍ଟ ଡାକ୍ତର ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ଜଣା ପଡ଼ିଛି।

## ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗଙ୍କ ଗୁହାରୀ



**ବାଲିକୁଦା,୧୨।୬ (ସଂଚାର ବ୍ୟୁରୋ)**: ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ରାହାଣ ଗ୍ରାମ ପଞ୍ଚାୟତର କୋସିଦା ଗ୍ରାମର ଦିବ୍ୟାଙ୍ଗ ଯୁବକ ସନାତନ ମଲ୍ଲିକ (୪୫) ନିଜ ସମସ୍ୟା ନେଇ ବାଲିକୁଦା ବିଡିଓଙ୍କୁ ସାକ୍ଷାତ କରି ଗୁହାରି ଜଣାଇଛନ୍ତି। ସନାତନଙ୍କ ଅଭିଯୋଗ ଅନୁସାରେ, ସେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବା ବେଳେ ସରକାରଙ୍କ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ମାତ୍ର ଆବାସ ଯୋଜନାରେ ଘର ପାଇବା ନେଇ ପଚାରିବାରୁ ତଦନ୍ତକାରୀ ଦଳ ତାଙ୍କୁ "ଅବିବାହିତ ଥିବାରୁ ଘର ମିଳିବ ନାହିଁ" ବୋଲି କହିଥିବା ସେ ଅଭିଯୋଗ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ନିଜ ଦୁଃଖ ବର୍ଣ୍ଣନା କରି ସନାତନ କହିଥିଲେ, ମୋର ଏପରି ଶାରୀରିକ ଅବସ୍ଥାରେ ମୋତେ କିଏ ବିବାହ କରିବ ? କେବଳ ଅବିବାହିତ ହୋଇଥିବାରୁ ଯଦି ଘର ମିଳିବ ନାହିଁ, ତେବେ ଏହା ମୋ ପାଇଁ ଅନ୍ୟାୟ। ଏହି ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ଯେ, ଅନ୍ତୋଦୟ ଗୃହ ଯୋଜନାରେ ଘର ପାଇଥିବା ସମସ୍ତ ହିତାଧିକାରୀ କଣ ବିବାହିତ ? ଯୋଜନାର ମାନଦଣ୍ଡ ଅନୁଯାୟୀ ଦିବ୍ୟାଙ୍ଗଙ୍କୁ ଅଗ୍ରାଧିକାର ଦିଆଯିବା କଥା ଥିବାବେଳେ ବାଲିକୁଦା ବ୍ଲକର ଅନେକ ଦିବ୍ୟାଙ୍ଗ ଓ ଆର୍ଥିକ ଭାବେ ଦୁର୍ବଳ ପରିବାର ଏହି ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପଟେ କିଛି ଅଯୋଗ୍ୟ ବ୍ୟକ୍ତି ଯୋଜନାର ସୁବିଧା ପାଇଥିବା ନେଇ ମଧ୍ୟ ଆଲୋଚନା ଚାଲିଛି, ଯାହା ତଦନ୍ତ ସାପେକ୍ଷ। ସନାତନ ଆହୁରି କହିଛନ୍ତି ଯେ, ସେ ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରୀ ସହାୟତାରେ ଏକ ଟ୍ରାଇସାଇକେଲ କିମ୍ବା ଗତିଶୀଳତା ଉପକରଣ ପାଇନାହାନ୍ତି। ଯଦି ତାଙ୍କୁ ଏଭଳି ସହାୟକ ଉପକରଣ ଯୋଗାଇ ଦିଆଯାଏ, ତେବେ ସେ ଦୈନନ୍ଦିନ ଚଳାବୁଲା କାର୍ଯ୍ୟ ସହଜରେ କରିପାରିବେ ବୋଲି।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଗଞ୍ଜାମ,୧୨।୬ (ସଂଚାର ବ୍ୟୁରୋ)**: ଶେରଗଡ଼ ମିଶନ ଶକ୍ତିଗୃହରେ ଶେରଗଡ଼ ଆଇ ସି ଡିଏସ ପକ୍ଷରୁ ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିଶୁ ପାଇଁ ଦିନଟିଏ ଓ ଗେଲ୍ଲାଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରୀ ଶିଶୁଙ୍କ ସାମାଜିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ମାନସିକ, ସାମାଜିକ ବିକାଶ, ଦକ୍ଷତା ବୃଦ୍ଧି କନ୍ୟା ଭ୍ରୁଣ ହତ୍ୟା ରୋକିବା ଓ ବୃକ୍ଷ ରୋପଣ ପାଇଁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ କମିଟି, ଅଙ୍ଗନବାଡି କର୍ମୀ, ପରିଦର୍ଶୀକା ଓ ଆଇସିଡିଏସର କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



**ସୁବର୍ଣ୍ଣପୁର,୧୨।୬(ସଂଚାର ବ୍ୟୁରୋ)**: ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାଜ୍ୟର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତଙ୍କୁ ସାମିଲ କରାଯାଇ ସେମାନଙ୍କର ମୁଣ୍ଡପିଛା ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ଦିଆଯିବ। ଚାଉଳର ପରିମାଣ ୫ କିଲୋଗ୍ରାମରୁ ୧୦ କିଲୋଗ୍ରାମକୁ ବୃଦ୍ଧି କରାଯାଇଛି। ମାଗଣାରେ ମୁଣ୍ଡ ପିଛା ୧୦ କେଜି ଚାଉଳ ଦିଆଯିବ ଏବଂ ଏହି ଯୋଜନା ଏହି ବର୍ଷ ଏପ୍ରିଲରୁ ଲାଗୁ ହେବ। ଏହି ଅବସରରେ ମାନନୀୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ ସୁବର୍ଣ୍ଣପୁରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ୧, ୫୬, ୬୦୫ ଜଣ କାର୍ଡଧାରୀ ଏହାର ଲାଭ ପାଇପାରିବେ। ମୋଟ ୫ ଲକ୍ଷ ୨ ଶହ ୮୯ ଜଣ ସଦସ୍ୟ ଏହା ଦ୍ୱାରା ଉପକୃତ ହେବେ। ଟାଉନ ହଲ୍‌ରେ ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁରରେ ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ୧୦ ଜଣ ଅଙ୍ଗନବାଡ଼ି ଦିଦିଙ୍କୁ ସ୍ମାର୍ଟଫୋନ ବଣ୍ଟନ କରାଯାଇଥିଲା।

## ବିସ୍ଥାପିତ ପରିବାର ଉନ୍ନୟନ ପରିଷଦକୁ ସମାଲୋଚନା



**କଳିଙ୍ଗନଗର,୧୨।୬(ସଂଚାର ବ୍ୟୁରୋ)**: ଗତ କିଛିଦିନ ପୂର୍ବରୁ ବିସ୍ଥାପିତ ଉନ୍ନୟନ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ନୀଳାଞ୍ଚଳ ଇସ୍ପାତ ର ବାସଚ୍ୟୁତ ପରିବାର ବିପକ୍ଷରେ କହିବା ସହିତ ନିଜକୁ ମଧ୍ୟ ନୀଳାଚଳ ବାସଚ୍ୟୁତ ଦାବିକରିଥିଲେ। ଏହାକୁ ବିରୋଧ କରି ଆଜି ନିଳାଚଳ ଇସ୍ପାତ ର ବାସଚ୍ୟୁତ ପରିବାର ପକ୍ଷରୁ କଳିଙ୍ଗନଗରଠାରେ ଏକ ସାମ୍ବାଦିକ ସମ୍ମିଳନୀକରି ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ଉପରେ ବର୍ଷିବା ସହିତ ତୁମେ ଟାଟା ବିସ୍ଥାପିତ ଟାଟା କଥା ଚିନ୍ତା କର ଆମ ପାଇଁ ଏମିତି ନିଜ ସ୍ୱାର୍ଥ ପାଇଁ କୁମ୍ଭୀର କାନ୍ଦଣା କାନ୍ଦନି କହିଛନ୍ତି ବାସଚ୍ୟୁତ ପରିବାର। ତାଙ୍କର କହିବା କଥା ବିଗତ ଦିନରେ ବିସ୍ଥାପିତ ପରିବାର ଯେତେବେଳେ ରାଜ ରାସ୍ତାରେ ବସିଥିଲେ ସେତେବେଳେ ସେ କେଉଁଠି ଥିଲେ ଏବଂ ଅନେକ ନିରିହ ବିସ୍ଥାପିତଙ୍କ ଜମି ହଡପ କରାଇ, କୋଟି କୋଟି ଟଙ୍କାର ଲାଭ ଉଠାଯାଇ ଏବଂ ଠିକାଦାରୀ ବ୍ୟବସାୟ ମାଧ୍ୟମରେ କେତେକ ଲୋକ ନିଜର ଆର୍ଥିକ ସାମ୍ରାଜ୍ୟ ଗଢ଼ିବା ଯୋଗୁଁ ପ୍ରକୃତ ବିସ୍ଥାପିତ ପରିବାରମାନେ ଉନ୍ନତିରୁ ବଞ୍ଚିତ ହୋଇ ଶୋଷଣର ଶିକାର ହେଉଥିବା ଅଭିଯୋଗ ମଧ୍ୟ କରିଛି ବାସଚ୍ୟୁତ ପରିବାର। ଏ ସବୁ କ୍ଷେତ୍ରରେ ଦୁରେଇ ରୁହନ୍ତୁ, ନହେଲେ ଆଗାମୀ ଦିନରେ ଦୃଢ଼ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛି ବାସଚ୍ୟୁତ ପରିବାର।ସୂଚନାଥାଉକି କଳିଙ୍ଗନଗର ଗୁଳିକାଣ୍ଡ ପରେ ବିସ୍ଥାପିତ ପରିବାରମାନଙ୍କ ସାମ୍ନାରେ ଅନେକ ସମସ୍ୟା ଦେଖାଦେଇଥିଲା।

## ନିମ୍ନମାନର ରାସ୍ତା କାମ ପାଇଁ ଜମୁଛି ପାଣି : ତେଜୁଛି ଜନ ଅସନ୍ତୋଷ

**ଚମ୍ପୁଆ,୧୨।୬ (ସଂଚାର ବ୍ୟୁରୋ)**: କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତର ରଜିଆ ଗ୍ରାମରେ ଏକ ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଓ ନିର୍ବାହୀ ସଂସ୍ଥାର ଆଖିବୁଜା ନୀତି ଯୋଗୁଁ ସରକାରୀ ଅର୍ଥର ଶ୍ରାଦ୍ଧ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ମିଳିଥିବା ସୂଚନା ମୁତାବକ, ରଜିଆ ଗ୍ରାମର ରାଧାମାଧବ ପାଠାଗାର ଠାରୁ ବାଳଦେବ ଗିରୀଙ୍କ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଛି। କେନ୍ଦୁଝର ଜିଲ୍ଲା ପରିଷଦର 'ପଞ୍ଚମ ରାଜ୍ୟ ଅର୍ଥ କମିଶନ' ଯୋଜନାରେ ଆର୍ଥକ ବର୍ଷ ୨୦୨୫-୨୬ ପାଇଁ ଏହି କାର୍ଯ୍ୟ ନିମନ୍ତେ ୧, ୪୩, ୮୦୩ ଟଙ୍କାର ଅନୁଦାନ ଅଟକଳ କରାଯାଇଥିଲା।

### ଏକ ଶତାବ୍ଦୀ ଧରି ଅବହେଳିତ ବୈଶିଙ୍ଗା ହସ୍ପିଟାଲ

# ନୂଆ ସରକାର ଗଠନ ପରେ ପରିବର୍ତ୍ତନ ନେଇ ଅଞ୍ଚଳବାସୀ ଆଶାବାଦୀ



**ବୈଶିଙ୍ଗା,୧୨।୬ (ସଂଚାର ବ୍ୟୁରୋ)**: ସ୍ୱାଧୀନତା ପୂର୍ବରୁ ୧୯୨୫ ମସିହାରେ ବୈଶିଙ୍ଗା ଠାରେ ତତ୍କାଳୀନ ମହାରାଜାଙ୍କ ଦ୍ୱାରା ଯେଉଁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା ଶହେ ବର୍ଷ ବିତିଗଲା ପରେ ମଧ୍ୟ ସେହି ପୂର୍ବଭଳି ଆଜବେଷ୍ଟସ୍ ଛପର ଘରେ ସ୍ୱାସ୍ଥ୍ୟ ସେବା ଚାଲିଛି। ପୂର୍ବରୁ ୪ଜଣ ଡାକ୍ତର ସେବା ଯୋଗାଉ ଥିବା ବେଳେ ତା ମଧ୍ୟରୁ ଜଣେ ପ୍ରସୂତୀ ସହିତ ଶିଶୁ ବିଶେଷଜ୍ଞ ସେବା ଦେଉଥିବାର ନଜିର ରହିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରସ୍ତୁତ କରୁଛନ୍ତି ସତ ମାତ୍ର କାର୍ଯ୍ୟକାରୀ ଘରେ ଶୂନ। କେତେ ବିଧାୟକ, ସାଂସଦ, ମନ୍ତ୍ରୀ, ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ସାରିଲେଣି କିନ୍ତୁ ଡାକ୍ତରଖାନା ପ୍ରତି କାହାରି ଇଚ୍ଛାଶକ୍ତି ନ ଥିବାର ଜଣାଯାଇଛି। ୨୫ ବର୍ଷର ବିଜେଡି ସରକାରୀ ଦଳର ଗଣ୍ଡା ଗଣ୍ଡା ନେତା ନିର୍ବାଚନ ଆସିଲେ ସବୁ ସମାଧାନ ହୋଇଯିବାର ପ୍ରତିଶ୍ରୁତି ଦିଅନ୍ତି, ମାତ୍ର ତାପରେ ସବୁ ଭୁଲି ଯାଆନ୍ତି। ରାଜ୍ୟର ବିଭିନ୍ନ ସରକାର ଗତ ୭୫ ବର୍ଷ ମଧ୍ୟରେ ରାଜ୍ୟ ରେ କୋଣ ଅନୁକୋଣ ରେ କେତେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିସାରିଲେଣି ସତ କିନ୍ତୁ ବୈଶିଙ୍ଗା ଡାକ୍ତରଖାନାର ନା ରୂପ ପରିବର୍ତ୍ତନ ହୋଇଛି ନା ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତର ନିଯୁକ୍ତି ହୋଇ ପାରିଛନ୍ତି। ଏହାକୁ ଭିତ୍ତି କରି ବୈଶିଙ୍ଗା ମିଡିଆ ସେଣ୍ଟର ଆନୁକୂଲ୍ୟରେ ୨୦୨୩ ଅକ୍ଟୋବର ୨ ରୁ ଦଶ ଦିନ ପାଇଁ ଡାକ୍ତରଖାନା ପାର୍ଶ୍ୱରେ ଏକ ଅନଶନ ଅନୁଷ୍ଠିତ ହୋଇଥିଲା। ଖୁବ ଶୀଘ୍ର ଏହି ଆଞ୍ଚଳିକ ଡାକ୍ତରଖାନା କୁ ସିଏଚସି -୨ କରାଯିବା ପାଇଁ ସରକାରୀ ଦଳର ନେତା ମାନଙ୍କ ପ୍ରତିଶ୍ରୁତି ମିଳିବା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ଦେଢ କୋଟି ଟଙ୍କା ଦିଆଯିବାର ସିଦ୍ଧାନ୍ତ ହୋଇଥିଲା। ମାତ୍ର ସମୟ ଅନୁସାରେ ଦେଢ କୋଟି ଟଙ୍କା ମିଳି ପାରିନଥିଲା। ସାରା ରାଜ୍ୟରେ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ବୈଶିଙ୍ଗା ଡାକ୍ତରଖାନାରେ ଡାକ୍ତର ପଦବୀ ଆଂଶିକ ଭାବେ ପୂରଣ ହୋଇଛି ସତ ମାତ୍ର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସହିତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହୋଇ ପାରିନଥିଲା।

# ଗାଡି ଭଙ୍ଗାରୁଜା ମାମଲାରେ ଦୁଇ ଗିରଫ



**ବୈଶିଙ୍ଗା,୧୨।୬ (ସଂଚାର ବ୍ୟୁରୋ)**: ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ଯୁଗଳ ଛକ ନିକଟରେ ଦୁଇ ମାସ ତଳେ ଏକ ମହିନ୍ଦ୍ରା ଥାର୍ ଗାଡ଼ି ଭଙ୍ଗାରୁଜା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୋଲିସ। ମିଳିଥିବା ସୂଚନା ମୁତାବକ ବଡ଼ସାହି ଥାନା ଅର୍ନ୍ତଗତ ବଡ଼ ଗମ୍ଭାରିଆ ଗ୍ରାମର ଚନ୍ଦନ କୁମାର ଗିରି, ବୈଶିଙ୍ଗା ଅଞ୍ଚଳର ବିଶ୍ୱଜିତ ଦାସ ଓ କାହ୍ନୁଚରଣ ବାରିକ ଗତ ମାର୍ଚ୍ଚ ମାସ ୨୦ ତାରିଖ ରାତି ବାରଟା ସମୟରେ ଏକ ମହିନ୍ଦ୍ରା ଥାର୍ ଗାଡ଼ି ଯୋଗେ ଯାଉଥିବା ବେଳେ ବୈଶିଙ୍ଗା ବଜାର ପାଖରୁ ସେମାନଙ୍କୁ ପିଛା କରୁଥିବା ତିନଟି କାର ତାଙ୍କ ଥାର୍ ଗାଡ଼ିକୁ ଅତିକ୍ରମ କରି ସାମନାକୁ ଆସି ଯୁଗଳ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ସେମାନେ ଅଟକି ଯିବା ପରେ ତିନୋଟି ଗାଡ଼ିରୁ ପ୍ରାୟ କୋଡ଼ିଏରୁ ଊର୍ଦ୍ଧ୍ୱ ଯୁବକ ସେମାନଙ୍କୁ ଘେରି ଯାଇ ଘୋଷାଡି ଆଣି ନିର୍ଦ୍ଧୁମ ମାଡ଼ ମାରିଥିଲେ ଓ ଲୁହା ରଡ୍ ରେ ତାଙ୍କ ଥାର୍ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ସେହି ଅବସ୍ଥାରେ ଚନ୍ଦନ ପିନ୍ଧିଥିବା ସୁନାଚେନ୍ ଓ ବ୍ରେସଲେଟ ମଧ୍ୟ ଘୋଷାଡି ନେଇଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ।